୬ ପଞ୍ଜାବକୁ ୭ ୱିକେଟରେ ହରାଇ ପ୍ରତିଶୋଧ ନେଲା ବେଙ୍ଗାଲୁରୁ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00





● ବର୍ଷ–୩୨ ● ସଂଖ୍ୟା–୮୩ ● ୨୧ ଅପ୍ରେଲ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-83 ● 21st April 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଆସିବ ବନ୍ଦେ ଭାରତ ସ୍ଲିପର ଟ୍ରେନ : ସହଜ ହେବ ଯାତ୍ରା



**ନୂଆଦିଲ୍ଲୀ, ୨୦।୪**

ଆସିବ ବନ୍ଦେ ଭାରତ ସ୍ଲିପର ଟ୍ରେନ, ଆହୁରି ସହଜ ହେବ ବନ୍ଦେ ଭାରତ ଟ୍ରେନ ଯାତ୍ରା । ରେଲୱେ ପକ୍ଷରୁ ବନ୍ଦେ ଭାରତ ସ୍ଲିପର ଟ୍ରେନ ଲଞ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହା ଦିଲ୍ଲୀ ଓ ହାଓଡା ଟ୍ରାକରେ ଗଡ଼ିବ ବୋଲି ସୂଚନା ମିଳିଛି।

ଦିଲ୍ଲୀ ଏବଂ ହାଓଡ଼ା ମଧ୍ୟରେ ଭାରତୀୟ ରେଳବାଇ ବନ୍ଦେ ଭାରତ ସ୍ଲିପର ଟ୍ରେନ ଆରମ୍ଭ କରିବ। ବନ୍ଦେ ଭାରତ ସ୍ଲିପର ଟ୍ରେନ ପ୍ରଚଳନ ସହିତ ଭାରତୀୟ ରେଳବାଇ ଦୀର୍ଘ ଦୂରତା ଯାତ୍ରାକୁ ହ୍ରାସ ପାଇଁ ଯୋଜନା ପ୍ରସ୍ତୁତ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରିମିୟମ ସ୍ଲିପର ସେବା ଦିଲ୍ଲୀ–ହାଓଡା ରୁଟରେ କାର୍ଯ୍ୟ କରିବ, ଯାହା ଯାତ୍ରୀମାନଙ୍କୁ ଏକ ଆଧୁନିକ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ।

ବନ୍ଦେ ଭାରତ ସ୍ଲିପର ଟ୍ରେନ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଯାତ୍ରୀ ଆରାମକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି । ଏହା ଏକ ଅର୍ଦ୍ଧ-ହାଇ-ସ୍ପିଡ କ୍ଷମତା ପ୍ରଦାନ କରେ, ଯାହା ଘଣ୍ଟା ପ୍ରତି ୧୬୦ କିମି ପର୍ଯ୍ୟନ୍ତ ବେଗରେ ପହଞ୍ଚିଥାଏ, ଯାହା ଦ୍ରୁତ ଏବଂ ଅଧିକ ଦକ୍ଷ ଯାତ୍ରା ସୁନିଶ୍ଚିତ କରେ। ଯାତ୍ରୀ ସୁବିଧାଗୁଡ଼ିକରେ ସ୍ୱୟଂଚାଳିତ ପ୍ଲଗ ଦ୍ୱାର, ପ୍ରଶସ୍ତ ଗ୍ୟାଙ୍ଗୱେ, ଉପର ବର୍ଥକୁ ପ୍ରବେଶ କରିବା ପାଇଁ ଏରଗୋନୋମିକ ସିଡ଼ି ଏବଂ ଆଲୋକ, ଏୟାର କଣ୍ଡିସନିଂ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ଏକ କେନ୍ଦ୍ରୀୟ କୋଚ ମନିଟରିଂ ସିଷ୍ଟମ ଅନ୍ତର୍ଭୁକ୍ତ।

ଏହି ଟ୍ରେନରେ ଅନବୋର୍ଡ ୱାଇ-ଫାଇ ଏବଂ ସିସି ଟିଭି ନିରୀକ୍ଷଣ ସୁବିଧା ଉପଲବ୍ଧ ଥିବାବେଳେ ଯାତ୍ରୀମାନଙ୍କ ପାଇଁ ସୁଗମ ଶୌଚାଳୟ ମଧ୍ୟ ପ୍ରଦାନ କରାଯାଏ। ଏକ ଜରୁରୀକାଳୀନ ଟକ୍-ବ୍ୟାକ ୟୁନିଟ ଯାତ୍ରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଟ୍ରେନ ପରିଚାଳକ କିମ୍ବା ଲୋକୋ ପାଇଲଟ ସହିତ ସିଧାସଳଖ ଯୋଗାଯୋଗ କରିବାକୁ ଅନୁମତି ପ୍ରଦାନ କରିବ।

ଭାରତୀୟ ରେଳବାଇ ଡିସେମ୍ବର ୨୦୨୫ ସୁଦ୍ଧା ନଅଟି ଅତିରିକ୍ତ ୧୬ କୋଚ ବିଶିଷ୍ଟ ବନ୍ଦେ ଭାରତ ସ୍ଲିପର ଟ୍ରେନ ନିର୍ମାଣ କରିବାକୁ ଯୋଜନା କରୁଛି । ସେହିପରି ୨୦୨୬-୨୭ରେ ୨୪ କୋଚ ବିଶିଷ୍ଟ ଟ୍ରେନ ସେଟର ପୂର୍ଣ୍ଣ-ସ୍ତରର ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି । ବନ୍ଦେ ଭାରତ ସ୍ଲିପର ଟ୍ରେନ ଦୀର୍ଘ-ଦୂରତା ରେଳ ଯାତ୍ରାରେ ବିପ୍ଳବ ଆଣିବାକୁ ପ୍ରସ୍ତୁତ ହେଉଥିବାବେଳେ ଏହା ଯାତ୍ରୀମାନଙ୍କୁ ଏକ ସୁରକ୍ଷିତ, ଆରାମଦାୟକ ଏବଂ ଦକ୍ଷ ପରିବହନ ବ୍ୟବସ୍ଥା ଯୋଗାଇବାରେ ସହାୟକ ହୋଇପାରିବ ବୋଲି ଭାରତୀୟ ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ରତ୍ନଭଣ୍ଡାର ମରାମତି ହୋଇ ନ ଥିଲେ ଭୁଶୁଡ଼ି ପଡିଥାନ୍ତା : ମନ୍ତ୍ରୀ

**ଭୁବନେଶ୍ୱର, ୨୦।୪**
**ନ୍ୟୁଜ୍ ବ୍ୟୁରୋ**

ରତ୍ନ ଭଣ୍ଡାର ମରାମତି ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବଡ ବକ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ରତ୍ନ ଭଣ୍ଡାର ମରାମତି ହୋଇ ନ ଥିଲେ ଭୁଶୁଡ଼ି ପଡ଼ି ଥାଆନ୍ତା ।

ରବିବାର ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି ଯେ, ସ୍ନାନ ପୂର୍ଣ୍ଣିମା ପୂର୍ବରୁ ରତ୍ନ ଭଣ୍ଡାର ମରାମତି ଚୂଡାନ୍ତ ସ୍ଥିତିକୁ ଆସିଲାଣି। ନୀତିକାନ୍ତି ବ୍ୟାଘାତ ନ କରି ମରାମତି କାମ ଚାଲିଛି। ଦିନରେ ଦେଢ଼ ଘଣ୍ଟାରୁ ଦୁଇ ଘଣ୍ଟା ମରାମତି କାମ ଚାଲିଛି।

ରତ୍ନ ଭଣ୍ଡାରର ଯେତିକି ଡ୍ୟାମେଜ ହୋଇଥିଲା, ଯଦି ମରାମତି ହୋଇ ନ ଥାଆନ୍ତା, ମୋର ତ ଆଶଙ୍କା ଯେ ହୁଏତ ଭିତର କେତେବେଳେ ଭୁଶୁଡ଼ି ପଡ଼ି ଥାଆନ୍ତା। ତେଣୁ ସେଭଳି ସ୍ଥିତିରେ ଥିବା



ରତ୍ନ ଭଣ୍ଡାରକୁ ସମ୍ପୂର୍ଣ୍ଣରୂପେ ଶହେରୁ ଦୁଇ ଶହ ବର୍ଷ ଠିକ୍ ଢ଼ଙ୍ଗରେ ରହିଲା ପରି ମରାମତିର ଯେଉଁ ପ୍ରକ୍ରିୟା ରହିଛି ତାକୁ ନଜରରେ ରଖି ଏଏସଆଇକୁ କୌଣସି ପ୍ରକାର ବ୍ୟସ୍ତ କରାଯାଉ ନାହିଁ। ସେମାନେ ତାଙ୍କ ନିଜ ଟାଇମରେ କାମ କରୁଛନ୍ତି। ଯେହେତୁ ଏଏସଆଇକୁ ସମୟ କମ ଦିଆଯାଉଛି ସେଇ ଦୃଷ୍ଟିରୁ ବିଳମ୍ବିତ ହେଉଛି। ସ୍ନାନ ଯାତ୍ରା ପୂର୍ବରୁ ଆମେ ବି ସାରିବା ପାଇଁ ଚେଷ୍ଟା କରୁଛୁ। ରତ୍ନ ଭଣ୍ଡାରର କାମ ସରିବା ପର୍ଯ୍ୟନ୍ତ ଅପେକ୍ଷା କରିବା।

ପୁରୀ ଶ୍ରୀମନ୍ଦିରରେ ହୁଣ୍ଡି ସିଫ୍ଟିଂ ପରେ ହିଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ ପରିଚାଳନା ସମିତିର ଚୂଡ଼ାନ୍ତ ରୂପ ଚଳିତ ମାସ ସୁଦ୍ଧା ଶେଷ ହେବ । ହୁଣ୍ଡିର ସିଫ୍ଟିଂ ପାଇଁ ପରିଚାଳନା ସମିତି ଓ ସରକାରଙ୍କ ମଧ୍ୟରେ ସହମତି ରହିବାର ଆବଶ୍ୟକତା ଅଛି । ହୁଣ୍ଡି ସିଫ୍ଟିଂ ସହିତ ଧାଡ଼ି ଦର୍ଶନ ବ୍ୟବସ୍ଥାର ସଂପୃକ୍ତି ରହିଛି । ହୁଣ୍ଡି ସିଫ୍ଟିଂ ପରେ ହିଁ ଧାଡ଼ି ଦର୍ଶନ ପାଇଁ ଯାହା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି । ଖୁବଶୀଘ୍ର ଏହା କାମରେ ଲାଗିବ । ହୁଣ୍ଡି ସିଫ୍ଟିଂ ହେବାର ଦୁଇ ଚାରି ଦିନ ଭିତରେ ହିଁ ଏହି ପ୍ରକ୍ରିୟା ଆରମ୍ଭ ହେବ ।

## ଆଜି ଶ୍ରୀଜୀଉଙ୍କ ପଇତାଲାଗି ନୀତି, ୫ ଘଣ୍ଟା ବନ୍ଦ ରହିବ ଦର୍ଶନ



**ପୁରୀ, ୨୦।୪ : ନ୍ୟୁଜ୍ ବ୍ୟୁରୋ**

ସୋମବାର ୫ ଘଣ୍ଟା ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ। ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସାଧାରଣ ଦର୍ଶନ ବନ୍ଦ ରଖାଯିବ । କୃଷ୍ଣ ଅଷ୍ଟମୀ ତିଥିରେ ଶ୍ରୀବିଗ୍ରହଙ୍କ ପଇତାଲାଗି ନୀତି ପାଇଁ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ସୂଚନା ମିଳିଛି । ସେହିପରି ୨୧ରୁ ୨୪ ପର୍ଯ୍ୟନ୍ତ ୪ ଦିନ ପାଇଁ ରତ୍ନଭଣ୍ଡାର ମରାମତି ବନ୍ଦ ରହିବ ବୋଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି।

# ଭୋଟର ତାଲିକା ଅନିୟମିତତା ଦାବି ପ୍ରତ୍ୟାଖ୍ୟାନ : ସର୍ବମୋଟ ୯୦ ଆବେଦନ ଦାଖଲ

**ନୂଆଦିଲ୍ଲୀ, ୨୦।୪**

ଭାରତ ନିର୍ବାଚନ ଆୟୋଗ ଏକ ସ୍ପଷ୍ଟ ବିବୃତିରେ କହିଛି ଯେ ଭୋଟର ତାଲିକା ସଂପର୍କିତ ଅନିୟମିତତା ଦାବି ସତ୍ୟ ନୁହେଁ। ମହାରାଷ୍ଟ୍ରରେ ୯ କୋଟି ୭୦ ଲକ୍ଷ ପଞ୍ଜିକୃତ ଭୋଟରଙ୍କ ମଧ୍ୟରୁ ତାଲିକା ସଂଶୋଧନ ପାଇଁ କେବଳ ୮୯ଟି ପ୍ରଥମ ଆବେଦନ ଏବଂ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଗୋଟିଏ ଦ୍ୱିତୀୟ ଆବେଦନ ଦାଖଲ ହୋଇଛି।

ବିରୋଧୀ ଦଳଙ୍କ ତରଫରୁ ଶୀତକାଳୀନ ଅଧିବେଶନରେ ଉଠାଯାଇଥିବା ଭୋଟର ତାଲିକା ଅନିୟମିତତା ଅଭିଯୋଗକୁ ନିର୍ବାଚନ କମିଶନ ସଂଖ୍ୟାତ୍ମକ ତଥ୍ୟ ସହିତ ଖଣ୍ଡନ କରିଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ଦାବି – '୨୦୧୪ ରୁ ୨୦୧୯ ମଧ୍ୟରେ ୩୦ ଲକ୍ଷରୁ ଅଧିକ ଭୋଟର ଅନୁଚିତ ଭାବେ ତାଲିକାରେ




ଯୋଡ଼ାଯାଇଥିବା ଅଭିଯୋଗକୁ ନିର୍ବାଚନ କମିଶନ ପ୍ରମାଣ ଅଭାବ ଉଲ୍ଲେଖ କରି ଏହାକୁ ଅସ୍ୱୀକାର କରିଛି।

ଅଭିଯାନ ଅନୁସାରେ, ଭୋଟର ତାଲିକା ସୁଦୃଢ଼ ଓ ସଠିକ୍ ରହିବା ନିମନ୍ତେ ବାର୍ଷିକ ଅପଡେଟ୍ କାର୍ଯ୍ୟ ସାଂଘିକ ଭାବେ ଚାଲିଥାଏ। ଏହି ଅଭିଯାନ ଅଧୀନରେ ନୂତନ ଯୋଗ୍ୟ ଭୋଟର ଯୋଗ, ନିର୍ବାଚନମଣ୍ଡଳୀ ପରିବର୍ତ୍ତନ, ଏବଂ ଡୁପ୍ଲିକେଟ୍/ଅନୁଚିତ ଭୋଟର ନାମ ବାଦ କରାଯାଏ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଭାରତରେ ମୋଟ ପଞ୍ଜିକୃତ ଭୋଟର ୯୨କୋଟି ୨୦ ଲକ୍ଷ ହୋଇଥିବାବେଳେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ସଂଖ୍ୟା ୧୦ ଲକ୍ଷ ୫୦ ହଜାର, ବୁଥ୍ ସ୍ତରୀୟ ଏଜେଣ୍ଟଙ୍କ ସଂଖ୍ୟା ୧୩ ଲକ୍ଷ ୯୦ ହଜାର ଏବଂ ମହାରାଷ୍ଟ୍ରରେ ଜାନୁଆରୀ ୨୦୨୫ରେ ଅଭିଯାନ ପରେ ୮୯ଟି ପ୍ରଥମ ଏବଂ ଗୋଟିଏ ଦ୍ୱିତୀୟ ପରିବର୍ତ୍ତନ ଆବେଦନ ଆସିଛି ।

ନିର୍ବାଚନ ଆୟୋଗ ପୁଣିଥରେ ଜଣାଇଛି ଯେ ଭୋଟର ତାଲିକାରେ ସ୍ୱଚ୍ଛତା ଓ ଶୁଦ୍ଧତା ବଜାୟ ରଖିବା ପାଇଁ ପ୍ରାଥମିକତା ଅତୁଟ ଅଛି ଏବଂ ସମସ୍ତ ଭାଗୀଦାରଙ୍କ ସହଯୋଗରେ ଏହି ଲକ୍ଷ୍ୟକୁ ପୂରଣ କରାଯିବ।

# ୪୩.୫ ଡିଗ୍ରୀ ସହ ଝାରସୁଗୁଡା ରାଜ୍ୟର ଉତ୍ତପ୍ତ ସହର

**ଭୁବନେଶ୍ୱର, ୨୦।୪**
**ନ୍ୟୁଜ୍ ବ୍ୟୁରୋ**

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଫଳରେ ତାତି ସାମନ୍ୟ ହ୍ରାସ ପାଇଥିଲା । ହେଲେ ରବିବାର ପୁଣି ତାତି ଫେରିଲା। ଟାଣ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ରାଜ୍ୟର ୧୧ଟି ସହରରେ ତାପମାତ୍ରା ୧୧ ଡିଗ୍ରୀ ଉପରେ ରହିଥିଲା। ରବିବାର ୪୩.୫ ଡିଗ୍ରୀ ସହିତ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି । ସେହିପରି ବଲାଙ୍ଗିର ୪୨.୪, ଟିଟିଲାଗଡ଼ ୪୨, ସମ୍ବଲପୁର ୪୧.୯, ସୁନ୍ଦରଗଡ଼ ୪୧.୮, ବୌଦ୍ଧ ୪୧.୫, ହୀରାକୁଦ ୪୧.୩ ଡିଗ୍ରୀ ରେକର୍ଡ କରାଯାଇଛି।

ଗ୍ରୀଷ୍ମ ପ୍ରବାହରେ ଦୁଇ ଦିନ ଜଳିବ ସାରା



ରାଜ୍ୟ। ରାଜ୍ୟର କିଛି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିବାର ସମ୍ଭାବନା ରହିଛି। ତାପମାତ୍ରା ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ୩ ରୁ ୫ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି।

ରବିବାର ରାଜ୍ୟରେ ୧୧ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବାବେଳେ ଏହା ଆହୁରି ୨ରୁ ୩ ଡିଗ୍ରୀ ବଢ଼ିବ। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମ ତଥା ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି । ଏହାର ପ୍ରଭାବରେ ଆଗାମୀ ତିନି ଦିନ ମଧ୍ୟରେ ଦିନର ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦିନ ୧୧ଟାରୁ ୩ ଟା ପର୍ଯ୍ୟନ୍ତ ଶିଶୁ, ବୃଦ୍ଧ, ଗର୍ଭବତୀ ଏବଂ ଅସୁସ୍ଥ ବ୍ୟକ୍ତି ବାହାରକୁ ଯିବା ବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

## ଆଜି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୦।୪**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଜରିଆରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଲୋକଙ୍କ ପାଖରେ ପହଞ୍ଚିବ ଲୋକଙ୍କ ସରକାର। ସାଧାରଣ ଜନତାଙ୍କ ସମସ୍ୟାକୁ ଲୋକଙ୍କ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରି ସମାଧାନ ପାଇଁ ସର୍ବଦା ତତ୍ପର ଅଛନ୍ତି। ନୂଆ ସରକାର ଆସିବା ପରଠାରୁ ଅନେକ ଅଭିଯୋଗର ଶୁଣାଣି ଏବଂ ତାହାର ସମାଧାନ ତ୍ୱରିତ ବେଗରେ କରାଯାଉଛି। ଏହି କ୍ରମରେ ସୋମବାର ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହେବ।

# କୁଆପଥର ମାଡ଼ ସହ ଭୂସ୍ଖଳନ



**ଜମ୍ମୁ, ୨୦।୪**

ଜମ୍ମୁ-କଶ୍ମୀରରେ ପାଗ ପୁଣି ଥରେ ତାଣ୍ଡବ ରଚିଛି । ପ୍ରବଳ ବର୍ଷା, କୁଆପଥର ବର୍ଷା ଏବଂ ପ୍ରବଳ ପବନ ରାଜ୍ୟର ଅନେକ ଅଞ୍ଚଳରେ ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଦେଇଛି। କିଛି ସ୍ଥାନରେ ନଦୀଗୁଡ଼ିକ ଗାଁଗୁଡ଼ିକୁ ବୁଡ଼ାଇ ଦେଇଥିବା ବେଳେ, ଅନ୍ୟ ସ୍ଥାନରେ ରାସ୍ତା ଅବରୋଧ କରିଛି । ଏହା ଆଶ୍ୱସ୍ତିର ବିଷୟ ଯେ ପୋଲିସ ଏବଂ ପ୍ରଶାସନର ସତର୍କତା ଯୋଗୁଁ ଠିକ୍ ସମୟ ମଧ୍ୟରେ ଅନେକ ଜୀବନ ରକ୍ଷା ହୋଇପାରିଲା । ତଥାପି ଏଥିରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ରାମବନରେ ରାତିସାରା ପ୍ରବଳ ପବନ ଏବଂ କୁଆପଥରବୃଷ୍ଟି ଯୋଗୁଁ ସହର ଏବଂ ଆଖପାଖ ଅଞ୍ଚଳରେ ଅନେକ ଭୂସ୍ଖଳନ ହୋଇଥିଲା । ଏହି କାରଣରୁ ଜାତୀୟ ରାଜପଥ ଅବରୋଧ ହୋଇଥିଲା ଏବଂ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା କିଛି ପରିବାରଙ୍କ ଧନସମ୍ପତ୍ତିର କ୍ଷତି ମଧ୍ୟ ହୋଇଛି।

ରାମବାନ ଜିଲ୍ଲାର ଧରମକୁଣ୍ଡ ଅଞ୍ଚଳରେ ପ୍ରବଳ ବର୍ଷା ହେବା ପରେ ଡ୍ରେନ ପାଣି ଗାଁରେ ପ୍ରବେଶ କରିଥିଲା, ଯାହା ଫଳରେ ହଠାତ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି (ପୃଷ୍ଠା ୭ରେ)

# ୮୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ କୋରାପୁଟ ନୂଆ ବସ୍ଷ୍ଟାଣ୍ଡ

**କୋରାପୁଟ, ୨୦।୪ : ନ୍ୟୁଜ୍ ବ୍ୟୁରୋ**

ବିପଦ ସଂକୁଳ ଅବସ୍ଥାରେ ରହିଛି ୩୦ବର୍ଷର କୋରାପୁଟ ବସ୍ଷ୍ଟାଣ୍ଡ । କୋଠା ଉପରୁ କେତେବେଳେ ଇଟା ଖସୁଛି ତ ଆଉକେବେ ସିମେଣ୍ଟ ଖଣ୍ଡ। ଏହାର ପୁନଃରୁଦ୍ଧାର କିମ୍ବା ମରାମତି କି ପ୍ରସ୍ତାବିତ ନୂଆ ବସ୍ଷ୍ଟାଣ୍ଡ ଟର୍ମିନାଲ ନିର୍ମାଣ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଉ ନଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା।

ନୂଆ ବସ୍ଷ୍ଟାଣ୍ଡ ଟର୍ମିନାଲ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ଯାଇଥିବା ୮୯କୋଟିର ପ୍ରସ୍ତାବିତ ଡିପିଆରକୁ ଅନୁମୋଦନ କରିବା ପାଇଁ କୋରାପୁଟ ପୌରପାଳିକା ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ସମସ୍ତ କାଉନସିଲର ବି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିଥିଲେ। ରାଜ୍ୟସରକାର ନୂଆ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୮୬କୋଟିର ଅନୁମୋଦନ କରିଥିବା କହିଛନ୍ତି



କୋରାପୁଟ ବିଧାୟକ। କୋରାପୁଟ ପୌରପରିଷଦ ଅଧୀନରେ ଥିବା ବସଷ୍ଟାଣ୍ଡ ୩୦ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏହି କୋଠାର ତଳ ମହଲାରେ ଦୋକାନ ଘର ସହ ଯାତ୍ରୀମାନେ ବସିବା ପାଇଁ ପିଣ୍ଡି ରହିଛି । ସରକାରୀ ବସ ଟିକେଟ ଗୃହ, ଘରୋଇ ବସ ଟିକଟ ଗୃହ ସହ କେତେକ ଉଠା ଦୋକାନୀ ମଧ୍ୟ ସେଠାରେ ବସୁଛନ୍ତି। ସେହିପରି ଉପର ତଥା ପ୍ରଥମ ମହଲା ନିର୍ମାଣ ହୋଇଥିଲେ ମଧ୍ୟ ଏହା ଅବ୍ୟବହୃତ ଅବସ୍ଥାରେ ରହିଛି । ଏହି ବସ୍ଷ୍ଟାଣ୍ଡରୁ ନିୟମିତ ରାଜ୍ୟର କୋଣ ଅନୁକୋଣ ସହ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼କୁ ବହୁ ଦ୍ରୁତଗାମୀ ବସ୍ ସହ ଜିଲ୍ଲାର ବିଭିନ୍ନ ସ୍ଥାନକୁ ସରକାରୀ ଓ ଘରୋଇ ବସ ଚଳାଚଳ କରୁଛି । ଏହି ଅସୁରକ୍ଷିତ କୋଠା ତଳେ ପ୍ରତିଦିନ ଶହଶହ ଲୋକ ବସ୍କୁ ଅପେକ୍ଷା କରି ବସି ରହୁଛନ୍ତି।

ତତ୍କାଳୀନ ସରକାର ସ୍ୱତନ୍ତ୍ର ବସ ଟର୍ମିନାଲ ନିର୍ମାଣ ପାଇଁ ଯୋଜନା କରିଥିଲେ। ଏନେଇ ଜିଲ୍ଲା ପ୍ରଶାସନକୁ ଜାଗା ଚିହ୍ନଟ କରିବା ସହ ପ୍ଲାନ ଓ ଡିଜାଇନ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ବସ୍ଷ୍ଟାଣ୍ଡ ସହ ଲାଗି ରହିଥିବା ହକି ପଡିଆକୁ ମିଶାଇ ଏହି ସ୍ଥାନରେ ଟର୍ମିନାଲ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା । ଏଠାରେ ଥିବା ସମସ୍ତ ଦୋକାନ ବଜାରକୁ ଭାଙ୍ଗି ନୂଆ ପରିସର ନିର୍ମାଣ ସହ ଅତ୍ୟାଧୁନିକ ବସ ଟର୍ମିନାଲ ପାଇଁ ଡିଜାଇନ ପ୍ରସ୍ତୁତ ହୋଇଥିଲା। ଏହାର ବଜେଟ ପ୍ରାୟ ୮୯ କୋଟି ଟଙ୍କା ମଧ୍ୟରେ ରହିଥିଲା।

## ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଉଦି ଆରବ ଗସ୍ତ

**ନୂଆଦିଲ୍ଲୀ, ୨୦।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୨ରେ ସାଉଦି ଆରବ ଗସ୍ତରେ ଯିବେ ବୋଲି ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ଆମନ୍ତ୍ରଣ କ୍ରମେ ମୋଦୀ ସେଠାକୁ ଯାଉଛନ୍ତି। ଦୁଇ ଦିନିଆ ଗସ୍ତ କାଳରେ ମୋଦୀ ଓ ସଲମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରାଯିବ। ଅନ୍ୟ ରାଷ୍ଟ୍ର ତୁଳନାରେ ସାଉଦି ଆରବରେ ସବୁଠାରୁ ଅଧିକ ଭାରତୀୟ କାର୍ଯ୍ୟରତ ଅଛନ୍ତି । ଏହାବ୍ୟତୀତ ଇସଲାମିକ ରାଷ୍ଟ୍ରଙ୍କ ମଧ୍ୟରେ ସାଉଦି ଆରବ ଯଥେଷ୍ଟ ପ୍ରଭାବଶାଳୀ ହୋଇଥିବାରୁ ଭାରତ ଏଥିରୁ ଫାଇଦା ଉଠାଇବାକୁ ଚାହୁଁଛି। ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତ ଓ ସାଉଦି ଆରବ ମଧ୍ୟରେ ବାଣିଜ୍ୟିକ, ରାଜନୈତିକ, ସାମାଜିକ, ସାଂସ୍କୃତିକ ସମ୍ପର୍କ ଅଧିକ ମଜଭୁତ ହୋଇପାରିଛି।

## ଏକାଳ ପଖାଳ



କହୁଅଛୁ ବୋଲି ଖରାପ ଭାବନି
ନିରାଟ ସତ ତ କହୁ
କାହାକୁ ଆମେ ଦୋଷ ଦେଉନାହୁଁ
ଲୁହ ହୋଇ ଝରେ ଲହୁ
ଧରମ କେମିତି ସହୁ
କୁନି ଝିଅଟିର ସର୍ବସ୍ୱ ଲୁଟନ୍ତି
ଆଇନ କାନୁନୁ ତୁ କଣ ନାହୁଁ।

# ଟେକ୍ନୋଲୋଜି କ୍ଷେତ୍ରରେ ଆଉ ପାଦେ ଆଗେଇଲା ଚୀନ୍ : ମଣିଷଙ୍କ ସହ ଦୌଡ଼ିଲେ ରୋବୋଟ



**ବେଜିଂ, ୨୦।୪**

ଏହା ସମସ୍ତେ ଜାଣନ୍ତି ଯେ, ପ୍ରଯୁକ୍ତିବିଦ୍ୟା ଦୌଡ଼ରେ ଚୀନ ବିଶ୍ୱରେ କେତେ ଆଗରେ। ନିକଟରେ ଏହାର ଏକ ଚମତ୍କାର ଉଦାହରଣ ଦେଖିବାକୁ ମିଳିଛି । ବେଜିଂରେ ବିଶ୍ୱର ପ୍ରଥମ ହ୍ୟୁମାନୋଇଡ ରୋବୋଟ(ମଣିଷ ଆକୃତିର ବା ମଣିଷ ଗୁଣ ସମ୍ପନ୍ନ) ମାରାଥନ ଆୟୋଜନ କରିଛି ବେଜିଂ।

ଏହି ନିଆରା ମାରାଥନରେ ରୋବୋଟମାନେ ମଣିଷଙ୍କ ସହିତ ମିଶି ୨୧ କିଲୋମିଟର ଦୌଡ଼ିଛନ୍ତି। କୁହାଯାଉଛି ଯେ, ଏହି ଐତିହାସିକ ଦୌଡ଼ ବେଜିଂର ଇକୋନୋମିକ୍-ଟେକ୍ନୋଲୋଜିକାଲ ଜୋନ୍‌ରେ ହୋଇଥିଲା, ଯେଉଁଥିରେ ରୋବୋଟମାନେ ଅଙ୍କାବଙ୍କା ତଥା ବୁଲାଣି ଥିବା ଟ୍ରାକରେ ଦୌଡ଼ି ଏଆଇ ଓ ଇଞ୍ଜିନିୟରିଂର ପ୍ରକୃତ ଶକ୍ତି ଦେଖାଇଥିଲେ।

ବେଜିଂର ୟିଜୁଆଙ୍ଗରେ ଅନୁଷ୍ଠିତ ହାଫ ମାରାଥନରେ ପ୍ରଥମ ଥର ପାଇଁ ୨୧ ହ୍ୟୁମାନୋଇଡ ରୋବୋଟ ହଜାର ହଜାର ମାନବ ଧାବକଙ୍କ ସହିତ ୨୧.୧ କିମି ଦୌଡ଼ିଛନ୍ତି। ଏଥିରେ ଚୀନ କମ୍ପାନୀ , ଭୂସ୍ଖଳନ DroidVP, Noetix Robotics ଓ Beijing Innovation Center of Human Robotics. ବେଜିଂ ଇନୋଭେସନ ସେଣ୍ଟର ଦ୍ୱାରା ବିକଶିତ ରୋବୋଟ ଅଂଶଗ୍ରହଣ କରିଥିଲେ।

ରୋବୋଟ ୨ ଘଣ୍ଟା ୪୦ ମିନିଟ୍‌ରେ ଦୌଡ଼ ସମାପ୍ତ କରି ରୋବୋଟ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହାର ସଫଳତାର ଶ୍ରେୟ ଏହାର ଉନ୍ନତ ରନିଂ ଆଲଗୋରିଦମ ଏବଂ ଉଚ୍ଚ ସଂରଚନାକୁ ଦିଆଯାଇଛି।

ଅବଶ୍ୟ ସମସ୍ତ ରୋବୋଟ୍‌ଙ୍କୁ ସଫଳତା ମିଳି ନ ଥିଲା। କିଛି ରୋବୋଟ ଦୌଡ଼ ଆରମ୍ଭରେ ପଡ଼ିଯାଇଥିବାବେଳେ ଅନ୍ୟମାନେ ଅତ୍ୟଧିକ ଗରମ ଏବଂ ବ୍ୟାଟେରୀ ବିଫଳତା ଭଳି ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହୋଇ ଦୌଡ଼ ଶେଷ କରିପାରି ନଥିଲେ। କେବଳ ଛଅଟି ରୋବୋଟ ସମ୍ପୂର୍ଣ୍ଣ ଦୌଡ଼ ସମାପ୍ତ କରିପାରିଥିଲେ।

# କୋରାପୁଟରେ ଇ-କେୱାଇସି ଦାଖଲ କରିନାହାନ୍ତି ୧.୧୦ ଲକ୍ଷ ହିତାଧିକାରୀ

**କୋରାପୁଟ, ୨୦।୪ : ନ୍ୟୁଜ୍ ବ୍ୟୁରୋ**

ବାରମ୍ବାର ସମୟ ଦେବା ପରେ ମଧ୍ୟ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ୧ ଲକ୍ଷ ୧୦ ହଜାର ୪୯୯ ହିତାଧିକାରୀ ଦାଖଲ କରିନାହାନ୍ତି ଇ-କେୱାଇସି । ଏଥିରେ ବେଶି ସଂଖ୍ୟାରେ ଶିଶୁ, ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ଦିବ୍ୟାଙ୍ଗ, ଦୃଷ୍ଟିହୀନଙ୍କ ଆଧାରକାର୍ଡ ଅପଡେଟ ହୋଇ ପାରୁନଥିବାରୁ ସେମାନଙ୍କ ଇ-କେୱାଇସି ଅପଲୋଡ ହୋଇପାରିନଥିବା ଜିଲ୍ଲାପରିଷଦ ବୈଠକରେ ଆଲୋଚନା ହୋଇଥିଲା।

ତେବେ ଏଥିରେ କିଛି ଭୂତ କାର୍ଡ ବି ରହିଥିବା ସନ୍ଦେହ ପ୍ରକାଶ କରିଛନ୍ତି ୪ ବିଧାୟକ। ଏହି ମାସ ଶେଷ ଅର୍ଥାତ



୩୦ତାରିଖ ସୁଦ୍ଧା ଇ-କେୱାଇସି ଦାଖଲ ନକଲେ ସେମାନେ ପାଉଥିବା ସୁବିଧାରୁ ସବୁଦିନ ପାଇଁ ବଞ୍ଚିତ ହେବେ। ଏଭଳି କହିଛନ୍ତି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ। ଅପରପକ୍ଷରେ ସାଇଟ ଠିକରେ ଖୋଲୁନି ଯଦି ବା ଖୋଲୁଛି ଅପଲୋଡରେ ସମସ୍ୟା ହେଉଥିବା ସୂଚନା ମିଳିଛି ।

## ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡର ୱେବ ପୋର୍ଟାଲ ଲୋକାର୍ପିତ

# ଏଣିକି ଅନଲାଇନରେ ହୋଇପାରିବ ସଦସ୍ୟତା ପଞ୍ଜୀକରଣ ଓ ଅନୁକମ୍ପାମୂଳକ ସହାୟତା ଆବେଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡରେ ସଦସ୍ୟତା କିମ୍ବା ଅନୁକମ୍ପାମୂଳକ ସହାୟତା ପାଇଁ ଏଣିକି କୌଣସି ଦପ୍ତର ଆସିବାକୁ ପଡ଼ିବ ନାହିଁ। ଅନ୍‌ଲାଇନ୍‌ରେ ଏହି ସମସ୍ତ ସୁବିଧା ଉପଲବ୍ଧ ହୋଇଛି। ଖାରବେଳ ଭବନରେ ଆୟୋଜିତ ବୋର୍ଡର ଚତୁର୍ଥ ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନାଙ୍କ ଦ୍ୱାରା ଏ ସଂପର୍କିତ ୱେବ ପୋର୍ଟାଲ ଏଚଟିପିପିଏସ୍://ଡ୍ରାଇଭରୱେଲଫେୟାର.ଓଡ଼ିଶା.ଜିଓଭି.ଇନ୍ ଲୋକାର୍ପିତ ହୋଇଯାଇଛି । ଏହା ଦ୍ୱାରା ରାଜ୍ୟର ହଜାର ହଜାର ମୋଟର ଯାନଚାଳକ ଓ କର୍ମଚାରୀ ଉପକୃତ ହେବା ସହ ସହାୟତା ପ୍ରଦାନ ବ୍ୟବସ୍ଥା ଅଧିକ ସକ୍ରିୟ ଓ ପାରଦର୍ଶୀ ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା ଆଶାବ୍ୟକ୍ତ କରିଛନ୍ତି ।

ଏହା ବ୍ୟତୀତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ବୋର୍ଡ ସଦସ୍ୟ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ସିଭିଲ ସୋସାଇଟି ସଦସ୍ୟ, ଡ୍ରାଇଭର ସଙ୍ଘ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଚାଳକମାନେ ବୋର୍ଡର ଅଧ୍ୟକ୍ଷଙ୍କ ନିକଟରେ ନିଜର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଏହାକୁ ତର୍ଜମା କରି ସକରାତ୍ମକ ନିଷ୍ପତି ଗ୍ରହଣ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ୱେବ ପୋର୍ଟାଲରେ ସୁବିଧା କେନ୍ଦ୍ର, ଜରୁରୀକାଳୀନ ସହାୟତା ଓ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ସାମିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଅନୁକମ୍ପାମୂଳକ ସହାୟତା ବୟସ ସୀମା ୬୦ରୁ ୬୫କୁ ବୃଦ୍ଧି କରାଯିବା ଦାବି ଉପରେ ପ୍ରାଧାନ୍ୟ ଦେଇ ମନ୍ତ୍ରୀ କହିଛନ୍ତି ଯେ ସରକାର ଚାହୁଁଛନ୍ତି ଅଧିକରୁ ଅଧିକ ଚାଳକଙ୍କ ପରିବାର ଏହାର ଲାଭ ପାଆନ୍ତୁ । ତେବେ ଏ ସଂପର୍କରେ ସମସ୍ତ ଦିଗକୁ ତର୍ଜମା କରିବାକୁ ସବ୍‌କମିଟି ଗଠନ କରାଯିବ। ଭାରତ ସରକାରଙ୍କ ନିୟମ, ଶ୍ରମ ବିଭାଗର ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଷୟକୁ ଅନୁଧ୍ୟାନ କରି ଚୂଡ଼ାନ୍ତ ନିଷ୍ପତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

ସେହିଭଳି ଅଟୋ ଚାଳକମାନେ ମଧ୍ୟ କିଭଳି ସରକାରୀ ସହାୟତାର ଲାଭ ପାଇବେ ତାହା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେଥିପାଇଁ ଶ୍ରମ ବିଭାଗର ଥିବା ପୋର୍ଟାଲରେ ପଞ୍ଜୀକରଣ ବ୍ୟବସ୍ଥା ସଂପର୍କରେ ଶ୍ରମ ଆୟୁକ୍ତ ଜଣାଇଥିଲେ। ତେବେ ଏ ସଂପର୍କରେ ଅଧିକ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଟୋ ସଙ୍ଘ ନେତାମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି।

ବୈଠକରେ ମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ସରକାର ଚାଳକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। କଲ୍ୟାଣ ବୋର୍ଡ ଜରିଆରେ ଚାଳକଙ୍କ ଉନ୍ନତି ପାଇଁ କିଭଳି ଅଧିକ ପଦକ୍ଷେପ ନିଆଯାଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଥିଲେ । ଏହି ବୈଠକରେ ଡ୍ରାଇଭର ସଂଘର ପ୍ରତିନିଧି ତଥା ବୋର୍ଡର ସଦସ୍ୟ ପ୍ରଶାନ୍ତ ମେଣ୍ଡୁଲି, ଆଦିତ୍ୟ ବେହେରା ଏବଂ ଦୀପକ ପଟ୍ଟନାୟକଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ସେନାପତି ବିବରଣୀ ଉପସ୍ଥାପନ କରିଥିବା ବେଳେ ମୁଖ୍ୟ ବିତ ଅଧିକାରୀ ପ୍ରଭାତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ୨୦୨୪-୨୫ ଆର୍ଥିକ ବର୍ଷରେ ରେକର୍ଡ ଆଇଟିଆର୍ ଫାଇଲ୍

# ୧୦ ହଜାରରୁ ଅଧିକଙ୍କ ଆୟ ୧୦ କୋଟି




**ନୂଆଦିଲ୍ଲୀ :**

୨୦୨୪-୨୫ ଆର୍ଥିକ ବର୍ଷର ମାର୍ଚ୍ଚ ୩୧ ସୁଦ୍ଧା ପୁରା ଦେଶରେ ୯.୧୯ କୋଟି ଲୋକ ଆୟକର ରିଟର୍ଣ୍ଣ ଦାଖଲ କରିଛନ୍ତି । ସବୁଠୁ ଅଧିକ ମହାରାଷ୍ଟ୍ରରେ ୧.୩୯ କୋଟି ଲୋକ ଆୟକର ଦେଇଛନ୍ତି । ବିଗତ ଆର୍ଥିକ ବର୍ଷ ଅପେକ୍ଷା ମହାରାଷ୍ଟ୍ରରେ ୭.୮୬ ପ୍ରତିଶତ ଲୋକ ଦେଇଛନ୍ତି ଆୟକର। ୨୦୨୩-୨୪ ଆର୍ଥିକ ବର୍ଷରେ ୮.୫୨ କୋଟି ଲୋକ ଆୟକର ରିଟର୍ଣ୍ଣ ଦାଖଲ କରିଥିଲେ । ଯେତେବେଳେ କି ତା ପୂର୍ବ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୭.୭୮ କୋଟି ଥିଲା । ୨୦୨୩ ତୁଳନାରେ ୨୦୨୪ରେ ୯.୫୧ ପ୍ରତିଶତ ଅଧିକ ଲୋକ ଆୟକର ରିଟର୍ଣ୍ଣ ଭରିଛନ୍ତି । ଦେଶରେ କେବଳ ଆୟକର ରିଟର୍ଣ୍ଣ ଦାଖଲ କରୁଥିବା ଲୋକଙ୍କ ସଂଖ୍ୟା ବଢ଼ିନି, କୋଟିପତି ମଧ୍ୟ ବଢ଼ିଛନ୍ତି । ୧୦ କୋଟିରୁ ଅଧିକ ଆୟ କରୁଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ମାତ୍ରାରେ ବୃଦ୍ଧି ପାଉଛି । ୨୦୨୫ ମାର୍ଚ୍ଚ ୩୧ ପୂର୍ବରୁ ୧୦ କୋଟିରୁ ଅଧିକ ଆୟ କରୁଥିବା ୧୦ ହଜାର ୮୧୪ ଜଣ ଆୟକର ଦାଖଲ କରିଛନ୍ତି । ଯେତେବେଳେ କି ୫ରୁ ୧୦ କୋଟି ଆୟକାରୀଙ୍କ ସଂଖ୍ୟା ୧୬ ହଜାର ୭୯୭ । ସେହିଭଳି କୋଟିଏରୁ ୫ କୋଟି ଆୟକାରୀଙ୍କ ସଂଖ୍ୟା ୨.୯୭ ଲକ୍ଷ । ଦେଶରେ ସର୍ବାଧିକ ୧.୩୯ କୋଟି ଲୋକ ମହାରାଷ୍ଟ୍ରରୁ ଆୟକର ଦାଖଲ କରିଥିବା ବେଳେ ଉତ୍ତରପ୍ରଦେଶରେ ୯୧.୩୮ ଲକ୍ଷ, ଗୁଜରାଟରେ ୮୮.୫୮ ଲକ୍ଷ, ରାଜସ୍ଥାନରେ ୫୯.୭୭ ଲକ୍ଷ, ତାମିଲନାଡ଼ୁ ୫୭.୨୭ ଲକ୍ଷ, କର୍ଣ୍ଣାଟକ ୫୩.୬୨ ଲକ୍ଷ, ଦିଲ୍ଲୀ ୪୪,୬୬ ଲକ୍ଷ, ପଞ୍ଜାବରେ ୪୪.୨୬ ଲକ୍ଷ ଲୋକ ଆୟକର ରିଟର୍ଣ୍ଣ ଭରିଛନ୍ତି । ମଧ୍ୟବିତ୍ତଙ୍କ ଲାଗି ବଜେଟ୍‌ରେ ବଡ଼ ଘୋଷଣା କରିଥିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ବାର୍ଷିକ ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ଆୟକର ଛାଡ଼ କରିବାକୁ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ । ବଜେଟ୍ ଅଭିଭାଷଣରେ ନିର୍ମଳା କହିଛନ୍ତି, ବାର୍ଷିକ ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ଟିକସ ଦେବାକୁ ପଡ଼ିବ ନାହିଁ। ବାର୍ଷିକ ୧୨.୭୫ ଲକ୍ଷ ବେତନ ପାଉଥିବା ଆୟକରଦାତାଙ୍କ ଲାଗି ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ୭୫ ହଜାର ଟଙ୍କା ରଖାଯାଇଛି । ତେବେ ନ୍ୟୁ-ଟାକ୍ସ ରେଜିମିରେ ଏହି ଲାଭ ମିଳିବ। ନ୍ୟୁ ଟାକ୍ସ ରେଜିମିରେ ୧୨ ଲକ୍ଷ ପର୍ଯ୍ୟନ୍ତ ଆୟରେ କୌଣସି ଆୟକର ଦେବାକୁ ପଡ଼ିବ ନାହିଁ । ବାର୍ଷିକ ଆୟ ୧୨ ଲକ୍ଷରୁ ଅଧିକ ଥିଲେ ଟିକସ ସ୍ଲାବ ହିସାବରେ ଆୟକର ଦାଖଲ କରିବାକୁ ପଡ଼ିବ ।

## ସ୍ୱାୟତ ଶାସନ ସଂସ୍ଥାଗୁଡ଼ିକ ସହ ସମୀକ୍ଷା ବୈଠକ

# ବିକଶିତ ଓଡ଼ିଶା ଗଠନ ନେଇ ସହରୀ ଓଡ଼ିଶାର ବିକାଶ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ସମସ୍ତ ସ୍ୱାୟତ ଶାସନ ସଂସ୍ଥାଗୁଡ଼ିକ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଶ୍ରୀମତୀ ଉଷା ପାଢ଼ୀ, ପ୍ରମୁଖ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିବା ସହ ବିକଶିତ ଓଡ଼ିଶା ଗଠନ ନେଇ ସହରାଞ୍ଚଳଗୁଡ଼ିକର ସ୍ଥାୟୀ ଏବଂ ସମ୍ମିଳିତ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ବିଭାଗ କନଫରେନ୍ସ ହଲ୍ ରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ସହରାଂଚଳରେ ସ୍ୱାୟତ ଶାସନ ସଂସ୍ଥାଗୁଡ଼ିକ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜନସେବାକୁ ଅଧିକ ପ୍ରଭାବୀ ଏବଂ ତ୍ୱରିତ କରିବା ପାଇଁ ଆବଶ୍ୟକ ସଂସ୍କାର ଆଣିବାକୁ ପରାମର୍ଶ ଦେଇଥିଲେ ଶ୍ରୀମତୀ ପାଢ଼ୀ। ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦, ଅଟଳ ମିଶନ, ରିଜୁଭନେସନ୍ ଆଣ୍ଡ ଅର୍ବାନ ଟ୍ରାନ୍ସଫରମେସନ୍ ଭଳି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମହାତ୍ୱାକାଂକ୍ଷୀ ଯୋଜନାଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ପାଣିପାଗ ପରିବର୍ତନ ଯୋଗୁଁ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ ନେଇ ଆଗୁଆ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ଅରବିନ୍ଦ ଡାକୁଆ, ନିର୍ଦ୍ଦେଶକ, ପୌର ପ୍ରଶାସନ ରାଜ୍ୟର ସମସ୍ତ ସ୍ୱାୟତ ଶାସନ ସଂସ୍ଥାଗୁଡ଼ିକ ନିମନ୍ତେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର କାର୍ଯ୍ୟସୂଚୀ ଏବଂ ତାହାକୁ ପୂରଣ କରିବା ନେଇ ସମୟ ନିର୍ଦ୍ଧାରଣ କରିଥିଲେ । ସମସ୍ତଙ୍କ ମିଳିତ ସହଯୋଗରେ ଏହି ସବୁ କାର୍ଯ୍ୟ ପୂରଣ କରାଯିବା ସହ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରାଯାଇପାରିବ ବୋଲି ସେ କହିଥିଲେ। ବୁଧବାର ଅନୁଷ୍ଠିତ ବୈଠକରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଏବଂ ସ୍ୱାୟତ୍ତ ଶାସନ ସଂସ୍ଥା ମୁଖ୍ୟମାନେ ଉପସ୍ଥିତ ଥିଲେ।

# ପ୍ରେରଣାଦାୟୀ ହେବା ସହ ଖୋଲା ହୃଦୟରେ ସମସ୍ତଙ୍କୁ ଆପଣେଇଛି ଭୁବନେଶ୍ୱର ନଗର : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ଏପରି ଏକ ନଗର ଯାହା ପ୍ରେରଣାଦାୟୀ ହେବା ସହ ସମସ୍ତଙ୍କୁ ଖୋଲା ହୃଦୟରେ ଆପଣେଇ ନେଇଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଚଳିତ ମାସରେ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଉତ୍କଳମଣ୍ଡପ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ମହତ୍ୱପୂର୍ଣ୍ଣ ଅବସରରେ ଭୁବନେଶ୍ୱର ତଥା ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଭୁବନେଶ୍ୱର ନଗରକୁ ବିକଶିତ ଭାରତରେ ବିକଶିତ ଓଡ଼ିଶାର ଆଦର୍ଶ ରାଜଧାନୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏହି ଦିନଟି କେବଳ ପ୍ରତିଷ୍ଠାର ଉତ୍ସବ ନୁହେଁ, ବରଂ ଏହାର ଯାତ୍ରାକୁ ରୂପ ଦେଇଥିବା ଦୂରଦୃଷ୍ଟିସଂପନ୍ନ ନେତୃବୃନ୍ଦ, ଯୋଜନାକାରୀ, ସ୍ଥପତି ଏବଂ ନାଗରିକଙ୍କ ପ୍ରତି ଅଟେ। ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ଆନୁଷ୍ଠାନିକ ଭାବେ ଓଡ଼ିଶାର ରାଜଧାନୀ ଘୋଷଣା ହୋଇଥିବା ଭୁବନେଶ୍ୱର ପ୍ରତ୍ୟେକ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏକ ଯୋଜନାବଦ୍ଧ ପ୍ରଶାସନିକ କେନ୍ଦ୍ରଭାବେ ଆରମ୍ଭ ହୋଇଥିବା ଏହି ନଗରୀ ଦଶନ୍ଧି ଦଶନ୍ଧି ଧରି ଏକ କ୍ରିୟାଶୀଳ ଓ ସାଂସ୍କୃତିକ ଭାବରେ ସମୃଦ୍ଧ ନଗରରେ ପରିଣତ ହୋଇଛି - ଯାହା, ଏହାର ଗୌରବମୟ ଅତୀତକୁ ଆଧାର କରି ବିକଶିତ ହେବା ଜାରି ରଖିଛି। ଏକାମ୍ର କ୍ଷେତ୍ର ନାମରେ ପରିଚିତ ଭୁବନେଶ୍ୱରକୁ ମନ୍ଦିରର ସହର ଭାବରେ ବର୍ଣ୍ଣନା କରାଯାଇଥାଏ। କିନ୍ତୁ ଏହା ସମାନ ଭାବରେ ଚିନ୍ତାଧାରା, ପ୍ରତିଭା ଏବଂ ସ୍ଥିରତାର ନଗର। କଳିଙ୍ଗ ସ୍ଥାପତ୍ୟର ସଂରକ୍ଷକ ହେବା ଠାରୁ ବିଶ୍ୱ ଆକାଂକ୍ଷା ସହିତ ଏକ ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ, ସଂସ୍କୃତି ଏବଂ ଐତିହ୍ୟର କେନ୍ଦ୍ର ହେବାଠାରୁ ଶିକ୍ଷା, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଏବଂ ଶାସନର କେନ୍ଦ୍ର ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର ଯାତ୍ରା ପରମ୍ପରା ଏବଂ ଆଧୁନିକତାର ଏକ ଉଲ୍ଲେଖନୀୟ ସମ୍ମିଶ୍ରଣ। ଜାତୀୟସ୍ତରୀୟ ଖ୍ୟାତି ସଂପନ୍ନ ଅନୁଷ୍ଠାନ, ଷ୍ଟାର୍ଟ ଅପ୍, ସ୍ପନ୍ଦନଶୀଳ କଳା ଏବଂ ସାହିତ୍ୟ ପରିମଣ୍ଡଳ ଏବଂ ସ୍ଥିର ନାଗରିକ ସମାଜ ସହିତ ଭୁବନେଶ୍ୱର ଏକ ନୂତନ ଓଡ଼ିଶାର ସ୍ୱପ୍ନ ଏବଂ ଗତିଶୀଳତାର ପ୍ରତୀକ ସାଜିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ଆଜି ସନ୍ଧ୍ୟାର ଉତ୍ସବ ଆମର ସାମଗ୍ରିକ ସାଂସ୍କୃତିକ ପରିଚୟର ଏକ ସୁନ୍ଦର ପ୍ରତିଫଳନ। ସଙ୍ଗୀତ, ନୃତ୍ୟ ଏବଂ ପାରମ୍ପରିକ କଳା ମାଧ୍ୟମରେ କେବଳ ରାଜଧାନୀ ନଗରର ପ୍ରତିଷ୍ଠା ଦିବସ ପାଳନ କରାଯାଉ ନାହିଁ, ବରଂ ଓଡ଼ିଶାର ଆତ୍ମାକୁ ସ୍ଥାନ ଦିଆଯାଇଛି, ଯେଉଁଥିରେ ଓଡ଼ିଶାର ଐତିହ୍ୟ, ସୃଜନଶୀଳତା ଏବଂ ସାମୁହିକ ଭାବନା ପ୍ରତିଫଳିତ ହେଉଛି ବୋଲି ରାଜ୍ୟପାଳ କହିବା ସହିତ ଆୟୋଜକ ତଥା କଳାକାରମାନଙ୍କୁ ସାଧୁବାଦ ଜଣାଇଥିଲେ । ଏତଦ୍ ବ୍ୟତୀତ ପ୍ରତିଷ୍ଠା ଦିବସ ବଡ ସ୍ୱପ୍ନ ଦେଖିବା, ଏକାଠି ହୋଇ ଆଗକୁ ବଢ଼ିବା ପାଇଁ ଅନୁପ୍ରେରିତ କରିବା ସହ ଗର୍ବର ଦିନ ହେଉ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସାଧାରଣ ସଂପାଦକ ସନତ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଭୁବନେଶ୍ୱର ମହାନଗର ନିଗମର କମିଶନର ରାଜେଶ୍ ପ୍ରଭାକର ପାଟିଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ବି.ଡି.ଏ. ଉପାଧ୍ୟକ୍ଷ ଡ଼ା. ତିରୁମାଲା ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଲ ରାଣା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୧୩ ଜଣ ବ୍ୟକ୍ତିବିଶେଷଙ୍କୁ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା।

# ବିପଦ ସଙ୍କୁଳ ଅବସ୍ଥାରେ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥ

**ରାଇରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ସହର ଦେଇ ରାଞ୍ଚି-ବିଜୟୱାଡା ୨୨୦ ନଂ ଜାତୀୟ ରାଜପଥ ଯାଇଛି । ଜିଲ୍ଲାର ଅଧିକାଂଶ ଛୋଟବଡ ସହରରେ ବାଇପାସ୍ ନିର୍ମାଣ କରାଯାଇଥିବା ବେଳେ ରାଇରଙ୍ଗପୁର ସହର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବାଇପାସ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । ବାଇପାସ୍ ନିର୍ମାଣ ପାଇଁ ଗତ ୨୦୨୪ ମସିହା ଫେବ୍ରୁୟାରୀ ମାସରେ ଶିଳାନ୍ୟାସ ହୋଇଥିଲା । ୨୦୨୪ ମସିହା ଅଗଷ୍ଟ ମାସରେ ବାଇପାସ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା କିନ୍ତୁ ପରେ ପ୍ରଶାସନ ନିରବ । ତେବେ ଅଧିକାଂଶ ବିଦ୍ୟାଳୟ ଓ କଲେଜ ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ ବିପଜ୍ଜନକ ଭାବେ ରାସ୍ତା ପାରିହେବା ସହିତ ଯିବାଆସିବା କରିଥାନ୍ତି । ଯାହାଫଳରେ ବିଭିନ୍ନ ସମୟରେ ଛୋଟବଡ ଦୂର୍ଘଟଣାମାନ ଘଟିଥାଏ। ତେବେ ରାଇରଙ୍ଗପୁର ସହର ସନ୍ନିକଟ ପୁରୁଣାଘାଟି ପେଟ୍ରୋଲ ପମ୍ପଠାରୁ ଭାଲୁବସା ପର୍ଯ୍ୟନ୍ତ ଏବଂ ପୁରୁଣାପାଣି ନିକଟରେ ଶତାଧିକ ଲୁହାପଥର ବୋଝେଇ ଟ୍ରକ୍ ରାସ୍ତା ଉପରେ ଛିଡା ହୋଇଥାଏ । କୌଣସି ଟ୍ରକ୍ ପାର୍କିଂ ଲାଇଟ୍ ଜଳାଉ ନଥିବାରୁ ରାତ୍ରି ସମୟରେ ପଥଚାରୀମାନେ ଜାଣି ନପାରି ଟ୍ରକକୁ ଧକ୍କା ଦେଇଥାନ୍ତି । ଦୁର୍ଘଟଣା ଯୋଗୁ ଗତ ୩ ମାସ ମଧ୍ୟରେ ପ୍ରାୟ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ରୁ ଅଧିକ ଆହତ ମଧ୍ୟ ହୋଇଥିବା ସୂଚନା ମିଳିଛି । ଏହା ବ୍ୟତିତ ଦିନ ସମୟରେ ମଧ୍ୟ ଭାରିଯାନ ଗୁଡିକ କିଛି ସ୍ଥାନରେ ଧାଡି ବାନ୍ଧି ଛିଡା ହେଉଥିବାରୁ ଅନ୍ୟ ଯାନ ଉକ୍ତ ରାସ୍ତାଦେଇ ପାରହେଉଥିବା ସମୟରେ ଯାନ ଗୁଡିକ ଯିବା ଆସିବା କରିବାରେ ଅସୁବିଧା ହେଉଛି । ଭାଲୁବସା ଓ ପୁରୁଣାପାଣିଠାରେ ରାଇରଙ୍ଗପୁର ଟାଉନ ଥାନା ପକ୍ଷରୁ ଜଣେ ଲେଖାଁଏ ହୋମଗାର୍ଡ ନିୟଜିତ କରାଯାଇଥିଲେ ମଧ୍ୟ ଏଭଳି କାର୍ଯ୍ୟକୁ ବିରୋଧ କରନ୍ତି ନାହିଁ । ନୋ ପାର୍କିଂ ଜୋନ୍‌ରେ ଦୀର୍ଘ ସମୟ ଧରି ଶତାଧିକ ଯାନ ବେଆଇନ୍ ଭାବେ ଛିଡା ହେଉଥିଲେ ମଧ୍ୟ ପୁଲିସ ପ୍ରଶାସନ କିମ୍ବା ପରିବହନ ବିଭାଗ ପକ୍ଷରୁ କୌଣସି ଚାଲାଣ ମଧ୍ୟ କଟା ଯାଉ ନଥିବାରୁ ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନ ଉଠୁଛି । ଗତ ଏକ ମାସ ମଧ୍ୟରେ ଏହି ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଉ ନାହାନ୍ତି । ଏହା ବ୍ୟତିତ ଦିନବେଳା ଲୁହାପଥର ଟ୍ରକ୍ ଗୁଡିକ ସହର ଦେଇ ଯିବା ଆସିବା କରୁଥିବାରୁ ସହରରେ ଅଞ୍ଚଳବାସୀ ଯାତାୟତ କରିବାକୁ ଭୟ କରୁଛନ୍ତି । ତେବେ ବାଇପାସ୍ ନିର୍ମାଣ ହେଲେ ଦୁର୍ଘଟଣା ସଂଖ୍ୟା କମିବ ବୋଲି କୁହାଯାଉଛି । ତେବେ ବାଇପାସ୍ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି। ସ୍ଥାନୀୟ ପୁଲିସ୍ ଓ ପରିବହନ ବିଭାଗ ପକ୍ଷରୁ ଲୁହାପଥର ଟ୍ରାନ୍ସପୋର୍ଟ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହେଉଛି ।

# ବନ୍ଦ ହୋଇଯିବ କାରାଗାର କମ୍ପ୍ୟୁଟରୀକରଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କାରାଗାର ପରିଚାଳନାକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୨୦୨୩ ମସିହାରେ ଆରମ୍ଭ କରିଥିଲେ ପ୍ରିଜନ୍ ମ୍ୟାନେଜ୍‌ମେଣ୍ଟ ସ୍କିମ୍(ପିଏମ୍‌ଏସ୍)। କାରାଗାର କମ୍ପ୍ୟୁଟରୀକରଣ ପାଇଁ ଉଦ୍ଦିଷ୍ଟ ଏହି ଯୋଜନାରେ ୭ଟି ଜେଲ୍ ପାଇଁ ୧୯ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା। ମାତ୍ର ଏହି ପାଇଲଟ୍ ପ୍ରୋଜେକ୍ଟ ସରିବା ବିଳମ୍ବ ହେଉଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ କ୍ଷୋଭ ପ୍ରକାଶ କରିଛନ୍ତି। ଦେଢ଼ ବର୍ଷରୁ ଅଧିକ ସମୟ ବିତିବା ପରେ ବି ପ୍ରକଳ୍ପର ଅଧା ବି ସରିନାହିଁ। ତେଣୁ ଏହି ପ୍ରକଳ୍ପକୁ ବନ୍ଦ କରିଦିଆଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଚେତାବନୀ ଦେଇଥିବା ଜଣାପଡ଼ିଛି। ତତ୍‌କାଳୀନ ଜେଲ୍ ଡିଜି ମନୋଜ ଛାବ୍ରାଙ୍କ ସମୟରେ ଏହି ପ୍ରୋଜେକ୍ଟ ହାତକୁ ନିଆଯାଇଥିଲା। ୨୦୨୪ ମଧ୍ୟ ଭାଗ ସୁଦ୍ଧା ଏହି କାମ ସାରିବାକୁ ଯୋଜନା କରାଯାଇଥିଲା। ଝାରପଡ଼ା ସ୍ପେସାଲ୍ ଜେଲ୍, ଚୌଦ୍ୱାର, ବ୍ରହ୍ମପୁର, ପୁରୀ, ବାରିପଦା, କୋରାପୁଟ, ଓ ସମ୍ବଲପୁର ଜେଲ୍‌ରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଏହା କାର୍ଯ୍ୟକାରୀ ହେବାର ଥିଲା। ଉଦ୍ଦେଶ୍ୟ ଥିଲା ଜେଲ୍ ପରିଚାଳନାକୁ ଡିଜିଟାଇଜେସନ୍ ବା କମ୍ପ୍ୟୁଟରୀକରଣ କରିବା। କେଉଁ ୱାର୍ଡରେ କେତେ ବନ୍ଦୀ ଅଛନ୍ତି, ତା'ର ରେକର୍ଡ କରିବା, ବିନା ଫିଙ୍ଗରପ୍ରିଣ୍ଟରେ କେହି ୱାର୍ଡକୁ ପ୍ରବେଶ କରିପାରିବେନି ଓ କୌଣସି ୱାର୍ଡର କଏଦୀ ଅନ୍ୟ ୱାର୍ଡକୁ ପ୍ରବେଶ କରିବା ଆଦିରେ କଟକଣା ରହିବା ଭଳି ବ୍ୟବସ୍ଥାକୁ ଅଟୋମେଟେଡ୍ କରିବା ଥିଲା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ସେହିଭଳି ବନ୍ଦୀଙ୍କ କ୍ୟାଣ୍ଟିନ୍ ବାବଦ ଖର୍ଚ୍ଚ ଫିଙ୍ଗରପ୍ରିଣ୍ଟରୁ ଜଣାପଡ଼ିବ ଓ ତାଙ୍କ ଆକାଉଣ୍ଟରୁ ସ୍ୱତଃ କଟିବା ବ୍ୟବସ୍ଥା ମଧ୍ୟ ରହିଛି। କେଉଁ ବନ୍ଦୀ କେଉଁ ରୋଗରେ ପୀଡ଼ିତ, ଜେଲ୍‌ରେ ସେମାନଙ୍କର କି ପ୍ରକାର ଚିକିତ୍ସା ଚାଲିଛି, ସେସବୁର ତଥ୍ୟ ରେକର୍ଡ ହୋଇ ରହିବ। ସେହିପରି ଅଫିସରେ ବସି ୱାର୍ଡ ସହିତ ଯୋଗାଯୋଗ କରିବା ବ୍ୟବସ୍ଥା ମଧ୍ୟ ଏହି ପ୍ରକଳ୍ପରେ ଥିଲା। ଇତିମଧ୍ୟରେ ପୂର୍ବତନ ଜେଲ୍ ଡିଜି ମନୋଜ ଛାବ୍ରା ଓ ଅମ୍ରିତ୍ ମୋହନ ପ୍ରସାଦ ଗଲେଣି। କିନ୍ତୁ ପ୍ରକଳ୍ପ ସରିପାରିଲା ନାହିଁ। ଏବେ ଜେଲ୍ ଡିଜି ଅରୁଣ ରାୟ ଉକ୍ତ ପ୍ରୋଜେକ୍ଟକୁ ସାରିବା ପାଇଁ ଗୁରୁତ୍ୱ ଦେଇଛନ୍ତି। ଦେଖାଯାଇଛି ଯେ ଠିକା ନେଇଥିବା ଘରୋଇ ସଂସ୍ଥା ୭ଟି ଜେଲ୍‌ରେ ଅଧିକାଂଶ କାମ ସାରିଛି। ମାତ୍ର ପ୍ରୋଜେକ୍ଟ ଠିକ୍‌ରେ କାମ କରୁନାହିଁ। ଠିକା ସଂସ୍ଥା ଓକାକ୍‌ଠାରୁ କୋଟି କୋଟି ଟଙ୍କା ନେଇ ସାରିଲାଣି। ମାତ୍ର ତାହା ପାଣିରେ ପଡ଼ିବା ସଦୃଶ ହୋଇଛି। ତେଣୁ ୭ଦିନ ଭିତରେ କାମ ଠିକ୍‌ରେ ନ ସରିଲେ, ଏହି ପ୍ରକଳ୍ପକୁ ବନ୍ଦ କରାଯିବ ବୋଲି ଜେଲ୍ ଡିଜି ଶ୍ରୀ ରାୟ ଠିକା ସଂସ୍ଥାକୁ ସତର୍କ କରାଇଛନ୍ତି।

# ବାପାକୁ ଲୁହା ନଳୀରେ ପିଟିପିଟି ହତ୍ୟା

**ରାଉରକେଲା, ନ୍ୟୁଜ ବ୍ୟୁରୋ**

୨୦୦୯ ମସିହାରେ ନିଜ ସ୍ତ୍ରୀକୁ ଅତି ନୃଶଂସ ଭାବେ ହତ୍ୟା କରିଥିଲା ସ୍ୱାମୀ। ସେତେବେଳକୁ ବଡ଼ ପୁଅକୁ ୧୩ ବର୍ଷ, ସାନପୁଅକୁ ୧୧ ବର୍ଷ। ନିଜ ଆଖି ସାମନାରେ ଘଟିଥିବା ଏହି ହୃଦୟବିଦାରକ ଘଟଣାକୁ ଭୁଲି ପାରିନଥିଲା ସାନପୁଅ। ଏଣୁ ୧୪ ବର୍ଷ ଜେଲ୍ ଜୀବନ କାଟି ଫେରିଥିବା ବାପାକୁ ଲୁହା ନଳୀରେ ପିଟିପିଟି ହତ୍ୟା କରିଛି। ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଭାଲୁପତ୍ରା ଗାଁରେ ଏହି ଲୋମହର୍ଷଣକାରୀ ଘଟଣା ଇସ୍ପାତ ସହରରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ୨୦୦୯ ମସିହାର ଘଟଣା। ଝରାବସ୍ତିରେ ରହୁଥିବା କ୍ରାନ୍ତିକୁମାର ବର୍ମା (୬୦) ନିଜ ପତ୍ନୀଙ୍କୁ ହତ୍ୟା କରିଥିଲା। ସେତେବେଳକୁ ବଡ଼ପୁଅ ଶିବକୁ ୧୩ ଓ ସାନପୁଅ ବିଷ୍ଣୁକୁ ୧୧ ବର୍ଷ ହୋଇଥିଲା। ହତ୍ୟା ଅଭିଯୋଗରେ କ୍ରାନ୍ତିକୁମାର ଜେଲ୍ ଯାଇଥିଲା। ତେବେ ମା'ର ହତ୍ୟାକୁ ଭୁଲି ନପାରି ପ୍ରତିଶୋଧ ନେବାକୁ ସ୍ଥିର କରିଥିଲା ସାନପୁଅ ବିଷ୍ଣୁ। ପତ୍ନୀ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ସଜା କାଟୁଥିବା କ୍ରାନ୍ତିକୁମାର ଗତ ଡିସେମ୍ବର ମାସରେ ଜେଲ୍‌ରୁ ମୁକୁଳିଥିଲେ। ତେବେ ଘରକୁ ଫେରିବା ପରେ ମଧ୍ୟ କ୍ରାନ୍ତିକୁମାରଙ୍କ ଆଚରଣରେ କୌଣସି ପରିବର୍ତ୍ତନ ହୋଇନଥିଲା। ପୁଅ ବିଷ୍ଣୁକୁ ଅନେକ ସମୟରେ ମାଡ଼ପିଟ କରିବା ସହ ଗାଁର ମହିଳାମାନଙ୍କୁ ଅସଦାଚରଣ କରୁଥିଲେ। ଏଣୁ ଛୋଟ ବେଳୁ ଥିବା ରାଗକୁ ସୁଝାଇବାକୁ ବିଷ୍ଣୁ ସୁଯୋଗ ଅପେକ୍ଷାରେ ରହିଥିଲା। ରବିବାର ରାତି ପ୍ରାୟ ସାଢ଼େ ୮ଟାରେ କ୍ରାନ୍ତିକୁମାର ବିନା କାରଣରେ ଝଗଡ଼ା କରିଥିଲେ। ଫଳରେ ବିଷ୍ଣୁ ରୋଷେଇଘରୁ ଏକ ଲୁହା ନଳୀ ଆଣି ପିଟିପିଟି ବାପାକୁ ହତ୍ୟା କରିଥିଲା। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

# ଭୁବନେଶ୍ୱରର ବିକାଶ ମୂଳକ କାର୍ଯ୍ୟକୁ ବହି ମାଧ୍ୟମରେ ପ୍ରଦାନ କଲେ ସାଂସଦ ଅପରାଜିତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଭୁବନେଶ୍ୱର ସାଂସଦ ଶ୍ରୀମତି ଅପରାଜିତା ଷଡ଼ଙ୍ଗୀ ନିର୍ବାଚନ ପ୍ରଚାର ସମୟରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରବାସୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ଗୋଟି ଗୋଟି କରି ବାସ୍ତବତାର ରୂପ ଦେବାରେ ଲାଗିଛନ୍ତି। ଯାହାର ସବିଶେଷ ତଥ୍ୟକୁ ଭୋଟରଙ୍କ ସାମ୍ନାରେ ରଖିଛନ୍ତି ସେ । ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜିବୀଙ୍କୁ ନେଇ ଆୟୋଜିତ ଏକ ବୈଠକରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିକାଶ କାର୍ଯ୍ୟ ନାମକ ଏକ ବୁକଲେଟ୍ ବାଣ୍ଟିଛନ୍ତି ଅପରାଜିତା । ଯେଉଁଥିରେ ଗତ ୬ ମାସ ମଧ୍ୟରେ ସାଂସଦ ହିସାବରେ ଲୋକଙ୍କ ଲାଗି କଣ କଣ ବିକାଶ ମୂଳକ ପଦକ୍ଷେପ ନେଇଛନ୍ତି ତାର ଏକ ଲମ୍ବା ତାଲିକା ପ୍ରଦାନ କରିଛନ୍ତି । ୧୮ ପେଜ୍ ବିଶିଷ୍ଟ ଏହି ବୁକଲେଟରେ ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଜୟଦେବ, ଖୋର୍ଦ୍ଧା, ଜଟଣୀ, ବେଗୁନିଆ ନିର୍ବାଚନ ମଣ୍ଡଳୀଓ୍ୱାରି ଜାରି ରହିଥିବା ବିକାଶ ମୂଳକ କାର୍ଯ୍ୟର ତଥ୍ୟ ରଖାଯାଇଛି । ମୋଟ ଶହେ ଜଣଙ୍କୁ ଏହି ବୁକ୍ ଲେଟ୍ ପ୍ରଦାନ କରାଯାଇଛି। ଯେଉଁଥିରେ ସହିଦ ନଗରଠାରେ ସ୍ଥାୟୀ ହାଟଠୁ ଆରମ୍ଭ କରି ସତସଙ୍ଗ ବିହାର ନିକଟରେ ଫୁଟ୍ ଓଭରବ୍ରିଜ୍, ନୟାପଲ୍ଲୀ କମ୍ୟୁନିଟି ପାର୍କ ନିର୍ମାଣ ଲାଗି ଜମି ପ୍ରଦାନ, ଅତ୍ୟାଧୁନିକ ଫିସ୍ ମାର୍କେଟ୍ ଓ ମଣ୍ଡି ଲାଗି ଜମି ପ୍ରଦାନ ସହ କାର୍ଯ୍ୟ ଆରମ୍ଭ, ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସଂସ୍କୃତି ହଲ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ, ଖୋର୍ଦ୍ଧା ଟାଉନ ବାଇପାସ୍, ଜଟଣୀରେ କ୍ୟାନ୍ସର ହସପିଟାଲ ସ୍ଥାପନ ଭଳି ଉନ୍ନତି ମୂଳକ ପଦକ୍ଷେପମାନଙ୍କର ସବିଶେଷ ତଥ୍ୟ ରହିଛି। ସେହିଭଳି ବାଲିଅନ୍ତା ଯଶୁଆପୁରରେ ହେଲ୍ଥ-ସବ୍-ସେଣ୍ଟର ଉଦଘାଟନ ହେଉ କି ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତରେ ୨୫୦ କୋଟି ବ୍ୟୟରେ ନିର୍ମାଣ ହୋଇଥିବା ସିଲେଇ ଶିଳ୍ପ ସମ୍ପର୍କରେ ମଧ୍ୟ ତଥ୍ୟ ରଖିଛନ୍ତି ଅପରାଜିତା । ଏହି ଶିଳ୍ପ ଦ୍ୱାରା ୧୦ ହଜାର ପୁରୁଷ ଏବଂ ମହିଳାଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ଦାବି କରିଛନ୍ତି ଅପରାଜିତା ଷଡ଼ଙ୍ଗୀ । ସେହିଭଳି ବ୍ରହ୍ମେଶ୍ୱର ମନ୍ଦିର, କପିଳେଶ୍ୱର ମନ୍ଦିର ଭଳି ବିଭିନ୍ନ ମନ୍ଦିରର ଉନ୍ନତିକରଣ ହେଉ କି ତରାବୋଇ ରେଳ ଷ୍ଟେସନର ଭିତ୍ତି ପ୍ରସ୍ତର ସ୍ଥାପନ, ତିନୋଟି ସୌର ଚାଳିତ ଶୀତଳ ଭଣ୍ଡାରର ଉଦଘାଟନ, ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ, ଲିଙ୍ଗରାଜ ପାସେଞ୍ଜର ହଲ୍ଟକୁ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ କରିବା, ଜଟଣୀରେ ରେଳ ଓଭରବ୍ରିଜ୍ ନିର୍ମାଣର ତଥ୍ୟ ମଧ୍ୟ ଜନସାଧାରଣଙ୍କୁ ପ୍ରଦାନ କରିଛନ୍ତି । ସେହିଭଳି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ୭୫୦୦ରୁ ଊର୍ଦ୍ଧ୍ୱ ସିଙ୍ଗଲ ସୋଲାର ଲାଇଟ୍ ଲଗାଇବା ସହ ୧୫୩ଟି ହାଇମାଷ୍ଟ ସୋଲାର ଲାଇଟ୍ ଏବଂ ୨୦ଟି ମିନି ମାଷ୍ଟ ସୋଲାର ଲାଇଟ୍ ଲଗାଇଥିବା ମଧ୍ୟ ଦର୍ଶାଇଛନ୍ତି ଅପରାଜିତା। ଖାଲି ଏତିକି ନୁହେଁ ଅପରାଜିତାଙ୍କ ଅନୁରୋଧରେ ବିଏମସି ପକ୍ଷରୁ ୧୬୦ଟି ଭିନ୍ନ ଭିନ୍ନ ପ୍ରକଳ୍ପ ଲାଗି ଡକାଯାଇଥିବା ଟେଣ୍ଡରର ସବିଶେଷ ତଥ୍ୟ ମଧ୍ୟ ଏହି ବୁକଲେଟରେ ସ୍ଥାନ ପାଇଛି । ଏହି ପ୍ରୟାସ ଦ୍ୱାରା ସାଧାରଣ ଲୋକ ମଧ୍ୟ ସାଂସଦଙ୍କର ଉନ୍ନତିମୂଳକ ପଦକ୍ଷେପ ସମ୍ବନ୍ଧରେ ସବୁ ପ୍ରକାରର ତଥ୍ୟ ପାଇପାରୁଛନ୍ତି । ଆଉ ଆଗକୁ ଏସବୁ ପ୍ରକଳ୍ପ କିମ୍ବା କାର୍ଯ୍ୟରେ କିଛି ବି ବ୍ୟତିକ୍ରମ ଦେଖିଲେ ବିଭାଗୀୟ ଅଧିକାରୀ କିମ୍ବା ସାଂସଦଙ୍କୁ ଅଭିଯୋଗ ମଧ୍ୟ କରିପାରିବେ । ଅନ୍ୟପଟେ ଆଗାମୀ ଦିନରେ ଭୁବନେଶ୍ୱରକୁ ପୂର୍ବ ଭାରତର ଏକ ନମ୍ବର ସହର ରୂପେ ଗଢ଼ି ତୋଳିବାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ଆଗକୁ ପ୍ରତି ୬ ମାସରେ ଏହିଭଳି ନିର୍ବାଚନ ମଣ୍ଡଳୀଓ୍ୱାରି ବିକାଶ ମୂଳକ କାର୍ଯ୍ୟର ଲିଷ୍ଟ ସବୁ ପ୍ରଦାନ କରିବେ ବୋଲି କହିଛନ୍ତି ସେ । ଆଉ ସାଂସଦଙ୍କର ଏଭଳି କାର୍ଯ୍ୟକୁ ବେଶ୍ ନିଆରା ପଦକ୍ଷେପ ବୋଲି ଅଭିହିତ କରିବା ସହ ଖୁବ୍ ପ୍ରଶଂସା କରିଛନ୍ତି ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଅପ୍ରେଲ ୨୦୨୫ ସୋମବାର





# ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦୋଷମୁକ୍ତ ଆଧାରରେ ଅପରାଧିକ ମାମଲା ରଦ୍ଦ କରାଯାଇପାରିବ ନାହିଁ : ହାଇକୋର୍ଟ



**କଟକ, ନ୍ୟୁଜ ବ୍ୟୁରୋ**

ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦୋଷମୁକ୍ତ ହେବା ନ୍ୟାୟିକ ପ୍ରକ୍ରିୟାର ଅଗ୍ରଗତିକୁ ରୋକି ନଥାଏ। ଉଭୟ ନ୍ୟାୟିକ କାର୍ଯ୍ୟବାହୀ ପ୍ରକ୍ରିୟା ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ମଧ୍ୟରେ ଏକ ମୌଳିକ ଅନ୍ତର ରହିଛି। ଏଣୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଜଣେ ଦୋଷମୁକ୍ତ ହୋଇଥିଲେ ମଧ୍ୟ ଅପରାଧିକ ମାମଲା ଆଇନ ଅନୁସାରେ ଜାରି ରହିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ରିଖିରାମ ଚନ୍ଦ୍ରକାର ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ଶିବଶଙ୍କର ମିଶ୍ର ଏପରି ରାୟ ପ୍ରକାଶ କରିଛନ୍ତି। ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ପ୍ରାମାଣିକ ତଥ୍ୟର ମାନ ଅପରାଧିକ ମାମଲା ସହ ସମାନ ନୁହେଁ। ଏଣୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦୋଷମୁକ୍ତ ହୋଇଥିବା ସତ୍ତ୍ୱେ ଦୁର୍ନୀତି ମାମଲାରେ ଅଭିଯୁକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ରୁଜୁ ଅପରାଧିକ ମାମଲା ରଦ୍ଦ ପାଇଁ ଏହା ଫଳପ୍ରଦ ହେବ ନାହିଁ। ପ୍ରାଧିକୃତ ଅଧିକାରୀଙ୍କ ସ୍ୱୀକୃତି ଆଧାରରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଅଧିକାରୀଙ୍କୁ ଦୋଷମୁକ୍ତ କରିଦିଆଯାଇଥାଏ। ଏଣୁ ଏହି ଆଧାରରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରଦ୍ଦ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଆବେଦନକାରୀ ମାନେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦୋଷମୁକ୍ତ ହୋଇଥିବାରୁ ସେମାନଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନରେ ରୁଜୁ ମାମଲା ରଦ୍ଦ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ

# ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳନରେ କେନ୍ଦ୍ରାପଡା ଜିଲ୍ଲା ରାଜ୍ୟରେ ଦ୍ୱିତୀୟ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାକୁ କୁପୋଷଣ ମୁକ୍ତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହୋଇଥିବା ଜଣାପଡିଛି। ଜାତୀୟ ପୋଷଣ ଯୋଜନାରେ ଗତ ସେପ୍ଟେମ୍ବର ୨୦୨୪ରେ ଏକମାସ ବ୍ୟାପୀ ପୋଷଣ ମାସ ପାଳନ କରାଯାଇଥିଲା। ଯେଉଁଥିରେ ପୋଷଣ ଜନିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ତୃଣମୂଳସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ କରାଯାଇଥିଲା। ୩୦ ଗୋଟି ଜିଲ୍ଲା ମଧ୍ୟରେ ଜନଆନ୍ଦୋଳନ କ୍ଷେତ୍ରରେ



କେନ୍ଦ୍ରାପଡା ଜିଲ୍ଲାରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଏଥିନିମନ୍ତେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ସମାରୋହରେ କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଅଧିକାରିଣୀ ଶ୍ରୀମତୀ ମନୋରମା ସ୍ୱାଇଁକୁ ଜିଲ୍ଲାର ଅଗମ୍ୟ ଅଂଚଳ ଗୁଡିକୁ ପୋଷଣ ଅଭିଯାନର ବାର୍ତ୍ତା ପହଁଚାଇବା ସହ ବହୁମାତ୍ରାରେ ଜନସଚେତନତା ସୃଷ୍ଟି କରିପାରି ଜିଲ୍ଲାକୁ କୁପୋଷଣ ମୁକ୍ତ କରିବା ନିମନ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କରକମଳରୁ ପୁରସ୍କାର ଗ୍ରହଣ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସ୍ୱାଇଁ ଏଥିନିମନ୍ତେ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ, ଜିଲ୍ଲା ସଂଯୋଜକ ସଂଜୟ ପାତ୍ର ଏବଂ ଆଇସିଡିଏସ୍‌ର ସମସ୍ତ କର୍ମକର୍ତ୍ତା, ଅଙ୍ଗନୱାଡୀ କର୍ମୀମାନଙ୍କର କର୍ତ୍ତବ୍ୟ ନିଷ୍ଠା ଯୋଗୁ ଏହା ସମ୍ଭବ ହୋଇପାରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସାଇବର ଠକଙ୍କ ନିଶାଣରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ସାଇବର ଠକଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଡିଜିଟାଲ୍ ଆରେଷ୍ଟ ଭଳି ସଂଗିନ୍ ମାମଲା ସହିତ ଛୋଟଛୋଟ ମାମଲାରେ ସରକାରୀ ଯୋଜନାର ହିତାଧିକାରୀମାନଙ୍କୁ ବି ଟାର୍ଗେଟ୍ କରୁଛନ୍ତି ସାଇବର ଠକ। ଏବେ ସାଇବର ଠକଙ୍କ ନିଶାଣରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ। ହୋଟେଲ୍, ଗେଷ୍ଟ୍‌ହାଉସ୍ ଭଳି ସୁବିଧା ଯୋଗାଇବାକୁ ୱେବ୍‌ସାଇଟ୍ ମାଧ୍ୟମରେ ଲୋଭ ଦେଖାଇ ସାଇବର ଠକମାନେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନଙ୍କୁ ଲୁଟୁଛନ୍ତି। ମାଳମାଳ ନକଲି ୱେବ୍‌ସାଇଟ୍ ଘୁରି ବୁଲୁଛି। ତେଣୁ ଟିକିଏ ସାବଧାନ ନ ହେଲେ, ଫସିବା ନିଶ୍ଚିତ। ଏଭଳି ଠକେଇ ନୂଆ ନ ହେଲେ ହେଁ ଏହା ବଢ଼ିବଢ଼ି ଚାଲିଛି। ତେଣୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏନେଇ ଚିନ୍ତା ପ୍ରକଟ କରିଛି ଏବଂ ସତର୍କ ରହିବାକୁ ପରାମର୍ଶ ଦେଇଛି। ଗୃହ ମନ୍ତ୍ରାଳୟ ଅଧୀନରେ ଥିବା ଇଣ୍ଡିଆନ୍ ସାଇବର କ୍ରାଇମ୍ କୋ-ଅର୍ଡିନେସନ୍ ସେଣ୍ଟର ଏଭଳି ସତର୍କତା ଜାରି କରିଛି। ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚରେ ଏଭଳି ବହୁ ମାମଲା ରୁଜୁ ହେଲାଣି। ୪ମାସ ଭିତରେ ୪୮ରୁ ଅଧିକ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୨୦ଟି ମାମଲାରେ ଓଡ଼ିଆ ତୀର୍ଥଯାତ୍ରୀମାନେ ଲକ୍ଷାଧିକ ଟଙ୍କା ହରାଇଛନ୍ତି। ଏକ ଅଭିଯୋଗ ଅନୁସାରେ ଅଶୋକ ସାହୁ ଉତ୍ତର ଭାରତ ଭ୍ରମଣରେ ଯିବାକୁ ବାହାରିଥିଲେ। ତେଣୁ ବିଭିନ୍ନ ତୀର୍ଥ ସ୍ଥାନରେ ହୋଟେଲ୍ ଓ ଟାକ୍ସି ଆଦି ଆଗୁଆ ବୁକ୍ କରିବା ପାଇଁ ସେ ୱେବ୍‌ସାଇଟ୍‌ରେ ପ୍ରତିଷ୍ଠିତ ଟ୍ରାଭେଲ୍ ଏଜେନ୍ସି ଖୋଜିଲେ। ବାରାଣସୀରେ ହୋଟେଲ୍ ରହଣି ପାଇଁ ସେ ଏକ ୱେବ୍‌ସାଇଟ୍ ଜରିଆରେ ବୁକ୍ କଲେ। ଦୁଇ ଦିନ ରହଣି ପାଇଁ ତାଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡ଼ିବ ଏବଂ ଅଗ୍ରିମ ଆକାରରେ ୨ ହଜାର ଟଙ୍କା ଦେବାକୁ ହେବ ବୋଲି କୁହାଗଲା। ସେ ଅନ୍‌ଲାଇନ୍‌ରେ ଟଙ୍କା ପଇଠ କଲେ। କିଛି ସମୟ ପରେ ତାଙ୍କୁ ଉକ୍ତ ସଂସ୍ଥା ପକ୍ଷରୁ ପୁଣି ଫୋନ୍ କରି କୁହାଗଲା କି ହୋଟେଲ ଖର୍ଚ୍ଚର ୫୦ ପ୍ରତିଶତ ପଇଠ ନ କଲେ, ବୁକିଂ ବାତିଲ ହୋଇଯିବ। ତେଣୁ ଅଶୋକ ଅନ୍‌ଲାଇନ୍‌ରେ ଆଉ ୩ ହଜାର ଟଙ୍କା ପଠାଇଦେଲେ। କିନ୍ତୁ ସେ ବାରାଣସୀରେ ପହଞ୍ଚିବା ପରେ ଠକାମିର ଶିକାର ହୋଇଥିବା ଜାଣିଲେ। କର୍ତ୍ତୃପକ୍ଷ ହୋଟେଲର ପ୍ରକୃତ ୱେବ୍‌ସାଇଟ୍ ଦେଖାଇ ଅଶୋକଙ୍କୁ ନିଶ୍ଚିତ କଲେ ଯେ ତାଙ୍କ ନାଁରେ କୌଣସି ରୁମ୍ ବୁକ୍ ହୋଇନାହିଁ। ତେଣୁ ଅଶୋକ ବାଧ୍ୟ ହୋଇ ଅଧିକ ଟଙ୍କା ପଇଠ କରି ହୋଟେଲ୍‌ରେ ରହିଲେ। ତାଙ୍କ ଅଗ୍ରିମ ୫ ହଜାର ତ ଗଲା, ଶେଷରେ ତତ୍କାଳ ହୋଟେଲ୍ ବୁକ୍ କରି ଅଧିକ ଖର୍ଚ୍ଚାନ୍ତ ହେଲେ। କେବଳ ଅଶୋକ ନୁହନ୍ତି ଏମିତି ଅନେକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ସାଇବର ଠକଙ୍କ ଶିକାର ହେଉଛନ୍ତି। କିଏ ହୋଟେଲ୍ ନାଁରେ ତ ଆଉ କିଏ ହେଲିକପ୍ଟର, କ୍ୟାବ୍ ଆଦି ଆଗୁଆ ବୁକ୍ କରିବାକୁ ଯାଇ ଫସୁଛନ୍ତି। ଓଡ଼ିଶାରେ ପୁରୀ, କୋଣାର୍କ ଓ ଭୁବନେଶ୍ୱର ଭଳି ସହରକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏମିତି ନକଲି ୱେବ୍‌ସାଇଟ୍‌ରେ ଯୋଗାଯୋଗ କରି ପରେ ହନ୍ତସନ୍ତ ହେଉଛନ୍ତି। ଅନ୍‌ଲାଇନ୍‌ରେ ବୁକ୍ କରି ତୀର୍ଥସ୍ଥାନ ବା ପର୍ଯ୍ୟଟନସ୍ଥଳରେ ପହଞ୍ଚିବା ବେଳକୁ ନା ହୋଟେଲ୍ ମିଳୁଛି ନା ମିଳୁଛି ଟ୍ରାଭେଲ୍ ଏଜେନ୍ସି। ସମଗ୍ର ଦେଶରେ ଏଭଳି ମାମଲା ବଢୁଥିବାରୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ଚିନ୍ତା ପ୍ରକଟ କରିଛି। ତେଣୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ଅନ୍‌ଲାଇନ୍ ସର୍ଚ୍ଚ କଲା ବେଳେ ୱେବ୍‌ସାଇଟ୍‌ର ବୈଧତା ଯାଞ୍ଚ କରିବାକୁ ପରାମର୍ଶ ଜାରି କରାଯାଇଛି। ପର୍ଯ୍ୟଟନସ୍ଥଳ ଓ ତୀର୍ଥସ୍ଥଳ ଭ୍ରମଣ ପାଇଁ ସରକାରୀ ୱେବ୍‌ସାଇଟ୍ ରହିଛି। ତେଣୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ସରକାରୀ କିମ୍ବା ଅନ୍ୟ ବୈଧ ୱେବ୍‌ସାଇଟ୍‌ରେ ଯୋଗାଯୋଗ କରିବା ଉଚିତ ବୋଲି ପରାମର୍ଶ ଦିଆଯାଇଛି।

### ପାତାଳି ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି

# ଚଳିତ ରଥଯାତ୍ରାକୁ ସରସ ସୁନ୍ଦର ଆକର୍ଷଣୀୟ କରିବାକୁ ଆଲୋଚନା



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ପାତାଳି ଟ୍ରଷ୍ଟର ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ବପ୍ରଥମେ ୨୦ତମ ପାତାଳି ମହୋତ୍ସବର ସମୀକ୍ଷା ଏବଂ ଏଥିରେ ସହଯୋଗ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତା, ରାଜନେତା, ପ୍ରଶାସନିକ ଅଧିକାରୀ, ସଂକୀର୍ତ୍ତନ ମଣ୍ଡଳୀ ଆଦିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ତା'ପରେ ଆଗାମୀ ରଥଯାତ୍ରାକୁ ସରସ ସୁନ୍ଦର ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ବିଶେଷ ଭାବରେ ଆଲୋଚନା କରାଯାଇଥିଲା । ଏଥିପାଇଁ ଏକ ୭ ଜଣିଆ ରଥ ନିର୍ମାଣ କମିଟି ଗଠନ କରାଯାଇଥିଲା, ଏଥିରେ ସଂଯୋଜକ ଭାବରେ ସତ୍ୟଜିତ ଗଡୁଆ ଏବଂ ସଦସ୍ୟ ଭାବରେ ଧନେଶ୍ୱର ପଧାନ, ଜୈମିନି ନାଏକ, ବୀରମିତ୍ର ପଧାନ, ଗଦାଧର ମେଣ୍ଡିଲି, ପ୍ରମୋଦ ପାତ୍ର, ଉସତ କର୍ଣ୍ଣଙ୍କୁ ମନୋନୀତ କରାଯାଇଅଛି । ପାତାଳି ସେନାର ସମସ୍ତ ସଦସ୍ୟ ରଥ ନିର୍ମାଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଆଗାମୀ ଅକ୍ଷୟ ତୃତୀୟା ଦିନ ସେବାୟତ ସଂଘର ପ୍ରସ୍ତୁତି ବୈଠକରେ ରୀତିନୀତି ସମ୍ପର୍କିତ ସମସ୍ତ ବିଷୟ ଆଲୋଚନା କରିବା ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ହେତୁ ବିଧାୟକ ବୀରମହାରାଜପୁର ଇଂ ରଘୁନାଥ ଜଗଦଲାଙ୍କୁ, ଓଡ଼ିଶା ସରକାର ତଥା ଜିଲ୍ଲା ପ୍ରଶାସନକୁ ସଭା ତରଫରୁ ଧନ୍ୟବାଦ ଅର୍ପଣ କରାଗଲା । ଏହି ବୈଠକକୁ ଟ୍ରଷ୍ଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପରିଚାଳନା କରିଥିବା ବେଳେ ସେବାୟତ ସଂଘ ର ଶରଦ ଚାନ୍ଦ, ପବିତ୍ର ନନ୍ଦ, ରବିନାରାୟଣ ପୂଜାରୀ, ଫକୀର ମୋହନ ପାଢ଼ୀ ଏବଂ ବିଭିନ୍ନ ଗ୍ରାମର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଟ୍ରଷ୍ଟି ସଦସ୍ୟ ଜଗଦିଶ କର୍ଣ୍ଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘୋଷଣାର ୫ ବର୍ଷ ପରେ ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି ଆୟୁଷ ଡ଼ାକ୍ତରଖାନା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ଅତ୍ୟାଧୁନିକ ଆୟୁଷ ଡ଼ାକ୍ତରଖାନା ପ୍ରତିଷ୍ଠା ଘୋଷଣାର ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ । ସରକାରଙ୍କ ପକ୍ଷରୁ ରାଜ୍ୟର ଗଞ୍ଜାମ ଜିଲ୍ଲା ସମେତ ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାରେ ଆୟୁଷ ଡ଼ାକ୍ତରଖାନା ପ୍ରତିଷ୍ଠା ନେଇ ଘୋଷଣା କରାଯାଇଥିଲା । ଘୋଷଣାର ୫ ବର୍ଷ ପରେ ମଧ୍ୟ ଗଞ୍ଜାମ ଜିଲ୍ଲା ପାଇଁ ଘୋଷିତ ଆୟୁଷ ଡ଼ାକ୍ତରଖାନା ନିର୍ମାଣ କାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ପ୍ରକଳ୍ପ ହେଉଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ପ୍ରଦାନରେ ବିଳମ୍ବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନଥିବା





ସୂଚନା ମିଳିଛି । ଏହି ପ୍ରକଳ୍ପଟି ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ ଅନ୍ତର୍ଗତ କରାପଲ୍ଲୀଠାରେ ନିର୍ମାଣ କରାଯାଉଛି। ତେବେ ଡ଼ାକ୍ତରଖାନା ନିର୍ମାଣ କ୍ଷେତ୍ରରେ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି । ମୁଖ୍ୟତଃ ହୋମିଓପ୍ୟାଥିକ, ଆୟୁର୍ବେଦିକ, ଫାର୍ମାସୀ, ପକ୍ଷାଘାତ, ଯୋଗ, ଫିଜିଓଥେରାପି ସମେତ ବିଭିନ୍ନ ବୟସାଧିକ ରୋଗର ସଫଳ ଉପଚାର ନିମନ୍ତେ ୫୦ ଶଯ୍ୟା ବିଶିଷ୍ଟ ଡ଼ାକ୍ତରଖାନା ପ୍ରତିଷ୍ଠା ନେଇ ପ୍ରସ୍ତାବ ରହିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ ଏହି ପ୍ରକଳ୍ପ ନିର୍ମାଣ ନେଇ ପ୍ରାରମ୍ଭରୁ ଜମି ଅଧିଗ୍ରହଣ ନେଇ ସମସ୍ୟା ଉପୁଜିବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଥିଲା । ବାଲେଶ୍ୱର ଜିଲ୍ଲାରେ ନିର୍ମାଣ କାମ ଶେଷ ହୋଇଥିବା ବେଳେ ଗଞ୍ଜାମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁସାରେ କୋଠାରେ ବିଦ୍ୟୁତ୍ କାମ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ପ୍ରକଳ୍ପର ରଙ୍ଗ କାମ ମଧ୍ୟ ଶେଷ ହୋଇନାହିଁ । ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ନିଯୋଜିତ ଠିକାଦାରଙ୍କ ପ୍ରାପ୍ୟ କୁଆଡ଼େ ମିଳିପାରିନଥିବା କାରଣରୁ ପ୍ରକଳ୍ପ କାମ ଧିମା ପଡ଼ିଥିଲା । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବା ଯୋଗୁଁ ଡ଼ାକ୍ତରଖାନା ନିମନ୍ତେ ଆବଶ୍ୟକ ଆନୁଷଙ୍ଗିକ କାର୍ଯ୍ୟ ଓ ନିଯୁକ୍ତି ପ୍ରକ୍ରିୟା ବି ହୋଇପାରିନାହିଁ । ୧୨.୫ କୋଟି ଟଙ୍କା ବ୍ୟୟରେ ଗଞ୍ଜାମ ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅନୁଦାନ ମିଳିଥିବା ବେଳେ କେନ୍ଦ୍ର ସରକାରଙ୍କ ଅନୁଦାନ ମିଳିବାରେ ବିଳମ୍ବ ଯୋଗୁଁ କାର୍ଯ୍ୟ ଆଗେଇ ପାରୁନାହିଁ । ଜିଲ୍ଲା ଆୟୁର୍ବେଦିକ ଅଧିକାରୀଙ୍କ କହିବା ଅନୁସାରେ କୋଠା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପୂର୍ତ୍ତ ବିଭାଗ-୨ର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ୍ତ ପାଣିଗ୍ରାହୀ କହିଛନ୍ତି, କିଛି ଆନୁଷଙ୍ଗିକ ସମସ୍ୟା କାରଣରୁ କାମ ବିଳମ୍ବ ହେଉଥିଲା । ବର୍ତ୍ତମାନ ସମସ୍ତ ସମସ୍ୟାର ଅନ୍ତ ହୋଇଥିବା ଯୋଗୁଁ ଆସନ୍ତା ମାସ ସୁଦ୍ଧା ନିର୍ମାଣ କାମ ପୂର୍ଣ୍ଣାଙ୍ଗ ହେବ ବୋଲି କହିଛନ୍ତି । କୋଠାକାମ ସରିବା ପରେ ମଧ୍ୟ କର୍ମଚାରୀ ନିଯୁକ୍ତି ଓ ଯନ୍ତ୍ରପାତି ନିମନ୍ତେ ଅନେକ ଦିନ ଲାଗିବ ଯାହାଫଳରେ ଏହି ପ୍ରକଳ୍ପର ଭାଗ୍ୟ କେବେ ଖୋଲିବ ତାକୁ ନେଇ ଜିଲ୍ଲାବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ।

# ନୂତନ ରାସନ କାର୍ଡ଼ ପ୍ରସ୍ତୁତି ନିମନ୍ତେ ଇ-କେ.ୱାଇ.ସି ଯାଞ୍ଚ ନିହାତି ଜରୁରୀ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ରାସନ କାର୍ଡ଼ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଞ୍ଚ ତଥା କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ଼ ପ୍ରସ୍ତୁତ କରାଯାଉଛି ।

ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ଼ ପ୍ରସ୍ତୁତ ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ-କେ.ୱାଇ.ସି ଯାଞ୍ଚ ନିହାତି ଜରୁରୀ ଅଟେ । ଏଣୁ ଜିଲ୍ଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ-କେ.ୱାଇ.ସି ଯାଞ୍ଚ କରାଇ ନିଅନ୍ତୁ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଣାଇଛନ୍ତି ।

# ପାଣି ପାଇଁ ବନ୍ୟଜନ୍ତୁ ସଙ୍କଟରେ: ବିଭାଗପକ୍ଷରୁ ପଦକ୍ଷେପ ନେବାକୁ ଦାବି

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଧର୍ମଶାଳା ତହସିଲ ଅଞ୍ଚଳରେ ପାହାଡ ପର୍ବତ, ବାଲି ଲୁଟ ଘଟଣା ଏବେ ଡର ଭୟ ନଥିବା ଭଳି ଦେଖାଯାଉଛି। ପୋଲିସ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନାହିଁ। ରାତିଦିନ ପ୍ରଚଣ୍ଡ ଶବ୍ଦରେ ଧମଶାଳା ଥରି ଉଠୁଛି। ବନ୍ୟଜନ୍ତୁଙ୍କ ଜୀବନ ଏବେ ବିପଦରେ। ଗଡମଧୁପୁର, ମଉଦେଇ, ପନ୍ତୁରୀ ପାହାଡରେ କଳାପଥର ନଥିବାରୁ ଏହି ସଂରକ୍ଷିତ ପାହାଡରେ ବିଭିନ୍ନ ଜାତିର ବନ୍ୟଜନ୍ତୁ ଅଛନ୍ତି। ଖରାଦିନରେ ବନ୍ୟଜନ୍ତୁ ପିଇବା ପାଣି ପାଇଁ ଜନ ବସତି ଆଡେ ଆସୁଛନ୍ତି। ଫଳରେ ବହୁ ଜନ୍ତୁ କୁକୁର ଓ ମଣିଷମାନଙ୍କର ଶିକାର ହେଉଛନ୍ତି। ପାଣି ନପାଇ ବହୁ ଜନ୍ତୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଗଡମଧୁପୁର ପାହାଡରେ ଖୁରିଙ୍ଗ, କୁଟୁରା, ଝିଙ୍କ, ବଜ୍ରକପ୍ଟା, ଭାଲୁ, ବାରାହା ଓ ସରୀସୃପ ଅଛନ୍ତି। ଜଙ୍ଗଲ ମଧ୍ୟରେ ଜୀବଜନ୍ତୁଙ୍କ ପିଇବାପାଇଁ ପୋଖରୀ କିମ୍ବା ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବବାକୁ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ / ୨ରୁ | ଲର | ଚଲୁକୁଶ୍ରୀ / ୧୧ |
| ୪ମ | ୨୧ / ୧୦ | ଚ୧୦ |
| ୫ / ୬କେ | ୭ | ୯ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୧।୪।୨୦୨୫, ବୈଶାଖ ଦ୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୫।୧୭** **ଚନ୍ଦ୍ରୋଦୟ- ରାଘ ୧।୧୭।୧୪**

**ଅଷ୍ଟମୀ-** ସଂଘ ୬।୫୯ ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ଦିଘ ୧୨।୩୬ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ସଂଘ ୬।୫୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଘ ୭।୦୨ ମଧ୍ୟେ । ଦିଘ ୧୦।୩୦ ଗତେ ଘ ୧।୦୧ ମଧ୍ୟେ । **ପର୍ବୋତ୍ସବ -** ଭାରତୀୟ ପ୍ରଶାସନିକ ସେବା ଦିବସ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** କର୍ମାକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ। ଅଳସୁଆମି ଦୂର ହେବ। ବ୍ୟବସାୟରେ ଲାଭବାନ ହେବେ। ବନ୍ଧୁଙ୍କ ସହଯୋଗ ଲାଭ କରିବେ। ରୋଜଗାର ମଧ୍ୟମ ହେବ। ପାରିବାରିକ ଶ୍ରଦ୍ଧା ଲାଭ ହେବ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୪।୨୦୨୫, ଚୈତ୍ର ଦି୨୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୪।୩୪** **ଚନ୍ଦ୍ରୋଦୟ- ରାଘ ୧।୫୯।୦୬**

**ନବମୀ-** ସଂଘ ୬/୧୪ ପର୍ଯ୍ୟନ୍ତ। **ଶ୍ରବଣାନକ୍ଷତ୍ର -** ଦିଘ ୧୨/୪୩ ପର୍ଯ୍ୟନ୍ତ। **ମକରଚନ୍ଦ୍ର-** ରାଘ ୧୨/୨୯ ପର୍ଯ୍ୟନ୍ତ। ଚନ୍ଦ୍ରଶୁଦ୍ଧି- ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନରାଶିର, ରାଘ ୧୨/୨୯ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର ରାଘ ୧୨/୨୯ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ସଂଘ ୬/୧୪ ପରେ କଳମ୍ବ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮/୩୬ ଗତେ ଘ ୧୦/୨୯/ ମଧ୍ୟେ, ଦିଘ ୪/୨୮ ଗତେ ଘ ୫/୧୩ ମଧ୍ୟେ।

31 YEARS
ସମ୍ବାଦ କଳିକା

# ଦେଶର ଦ୍ରୁତ ଗତିରେ ବିକାଶ କରୁଛି ରିଟେଲ ସେକ୍ଟର

ଦେଶର ରିଟେଲ ସେକ୍ଟର ଦ୍ରୁତ ଗତିରେ ବିକାଶ କରୁଛି। ଏକ ରିପୋର୍ଟ ଅନୁଯାୟୀ, ଭାରତର ରିଟେଲ ସେକ୍ଟର ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଭାରତରେ ଖୁଚୁରା ବଜାର ୨୦୧୪ରେ ୩୫ ଲକ୍ଷ କୋଟି ଟଙ୍କା ଥିଲା। ହେଲେ ୨୦୨୪ରେ ଏହା ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ଦଶନ୍ଧି ମଧ୍ୟରେ, ଦେଶର ରିଟେଲ ସେକ୍ଟର ବାର୍ଷିକ ୮.୯ ପ୍ରତିଶତ ହାରରେ ଅଭିବୃଦ୍ଧି କରିଛି। ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ଏବଂ ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ମିଳିତ ଭାବରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ, ବିଭିନ୍ନ ଗ୍ରାହକ ଗୋଷ୍ଠୀ ସହିତ, ଖୁଚୁରା ବ୍ୟବସାୟୀମାନଙ୍କୁ ବିଭିନ୍ନ ଅବସରକୁ ବୁଝିବା ଦରକାର ଓ ଦେଶର ସଫଳ ହେବାକୁ ହେଲେ ତାଙ୍କୁ ଲୋକଙ୍କ ଆବଶ୍ୟକାତା ବୁଝିବାର ଆବଶ୍ୟକତା ରହିଛି। ଭାରତ ଏବଂ ବିଦେଶରେ ସଫଳ ହେବା ପାଇଁ ବିଭିନ୍ନ ସୁଯୋଗକୁ ଚିହ୍ନିବା ଏବଂ ଲୋକଙ୍କ ଆବଶ୍ୟକତାକୁ ବୁଝିବା ଆବଶ୍ୟକ। ଯେଉଁମାନେ ଗ୍ରାହକଙ୍କ ଆବଶ୍ୟକତାକୁ ଯେତେ ଭଲ ବୁଝିପାରିବେ ସେତେ ଲାଭ କରିବେ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଭିନ୍ନ ଭିନ୍ନ ଗ୍ରାହକଙ୍କୁ ଆଧାର କରି ରିଟେଲ ସେକ୍ଟର ଦ୍ରୁତ ଗତିରେ ଅଭିବୃଦ୍ଧି କରିଛି। କୋଭିଡ-୧୯ ମହାମାରୀ ସମୟ ବ୍ୟତୀତ ଭାରତର ଗ୍ରାହକ ଅଭିବୃଦ୍ଧି ଧାରା ଭଲ ରହିଛି। ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ରିଟେଲ ସେକ୍ଟର ୨୦୨୪-୩୪ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି କରିବାକୁ ଯାଉଛି। ୨୦୨୪ ସୁଦ୍ଧା ଏହା ୧୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରିଟେଲ ସେକ୍ଟର ବି ଡେଭଲପ ହେଉଛି। କିନ୍ତୁ ଏହି ଅଭିବୃଦ୍ଧି ଜାରି ରହିବ କି ନାହିଁ ତାହା ଏକାଧିକ କାରଣ ଉପର ନିର୍ଭର କରୁଛି। ବର୍ଦ୍ଧିତ ଜନସଂଖ୍ୟା ସହିତ ଲୋକଙ୍କ ଆଚରଣରେ ଏବେ ପରିବର୍ତ୍ତନ ଆସିଛି। ଗ୍ରାହକମାନେ ନୂଆ ଜିନିଷ କିଣିବା ବିଷୟରେ ପୂର୍ବାପେକ୍ଷା ଅଧିକ ସଚେତନ ଅଛନ୍ତି। ଏହା ସହିତ, ମହିଳା କର୍ମଚାରୀଙ୍କ ପରିସର ବୃଦ୍ଧି ପାଇବା ସହିତ, କିଣିବା ପ୍ରତି ଇଚ୍ଛା ବଢୁଛି। ମୋଟାମୋଟି କହିବାକୁ ଗଲେ ଆସନ୍ତା ଦିନମାନଙ୍କରେ ଯେତିକି ସୁଯୋଗ ଅଛି, ସେତିକି ଚ୍ୟାଲେଞ୍ଜ ମଧ୍ୟ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)
(କ୍ରମଶଃ)

ଆପଣାର କଳାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବେକରେ କର୍ମକର
ନିଶ୍ଚେହେବ ପାରି (୧୭୭)
କରାଇବା କରୁଥିବା
ଯେତେ କର୍ମମାନ
ହୃଦୟରେ ବିବେକକୁ
କରିବ ସ୍ମରଣ (୧୭୮)

ଭଲମନ୍ଦ ବିଚାରକୁ
ବିବେକଟି ସାକ୍ଷୀ
କ୍ଷୀର ନୀର ପରଖିବ
ସେହି ଧର୍ମ ପକ୍ଷୀ (୧୭୯)

ହୃଦୟରେ ବସିଛି
ସଦାତୁନି ହୋଇ
ନିର୍ବିକାର ନିର୍ବିବାଦ
ଅବଧୂତ ସେହି (୧୮୦)

ଏକ ବ୍ରହ୍ମ ବେନିଖଣ୍ଡ
ଜଗତ କଲ୍ୟାଣେ
ହେତୁ ଘରେ ଚେତା ରଖ
ଅଭିରାମ ଭଣେ (୧୮୧)

ଗୁରୁଶିଷ୍ୟ ପିତାପୁତ୍ର
ପ୍ରକୃତି ପୁରୁଷ
ଭକ୍ତ ଭଗବାନ ସେତ
ପରମ ପୁରୁଷ (୧୮୨)
ଜଗତର ହିତ ପାଇଁ
ବ୍ରହ୍ମ ବେନି ଖଣ୍ଡ
ସୃଷ୍ଟି ସ୍ଥିତି ପାଳନରେ
ଖେଳୁଛି ବ୍ରହ୍ମାଣ୍ଡ (୧୮୩)
(କ୍ରମଶଃ)

# କାଳଜୟୀ ସ୍ରଷ୍ଟା ନିତ୍ୟାନନ୍ଦଙ୍କ ଅମର କୃତି ରାଜକନ୍ୟା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ନିତ୍ୟାନନ୍ଦ ମହାପାତ୍ର, ଓଡ଼ିଆ ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଗଦ୍ୟସ୍ରଷ୍ଟା, ବହୁଶାସ୍ତ୍ରଦର୍ଶୀ, ବିଦଗ୍ଧ, ଜ୍ଞାନଗର୍ଭା ତଥା ଉତ୍ସର୍ଗୀକୃତ ବାଣୀ ସାଧକ। ଜୁନ୍‌ମାସ ୧୭ ତାରିଖ ୨୦୧୨ ମସିହାରେ ତାଙ୍କ ଶହେତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଥିଲା। ଏହି ଅବସରରେ ତାଙ୍କ ଅମର ଲେଖନୀ ପ୍ରସୂତ 'ରାଜକନ୍ୟା' ଗଳ୍ପ ସଙ୍କଳନକୁ ଆମ ଓଡ଼ିଶା ପ୍ରକାଶ କରିଛି, ଯାହା ଓଡ଼ିଆ ବାଣୀ ଭଣ୍ଡାରର ଏକ ଅମୂଲ୍ୟକୀର୍ତ୍ତି ଓ କୃତି। ଉପନ୍ୟାସ ରଚନା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି ନିତ୍ୟାନନ୍ଦ। ଅନୁରୂପ ଭାବେ ତାଙ୍କ ଗଳ୍ପ-ଶିଳ୍ପ-ପ୍ରକରଣ ମଧ୍ୟ ରସୋତ୍ତୀର୍ଣ୍ଣ। ଏଗୁଡ଼ିକରେ ସ୍ଥାନିତ ଜାତୀୟତାବାଦ, ତୀକ୍ଷ୍ଣ ଜୀବନ-ଦୃଷ୍ଟି, ଅନୁପମ କଳା ନିପୁଣତା, ପାତ୍ରୋପଯୋଗୀ ଭାଷା ସର୍ବୋପରି ସମାଜ ସଚେତନତା ପାଠକଙ୍କୁ ବିମୁଗ୍ଧ କରେ। ସ୍ରଷ୍ଟାଙ୍କ ପ୍ରକାଶିତ 'ଧଳାଗାର-କଳାଗାର', 'ଏଗାରଟା', 'କ୍ଷଣିକା' ଆଦି ଗଳ୍ପ ସଙ୍କଳନ ଠାରୁ ରାଜକନ୍ୟାଟି ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ସୃଷ୍ଟି, ଯାହାର ଘଟଣା କ୍ରମ ଅତି ସାଧାରଣ। ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ ଆଦି ଦେଶର 'ରାଜକନ୍ୟା' ଓ ରାଜକୁମାରଙ୍କର ବିଳାସ ମନକୁ ନେଇ ବର-କନ୍ୟା ନିର୍ବାଚନ ପ୍ରସଙ୍ଗ; ମୋଟ୍ ଦଶଗୋଟି ଗଳ୍ପ ଗୁନ୍ଥନର ରସ ଶିଳ୍ପ। ଗଳ୍ପ ଗୁଡ଼ିକରେ ପ୍ରକାଶ ପାଇଛି ଭୋଗ-ବିଳାସ-ବାସନା-କାମନାର ଅଜଗରି କ୍ଷୁଧାକଥା। ପ୍ରେମପାଇଁ ତ୍ୟାଗ ଅବା ହୃଦ-ମନ-ପ୍ରାଣମିଳନର ଆତୁରତା ନାହିଁ। ଖିଆଲି ସ୍ୱଭାବ, ତୁଳିତଳ୍ପ ଶେଯରେ ଉପଭୋଗ ତୃଷ୍ଣା ବଳବତ୍ତର ରହିଛି ରାଜକୁମାରୀମାନଙ୍କର। କିନ୍ତୁ ଭୋଗ ତୃଷ୍ଣାର ବଳୟ ଭେଦକରି ନିତ୍ୟାନନ୍ଦ ଶାଶ୍ୱତ ପ୍ରେମ ଟିକକ ଦେଖାଇବାକୁ ସତତ ଚେଷ୍ଟିତ- ଏହାର ଅନୁପମ ନିଦର୍ଶନ 'ରାଜକନ୍ୟା' ଗଳ୍ପ ସଙ୍କଳନ ।

ପ୍ରେମ, ଜୀବନର ଆଦିରସ, ସଞ୍ଚରିଯାଏ ଯୌବନର ପହିଲି ସ୍ପର୍ଶରେ। ତେଣିକି ଲିଙ୍ଗଭେଦରେ ଯାହା ଏହାର ଗତି, କେବେ ଏହାର ପଥ କଣ୍ଟକିତ ଅବା ପିଚ୍ଛିଳ। ବଡ଼ କଠିନ ସେ ପ୍ରୀତି ପାଳିବା, ତୀକ୍ଷ୍ଣ ଅସିଧାର ପରେ ଚାଲିବା, ପବନ ଫାନ୍ଦରେ, ପାରଦ ହାତରେ ଧରିବା ପରି ଏହା ଏକ ଦୁରୂହ ବ୍ୟାପାର। ତେଣୁ ନିୟନ୍ତ୍ରିତ 'ପ୍ରେମ' ହିଁ ଶାଶ୍ୱତ, ଚିରନ୍ତନ, ଅଜର ଅମର; ନତୁବା ଏହା କାମ ସର୍ବସ୍ୱ । ସେଇ ପ୍ରେମ-କାମର ମଧୁର ମହାମିଳନ ଘଟିଛି, ରାଜକନ୍ୟା ଗଳ୍ପ ଗୁଡ଼ିକରେ।

ଯୁଗେ ଯୁଗେ ରାଜକନ୍ୟାମାନେ ଅନନ୍ୟା, ବଡ଼ ବିଳାସିନୀ, ପ୍ରୀତି- ଭୋଗ-କାମ ଲିପ୍ସୁ। ଆପଣା ପିତାଙ୍କ କ୍ଷମତା ପ୍ରାଚୁର୍ଯ୍ୟର ବଳୟ ମାପିକେ ବଳୀୟସୀ। ଦାସୀ, ପରିଚାରୀ, ପୁଷ୍ପୋଦ୍ୟାନ, ବେଷ୍ଟପୋଖରୀ; ତା' ମଧ୍ୟେ ଚନ୍ଦିନୀ ଚଉତରା। ଜଳକେଳିର ମଧ୍ୟ ଅପୂର୍ବ ସୁଯୋଗ; ତେଣେ ପାରିଧିର ବ୍ୟବସ୍ଥା। ଏଭଳି ଐଶ୍ୱର୍ଯ୍ୟ, ବିଭବରେ ଚିରମହକିତ ରାଜକନ୍ୟାମାନଙ୍କର ଜୀବନ ଚୌହଦୀ। ଭୋଗରେ ସେମାନଙ୍କ ଜୀବନ ବିତେ। ବାକି ରହିଲା ଦାମ୍ପତ୍ୟ ଜୀବନ କଥା; ଉପଭୋଗ ପାଇଁ ବର ନିର୍ବାଚନ। ସୁଠାମ, ସୁନ୍ଦର, ସୌମ୍ୟକାନ୍ତି ଯୁକ୍ତ, ବିତ୍ତଶାଳୀ ରାଜକୁମାର ଆବଶ୍ୟକ। ଏଣୁ କନ୍ୟାର ସମସ୍କନ୍ଧ ବର ନିର୍ବାଚନ ପାଇଁ ସ୍ୱୟମ୍ବର, ଆପଣା ଇଚ୍ଛା ମୁତାବକ ବର ନିର୍ବାଚନ। ରାଜକୁମାର ମାନଙ୍କର ମଧ୍ୟ ଅନୁରୂପ ଭାବେ ବିଳାସୀ ମାନସିକତା, ଖିଆଲି ମିଜାଜ୍। ଫଳ ସ୍ୱରୂପ କ୍ଷମତା-ରୂପ-ମୋହ-ଆକର୍ଷଣରେ ଶାଶ୍ୱତ ପ୍ରେମଟି ହୋଇଛି କାଳିମାଗ୍ରସ୍ତ !

ରାଜବାଟୀର ରାଜକୁମାରୀ, ରାଜକୁମାର ସାଧାରଣ ନୁହଁନ୍ତି। ସେଠି ଅହମିକା, ଅହଙ୍କାରର ରାଜତ୍ୱ। ଫଳରେ ଶୁଦ୍ଧପୂତ ହୃଦୟଟିଏ ଆଜି ଦୁଷ୍ପ୍ରାପ୍ୟ। ସେମାନଙ୍କ ଆଚର ବିଚର, ବିଳାସୀ ଗୁଣାବଳୀ ଅନ୍ୟ ପାଞ୍ଚଜଣଙ୍କ ଠାରୁ ବଡ଼ କରି ରଖିଛି ସେମାନଙ୍କୁ। ସେମାନେ ମଧ୍ୟ ଅହମିକାର ଚରମ ସୋପାନରେ। ଗୋଟେ ରାଜ୍ୟରେ ଚତୁର୍ମାସ୍ୟାବ୍ରତ ପାଳନକାରୀ ସାଧୁଙ୍କ ସେବା ଦାୟିତ୍ୱରେ ଥିଲେ ରାଜକୁମାରୀ; ମାତ୍ର ଜଣେ ଅନ୍ଧ ଭିକ୍ଷୁକର କରୁଣତା ରାଜକନ୍ୟାଙ୍କ ହୃଦୟକୁ ବିଗଳିତ କଲା। ତା'ରି ପାଇଁ ପ୍ରଥମେ ଖାଦ୍ୟ ବ୍ୟବସ୍ଥା କଲେ ରାଜନନ୍ଦିନୀ। ତେଣେ ମଣୋହି ବିଳମ୍ବରେ ସାଧୁଙ୍କ ଅଭିଶାପ- "ଯେଉଁ ଅନ୍ଧ ପାଇଁ ମୋ ମଣୋହିରେ ବିଳମ୍ବ କଲୁ ତୋତେ ସେହିପରି ଅନ୍ଧବର ମିଳୁ।" ଦିବ୍ୟଦ୍ରଷ୍ଟା, ତପୋନିଷ୍ଠ, ସାଧୁମହାତ୍ମାଙ୍କର କ'ଣ କମ୍ ଅହମିକା? ଜେମାଙ୍କ କାକୁତି ମିନତି ସବୁ ବ୍ୟର୍ଥ। ତାଙ୍କୁ ଅନ୍ଧବର ମିଳିବ ଇ ମିଳିବ। ତା' ସତ୍ତ୍ୱେ; ଜେମା ମନଇଚ୍ଛା ବର ବାଛିବେ। ରାଇଜ ଜାକର ସବୁ ବାଛୁଅ ଅନ୍ଧ ମଧ୍ୟରୁ ଜଣେ ଜନ୍ମାନ୍ଧ, ଆଉଜଣେ ରୋଗରେ ପଡ଼ି ଅନ୍ଧ, ଆର ଜଣକ ରାଜଜେମାଙ୍କ ପାଣିଗ୍ରହଣ ପାଇଁ ଆପଣାର ଆଖି ଫୁଟେଇ ଦେଇଛି। ଏମାନଙ୍କ ମଧ୍ୟରୁ ଜେମା କାହାକୁ ବରିବେ? ଗଳ୍ପଟିର ପ୍ରଶ୍ନରେ ହିଁ ପରିସମାପ୍ତି। ତେବେ ସାରା ସଂସାରର ଅନ୍ଧଙ୍କଠାରୁ ଅହଙ୍କାରୀ ଚକ୍ଷୁଷ୍ମାନ୍‌ମାନେ କି କମ୍ ଅନ୍ଧ! ଗଳ୍ପଟିର ଏହା ହିଁ ସାରତତ୍ତ୍ୱ।

ଆଉ ଗୋଟେ ରାଜ୍ୟ। ରାଜାଝିଅ ପଣ କରିଛି, "ମୋ ପୋଇଲି ପରିଚାରିକାମାନେ ହାଟକୁ ଯିବେନାହିଁ। ବାଡ଼ିରେ ହାଟ ବସିବ। ବଜାରକୁ ଯିବେ ନାହିଁ। ଘରେ ବଜାର ବସିବ। ଆଉ ମୋ ପାଇଁ ଯିଏ ଫୁଲର



ବସ୍ତ୍ର ବୁଣିଦେବ ମୁଁ ତାକୁ ବାହା ହେବି।" ଅଙ୍ଗ-ବଙ୍ଗ-କଳିଙ୍ଗର ତିନି ରାଜକୁମାର ବଛାହେଲେ। ଜଣଙ୍କର ନାକ, ଆରଜଣଙ୍କ କାନ, ତୃତୀୟ ଜଣଙ୍କ ପାଟି ସୁନ୍ଦର। ସେହି ରାଜକୁମାରମାନେ ଛ' ମାସ ମଧ୍ୟରେ କ୍ରମରେ ବାଡ଼ିରେ ହାଟ, ରାଜବାଟୀରେ ବଜାର ବସାଇଲେ; ଆର ଜଣକ ପାଟଟିଏ ରାଜଜେମାକୁ ଆଣିଦେଲେ। ତାହା "ପାଟନୁହେଁ-ମଠାନୁହେଁ-ପଶମ ନୁହେଁ-ରେଶମୀ ନୁହେଁ, ଏହା କପାଫୁଲରେ ତିଆରି।" ପ୍ରତିଟି ରାଜକୁମାରଙ୍କର ରାଜକୁମାରୀଙ୍କ ରାଜ୍ୟପ୍ରାପ୍ତି ଲାଳସା; ବିବାହ ପାଇଁ ସଭିଁଙ୍କ ସେଇ ଏକା ସର୍ତ୍ତ। ଏଣେ, "ଶଙ୍ଖୁଆ ଶଙ୍ଖଫୁଙ୍କିଲା। ନହବତ ଖାନାରେ ତେଲଙ୍ଗା ବାଇଦ, ତୁରୀ, ମହୁରୀ ଓ ଯୋଡ଼ିନାଗରା ବାଜିଲା। ଆଉ ମାଲୁଣୀ ଆସି ବରଣ ମାଳା ଧରେଇ ଦେଇଗଲା ଜେମାଙ୍କ ହାତରେ। ଏଣିକି ଜେମା କ'ଣ କରିବେ? କାହା ପାଣିଗ୍ରହଣ କରିବେ?" ତିନି କୁମାରଙ୍କ ବୁଦ୍ଧି, କୌଶଳ, ଉପାର୍ଜନ କ୍ଷମତା ରହିଛି; ମାତ୍ର ଫୁଲପରି ମନଟିଏ ନାହିଁ, ଅଛି କେବଳ ରାଜ୍ୟ, ସମ୍ପତ୍ତି, ସୁନ୍ଦରୀ କନ୍ୟା ଉପଭୋଗ ତୃଷ୍ଣା। ଏମାନେ କି ହେବେ ମନ ସଉଦାଗର? ଦେହସୌଦାରେ କି ପ୍ରେମ ଉଜ୍ଜ୍ୱଳିଉଠେ? ଏହାହିଁ ରାଜକନ୍ୟା-୨ର ଅନ୍ତଃସ୍ୱର। କିନ୍ତୁ ରାଜକନ୍ୟା ୧୦ରେ ଗାଳ୍ପିକ ପ୍ରେମକୁ ସର୍ବକାଳୀନ ମୂଲ୍ୟବୋଧରେ ରୂପାୟିତ କରିଛନ୍ତି।

ଏଶ୍ୱର୍ଯ୍ୟଶାଳିନୀ କଳିଙ୍ଗର ରାଜକୁମାର ବୟସ୍ୟଙ୍କୁ ପୁଚ୍ଛା କରୁଛନ୍ତି ଅବନ୍ତୀ ନଗରୀର ତିନି ରତ୍ନଙ୍କର ସ୍ୱୟମ୍ବର ସମ୍ପର୍କରେ, ଯାହାର ଶୁଭଲଗ୍ନ ଫାଲ୍‌ଗୁନ ପୂର୍ଣ୍ଣିମା; ଆଜକୁ ଆଠମାସ ଦଶଦିନ ଆଗରେ । କିନ୍ତୁ କଳିଙ୍ଗ ରାଜକୁମାରଙ୍କ ସ୍ପର୍ଦ୍ଧା; ଧନ-ପ୍ରତିପତ୍ତି ବଦଳରେ ସେ ପ୍ରାପ୍ତ ହେବେ ଅବନ୍ତୀ ରାଜଜେମାଙ୍କୁ। ତାଙ୍କର ଦମ୍ଭୋକ୍ତି, "ମୁଁ କ୍ରୟ କରିବି। ମନୁଷ୍ୟ କ୍ରୟ କରିବି। ହୃଦୟ କ୍ରୟ କରିବି। କଳିଙ୍ଗର ବିପୁଳ ଐଶ୍ୱର୍ଯ୍ୟ କ'ଣ ଯଥେଷ୍ଟ ହେବନାହିଁ ଏଥିପାଇଁ?" କଳିଙ୍ଗ ଐଶ୍ୱର୍ଯ୍ୟର ସହସ୍ରାଂଶରେ ଶତଶତ ଦାସ କ୍ରୟ କରିବା ସମ୍ଭବ; ମାତ୍ର ସହସ୍ର ଗୁଣ ମୂଲ୍ୟରେ ହୃଦୟଟିଏ କିଣା ଅସମ୍ଭବ- ଏହା ଥିଲା ବୟସ୍ୟଙ୍କ ଉତ୍ତର। ଟଙ୍କାର ବିନିମୟରେ ଦାସୀଟିଏ କିଣାଯାଇପାରିବ, କିନ୍ତୁ ପ୍ରିୟାଟିଏ ନୁହେଁ। ମନର ଆସକ୍ତି, ହୃଦୟର ମମତା, ଦୁଇଟିକୁ ଏକ କରାଯାଇନପାରେ। କାରଣ ଆସକ୍ତି କ୍ଷଣସ୍ଥାୟୀ, ମମତା ଚିରନ୍ତନ। ଏଭଳି ଏକ ମହାନ ସତ୍ୟର ପ୍ରମାଣ ପାଇଁ କଳିଙ୍ଗ ରାଜକୁମାର ଭିକ୍ଷୁକ ସାଜିଛନ୍ତି ଅବନ୍ତୀନଗରରେ। ତାଙ୍କୁ ହେଲା ଆଠମାସ କାରାଦଣ୍ଡ । ରାଜକୁମାରଙ୍କ ମିନତି ସ୍ୱରୂପ ପ୍ରତିଦିନ ତାଙ୍କୁ ସନ୍ଧ୍ୟାରେ କିଛି ସମୟ ବଂଶୀ ବାଦନର ସୁଯୋଗ ପ୍ରଦାନ କରାଗଲା। ନିତି ପ୍ରତି ନିରୋଳା ସଞ୍ଜରେ ଅନାଗତ ସ୍ୱରର ଅପୂର୍ବ ଗୁଞ୍ଜନ ଚହଲାଇ ଦେଉଛି ସମଗ୍ର ପରିବେଶ। ଶ୍ରୋତାଏ ମନ୍ତ୍ର ବିମୁଗ୍ଧ, ସୃଷ୍ଟି କରୁଛି ଭ୍ରମ। ରଜତ ଧଉଳା ନିଶାରେ ଶୁଭୁଛି ପିକର କୁହୁତାନ। ଉଦ୍ୟାନ ସହକାର ଶାଖାରୁ ଅସମୟରେ ଝରୁଛି ପ୍ରୀତି-ପ୍ରଦା ପ୍ରେମବାରି। ସ୍ଫଟିକ ନିର୍ମିତ ସ୍ନାନ କୁଣ୍ଡର ସ୍ଥିର ଶୀତଳ ନିର୍ଝର ଜଳ ହଠାତ୍ ଉଭାନ୍, ଆନମନା; ଅନ୍ତଃପୁରର ପ୍ରତ୍ୟେକ ପ୍ରାଣତନ୍ତ୍ରୀରେ ଅପୂର୍ବ ଝଙ୍କାର, ତିନି ରାଜ ନନ୍ଦିନୀ ବିମୋହିତା। ସନ୍ଧ୍ୟାର ଅନ୍ଧାର କାରାକକ୍ଷର ନିଷ୍ଠୁର ପ୍ରାଚୀରକୁ ପୂର୍ଣ୍ଣଗ୍ରାସ କରିଦିଏ, ସୃଷ୍ଟିକରେ ଆକାଶରେ ପ୍ରଥମ ପୁଲକ ବନ୍ଦୀର ସୁମଧୁର ବଂଶୀତାନ। ସତେ ଯେମିତି ରଜନୀଗନ୍ଧାର ମଧୁ ପାଗଳ ପଣରେ ବିହ୍ୱଳ ମରୁତ ଛୁଇଁ ଛୁଇଁ ଯାଏ ହୃଦୟର ନିଭୃତ କୋଠରୀମାନ। ଆସନ୍ତି ଏକପରେ ଆରେକ ରାଜନନ୍ଦିନୀ, କଳିଙ୍ଗ କୁମାରଙ୍କ ରୂପଗୁଣ କଥା ପୁଚ୍ଛା କରନ୍ତି ବନ୍ଦୀଙ୍କୁ । ଜ୍ୟେଷ୍ଠା ରାଜକନ୍ୟା ଅନିନ୍ଦ୍ୟା ସୁନ୍ଦରୀ। ଦିବ୍ୟ ରୂପବତୀର ଲୋଡ଼ା ସୌମ୍ୟ ରାଜକୁମାରଟିଏ, ତୃତୀୟ ଜଣକ ସାମାନ୍ୟ ସୁନ୍ଦରୀ, ଧନ ସୌନ୍ଦର୍ଯ୍ୟ କିଛି ଲୋଡ଼ାନାହିଁ, ବନ୍ଦୀର ବଂଶୀ ସ୍ୱରରେ ସେ ବିହ୍ୱଳା; ବିରହ ବିଧୁରା, ସମ୍ମୋହିତା ରାଇ କିଶୋରୀସମ। କାଲି ପ୍ରଭାତରେ ବନ୍ଦୀ ପାଇବେ ଫାଶି। ପ୍ରହରୀ ପ୍ରେରଣ କରି କାରାକକ୍ଷ ଉନ୍ମୁକ୍ତ କରିଦେଇଛନ୍ତି କନିଷ୍ଠା ରାଜକନ୍ୟା। ସେ ଚାହାଁନ୍ତି ତାଙ୍କର ପ୍ରାଣପ୍ରିୟ ଭିକ୍ଷୁଟି ଅନ୍ତତଃ ବଞ୍ଚିଥାଉ। କାଲି ସଞ୍ଜ ନଇଁଲେ ଭିକ୍ଷୁବେଶୀ କଳିଙ୍ଗ ରାଜକୁମାରଙ୍କର ବଂଶୀସ୍ୱନ ଆଉ ଶୁଭିବନି। କନିଷ୍ଠା ରାଜନନ୍ଦିନୀ ଦୁଃଖରେ ମ୍ରିୟମାଣ, ସେ ଚିହ୍ନିଛନ୍ତି ହୃଦୟକୁ; କଳାର ପୂଜାରିଣୀ ସେ, ବିଭବ, ଐଶ୍ୱର୍ଯ୍ୟ ତାଙ୍କ ପାଇଁ ତୁଚ୍ଛ। ଅନ୍ୟ ରାଜକୁମାରୀମାନେ ବନ୍ଦୀକୁ ବଂଶୀବାଦନ ପାଇଁ କହନ୍ତି; ମାତ୍ର ସେମାନଙ୍କ ପରି କନିଷ୍ଠା ରାଜନନ୍ଦିନୀ କେବେ ଏପରି ଅନୁରୋଧ କରିନାହାନ୍ତି। ସେ ନିଜେ କାନ୍ଦନ୍ତି; କିନ୍ତୁ ବନ୍ଦୀଙ୍କୁ କନ୍ଦାଇବାକୁ ଚାହାନ୍ତି ନାହିଁ - ପ୍ରହରୀଙ୍କ ଏଇ କଥା ପଦକମୁଗ୍ଧ ଚକିତ କରିଛି କଳିଙ୍ଗ ରାଜକୁମାରଙ୍କୁ। ସ୍ୱୟମ୍ବର ଦିନ ଉପସ୍ଥିତ। ଅନ୍ୟଦୁଇ ରାଜନନ୍ଦିନୀ ବରଣମାଳା ଦେଲେ କଳିଙ୍ଗ କୁମାରଙ୍କ ପ୍ରତିମୂର୍ତ୍ତିରେ; ମାତ୍ର ତୃତୀୟ ଜଣକ ଭିକ୍ଷୁଗଳାରେ। ଭିକ୍ଷୁକରୂପୀ କଳିଙ୍ଗ କୁମାର ସ୍ୱୀକାର କଲେ, "ଏଶ୍ୱର୍ଯ୍ୟ ଶାଳିନୀ ରାଜକୁମାର ହେଲେ ହେଁ, ମୁଁ କଳିଙ୍ଗର ଦରିଦ୍ରତମ ପ୍ରଜାଠାରୁ ମଧ୍ୟ ହୀନ। ଯେ ମୋ ଗଳାରେ ବରଣମାଳା ଦେଇଛନ୍ତି, ସେହି ମୋର ପତ୍ନୀ।" ଚହଲି ଯାଇଚି ପରିବେଶ, ପ୍ରେମ ନିର୍ଝରଣୀର ସ୍ୱଚ୍ଛ ନିର୍ମଳଧାରା ରସାଣିତ କରି ଦେଇଛି ସମଗ୍ର ବାତାବରଣକୁ। ଉଡ଼ିଛି ଶାଶ୍ୱତ, ଅମର ପ୍ରେମର ବିଜୟ କେତନ। ଭୋଗ, ବାସନା, କାମନାର ଯେଉଁ ପ୍ରାବଲ୍ୟ ପରିବେଶକୁ ପୂତି ଗନ୍ଧମୟ କରିଥିଲା, ଶେଷରେ ଏହା ପାଲଟିଛି ପୂତ ପବିତ୍ର। କନିଷ୍ଠା ରାଜକନ୍ୟାଙ୍କ ମହନୀୟ ଚିନ୍ତାଚେତନା ପ୍ରକଟିତ କରିଛି ପ୍ରେମର ସାରବତ୍ତାକୁ। ସତରେ, ସେହି ରାଜକନ୍ୟା; ପ୍ରେମ ତା'ର ଅନନ୍ୟା !

ରାଜକନ୍ୟାର ନିଖୁଣ ସ୍ରଷ୍ଟା ନିତ୍ୟାନନ୍ଦ ଗଳ୍ପ କଳାର ସୀମିତ ସରହଦ୍ ମଧ୍ୟରେ ଜୀବନର ଖଣ୍ଡାଂଶକୁ ଦେଖାଇ ଦେଇଥିବା ସ୍ଥଳେ ସାମାଜିକ ଚଳଣିର ବିଭବମୟ ରୂପଚିତ୍ର ପ୍ରଦାନରେ ଊଣା କରିନାହାନ୍ତି। ଯେମିତି, "ବାଡ଼ିରେ ହାଟ। ଯାବତ ପନିପରିବା, ଆଳୁ, ବାଇଗଣ, କୋବି, ସାଲଗମ୍, ଜହ୍ନି, ଭେଣ୍ଡି, ଶିମ, କଲରା, ଲାଉ, ବୋଇତାଳୁ, ଯାହା ଖୋଜିବ ପାଇବ। ତେଣେ ଅନ୍ତପୁରରେ ହାଟ। ସୂତାକଟାଳି, ତନ୍ତୀ, ଦରଜୀ, କମାର, ବଢ଼େଇ, ଶଙ୍ଖାରି, ବଣିଆ ସମସ୍ତେ କାମରେ ଲାଗିଯାଇଛନ୍ତି। ଛୁଞ୍ଚିଠାରୁ ଲଙ୍ଗଳଯାଏ, ତାକୁଡ଼ି ଠାରୁ କୁଣ୍ଡାଯାଏ, ଲୁଗା, ଗାମୁଛା, ଚାଦର, ପାନିଆ, ସିନ୍ଦୂର, କାଚ, ସୁନାଚୁଡ଼ି ଯାଏଁ କିଛି ଅଭାବ ନାହିଁ"- ଏମିତି ସହଜ, ସାବଲୀଳ ଭାଷାରେ ଓଡ଼ିଆ ଘରର ଚଳଣି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ନିଚ୍ଛକ ନିଦର୍ଶନ ପ୍ରଦାନ କରିଛନ୍ତି ଗାଳ୍ପିକ ।

ନିତ୍ୟାନନ୍ଦ ଏକ ଅଭିନବ ଶୈଳୀର ଅଧିକାରୀ। ସେ ଶବ୍ଦ-ଯାଦୁକର, ଭାଷାର ସାର୍ବଭୌମ ସମ୍ରାଟ। ପରିସ୍ଥିତି, ପରିବେଶ ଅନୁଯାୟୀ ଚରିତ୍ରମାନଙ୍କର ବୌଦ୍ଧିକ ସ୍ଥିତାବସ୍ଥା ପରିମାପିକେ ଶବ୍ଦ ପ୍ରୟୋଗର ସେ ସିଦ୍ଧହସ୍ତ। ଏହାର ନମୁନାଟେ ରାଜକନ୍ୟା-୫ ଗଳ୍ପରୁ ପ୍ରଦାନ କରାଯାଇପାରେ। ଚାରୁବଦନା ସ୍ମିତହାସ୍ୟରେ ରାଜଲକ୍ଷ୍ମୀ କହନ୍ତି, "ସ୍ଥିତପ୍ରଜ୍ଞ, ଗୁଣାତୀତ, ଭାଗବତ୍ ଭକ୍ତ, ତ୍ରିମୂର୍ତ୍ତିଙ୍କ ମଧ୍ୟରୁ ଜଣେ 'ଜନ୍ମସିଦ୍ଧ' ଅନ୍ୟ ଜଣେ ସାଧନାସିଦ୍ଧ ଓ ତୃତୀୟ ପୁରୁଷ, କୃପା-ସିଦ୍ଧ। ଶ୍ରେୟ, ଶ୍ରେୟସ୍କର ଓ ଶ୍ରେଷ୍ଠ ବିଚାରରେ ଜେମାଙ୍କର ସ୍ୱାଧୀନତା ରହିଛି।" ରାଜନନ୍ଦିନୀଙ୍କ ରୂପ ବର୍ଣ୍ଣନାରେ ଶିଳ୍ପୀ ରୀତିଯୁଗୀୟ ଶୈଳୀକୁ ଆପଣେଇ ନେଇଛନ୍ତି। ଯେପରି, "ଗନ୍ଧହରିଦ୍ରା ପରିଲେପିତା, ସଦ୍ୟସ୍ନାତା, ନାନାଭରଣ-ଶୋଭାଢ଼୍ୟା, ପୀତପଟ୍ଟ ପହରଣୀ ରାଜକନ୍ୟା ବାରଣ ଶିରେ ପଦଚାରଣ କରି ଅଗ୍ରସର ହେଉଛନ୍ତି ସ୍ୱୟମ୍ବର ସଭାଭିମୁଖରେ। ରାଜଜେମାଙ୍କର କମଳ ଚରଣ ଚଳିତ ପଦରଜ ପ୍ରଲେପ ପ୍ରୟାସୀ, ରଜତ ଉଜ୍ଜ୍ୱଳ, ନୂପୁର ନିକ୍ୱଣ, କରୀଅରି କଟି ବେଷ୍ଟିତ ମେଖଳା ବୃତ ଭ୍ରମରସ୍ୱନ ଭ୍ରମଦ ରିଣିଝିଣି ଶବ୍ଦ ସହକାର କୋରକାବୃତ କନକ କଙ୍କଣ, କିଙ୍କିଣି କରମ୍ବିତ ସୁମଧୁର ସ୍ୱର ଶ୍ରବଣ ଲାଳସୀ, ସହସ୍ର ସହସ୍ର ନରନାରୀଙ୍କର ଉତ୍‌କର୍ଣ୍ଣ କର୍ଣ୍ଣ ଅନ୍ୟଜ୍ଞାନଶୂନ୍ୟ।" ଏଭଳି ଶବ୍ଦ ସଂଯୋଜନାର ଅପୂର୍ବ ବିନ୍ଧାଣି ହିଁ ନିତ୍ୟାନନ୍ଦ। ଏତାଦୃଶ୍ୟ ତତ୍ସମ ଶବ୍ଦର ଯାଦୁକାରୀ ପ୍ରଭାବ ପାଠକ ପ୍ରାଣକୁ ରସସିକ୍ତ କରିଦିଏ। ତାହାହିଁ ତାଙ୍କର ନିଆରାପଣ, ସ୍ୱତନ୍ତ୍ର କଳା-କୌଶଳ।

ନିତ୍ୟାନନ୍ଦଙ୍କର ସ୍ରଷ୍ଟାମାନସ ଦିଗନ୍ତ ପ୍ରସାରୀ । ବିଦଗ୍ଧ ଚାତୁର୍ଯ୍ୟ ପୂର୍ଣ୍ଣ ଜ୍ଞାନଗରିମାର ସେ ମୂର୍ତ୍ତିମନ୍ତ ପ୍ରତୀକ। ପୂର୍ବଜମାନଙ୍କର ଆପ୍ତ ବାକ୍ୟକୁ ସେ ବଡ଼ ନିଖୁଣ ଭାବେ ଦେଖାଇ ଦେଇଛନ୍ତି ରାଜକନ୍ୟା-୩ରେ। କବିମାନେ ହିଁ ଦ୍ୱିତୀୟ ବ୍ରହ୍ମା। ସୃଷ୍ଟିର ନିୟମରେ ଯାହା ଅସମ୍ଭବ ତାହା ପୁଣି କବି ଲେଖନୀରେ ସମ୍ଭବ। ସେଦିନ, ''ବୀରାଧିବୀରବର ନବକୋଟି କର୍ଣ୍ଣାଟ କଳ ବର୍ଗେଶ୍ୱର ଗଜପତି ମହାରାଜ ନାରିକେଳ କରକମଳ ଶୋଭା ଧରି ଉଭାହୋଇ ଜଣାଣ କରୁଛନ୍ତି ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଛାମୁରେ, ରତ୍ନମଣ୍ଡପ ଉପରେ କ୍ଷର ଓ ଅକ୍ଷରର ଅତୀତ ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମ, ବ୍ୟକ୍ତ ଅବ୍ୟକ୍ତ ରୂପ ଅରୂପର ସମନ୍ୱିତ ମୂର୍ତ୍ତି। ସଙ୍ଗତରେ ସୁନାମୁଖୀ ସଭୁଦ୍ରା ଓ ଶୁଭ୍ର ଧବଳ ବର୍ଣ୍ଣାଢ଼୍ୟ ବଳଭଦ୍ର।" ରାଜାଙ୍କ ମାଗୁଣି ସ୍ୱପ୍ନାଦେଶ ପାଇଁ, ଉପଯୁକ୍ତ ବିରଳ ବଚନ ପଦେ ଆପଣାର କନ୍ୟା ପାଇଁ ଆକୁଳ ନିବେଦନ, ମିଳିଛି ଆଜ୍ଞା; ମାତ୍ର ବଡ଼ ବିଷମ। ରାଜଜେମା ବିଭାହେବେ, ନିଶ୍ଚୟ ବିଭାହେବେ ଯେଉଁଦିନ ନିଶାର୍ଦ୍ଧରେ ସୂର୍ଯ୍ୟଉଦୟ ହେବେ, ଅମାବାସ୍ୟାରେ ଚନ୍ଦ୍ର ଦେଖାଯିବ, ସେଇଦିନ। ଏଭଳି ଅସମ୍ଭବ କଥାକି ସମ୍ଭବ? ଦୈବ ଯୋଗକୁ ଉଭାହେଲେ ଦୁଇଜଣ ଯୁବ କବି। ଜଣକ ହାତରେ 'ନିଶୀଥ ସୂର୍ଯ୍ୟ' ଓ ଅନ୍ୟଜଣଙ୍କ ହାତରେ 'ଅମାବାସ୍ୟାର ଚନ୍ଦ୍ର'। ଏହି ଦୁଇ ପୁସ୍ତକକୁ ଆଧାର କରି ଗାଳ୍ପିକ ବହୁ ତଥ୍ୟ ଉପସ୍ଥାପନ କରିଛନ୍ତି। ଅସମ୍ଭବର ସମ୍ଭାବନାରେ ମାନସିକ ବିଳାସ ହିଁ ଉତ୍କୃଷ୍ଟ କାବ୍ୟ ପ୍ରକାଶ। ଏଣୁ ଜେମାମଣିଙ୍କ ସମ୍ମୁଖରେ କ୍ଷରରୁ ଅତୀତ ଅକ୍ଷରରୁ ହିଁ ଉତ୍ତମ - ନିଶିଥ ଓ ସୂର୍ଯ୍ୟ, ଅମାବାସ୍ୟା ଓ ଚନ୍ଦ୍ରମାର ସ୍ରଷ୍ଟା। ମାତ୍ର ଜେମା ବରି ନାହାନ୍ତି କାହାକୁ। କେବଳ ପ୍ରାଚୀର ଚିତ୍ରିତ ପ୍ରତିମାସହ ଧ୍ୟାନମଗ୍ନ। ସମଗ୍ର ଗଳ୍ପଟିରେ ଗାଳ୍ପିକ ବହୁ ସାତ୍ତ୍ୱିକ ଉପାଦେୟ ତତ୍ତ୍ୱ ପ୍ରଦାନ କରିଛନ୍ତି। ପରବ୍ରହ୍ମ ନୀଳାଚଳ ବିହାରୀ ହିଁ ନିଶୀଥ ସୂର୍ଯ୍ୟ, ଅମାବାସ୍ୟାର ଚନ୍ଦ୍ର, ଆଦି ଅନ୍ତ, ସୃଷ୍ଟିସଂହାର; ସେ ହର୍ତ୍ତାକର୍ତ୍ତା। ଦୈବବିଧାତା। ଗର୍ବୀ, ମଦମତ୍ତ ଅହଙ୍କାରୀ ରାଜା ଅବା ରାଜନନ୍ଦିନୀ ଏକଥା ବା କାହୁଁ ଜାଣିବେ?

'ରାଜକନ୍ୟା' ଏକ ଅନବଦ୍ୟ ଗଳ୍ପ ସଂକଳନ । ଏତାଦୃଶ ସୃଷ୍ଟି ଓଡ଼ିଆବାଣୀ ଭଣ୍ଡାରରେ ବିରଳ। ବାସ୍ତବିକ ଅନନ୍ୟା ରାଜକନ୍ୟା ମାନଙ୍କର ଜୀବନ ଚର୍ଯ୍ୟାର ଅନନ୍ୟ ବିନ୍ଧାଣି ହିଁ ନିତ୍ୟାନନ୍ଦ ମହାପାତ୍ର, ଓଡ଼ିଆ ସାହିତ୍ୟର ସାଥୀ ସାରଥି-ଏହା ସର୍ବଜନ ସ୍ୱୀକୃତ !

# ବିକଶିତ ଭାରତ ପାଇଁ ନକ୍ସା



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସରକାର ଏବେଠାରୁ ସ୍ୱପ୍ନ ଆରମ୍ଭ କରିଦେଇଛନ୍ତି । ଏଥିନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ତ୍ରୀମଣ୍ଡଳର ମନ୍ତ୍ରୀମାନଙ୍କ ସହ ବିକଶିତ ଭାରତ ନକ୍ସା ନେଇ ଆଲୋଚନା କରିଛନ୍ତି । ଏଥିପାଇଁ ମନ୍ତ୍ରୀମାନେ ଯେଉଁ ଚିନ୍ତାଧାରା ଉପସ୍ଥାପନ କରିଥିଲେ ତାହାକୁ ନେଇ ବ୍ୟାପକ ଆଲୋଚନା କରାଯାଇଛି । ବିକଶିତ ଭାରତ ନକ୍ସା ଲାଗି ପ୍ରଧାନମନ୍ତ୍ରୀ ଗତ ଦୁଇବର୍ଷ ତଳେ ପ୍ରସ୍ତୁତି ଆରମ୍ଭ କରିଥିଲେ । ସେଥିରେ ବିଭିନ୍ନ ମନ୍ତ୍ରଣାଳୟ ସାମିଲ ଥିଲେ । ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପସଂଘ, ନାଗରିକ ସମାଜ ସହ ବି ବ୍ୟାପକ ଆଲୋଚନା ହୋଇଥିଲା । ବୈଜ୍ଞାନିକ ସଂଗଠନ ଓ ଯୁବବର୍ଗଙ୍କ ଠାରୁ ଅଭିନବ ଚିନ୍ତାଧାରା ପରାମର୍ଶ ଓ ଇନ୍‌ପୁଟ୍ ସଂଗ୍ରହ କରାଯାଇଥିଲା । ଏବେ ଲୋକସଭାରେ ସମ୍ବିଧାନ ଉପରେ ସ୍ୱତନ୍ତ୍ର ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ ମୋଦି ଭାରତକୁ ଏକବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ୧୧ଟି ସଂକଳ୍ପ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏହି ସଂକଳ୍ପ ମଧ୍ୟରେ ରହିଛି କର୍ତ୍ତବ୍ୟପାଳନ, ସବ୍‌କା ସାଥ୍ ସବକା ବିକାଶ, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା, ଦାସତ୍ୱ ମାନସିକତାରୁ ମୁକ୍ତି, ବଂଶଗତ ରାଜନୀତିର ଅନ୍ତ, ଆଇନକୁ ସମ୍ମାନ, ସମ୍ବିଧାନକୁ ସମ୍ମାନ, ସଂରକ୍ଷଣ ବ୍ୟବସ୍ଥାର ସୁରକ୍ଷା, ମହିଳା ବିକାଶ, ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ବିକାଶକୁ ପ୍ରାଥମିକତା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଏକ ଭାରତ, ଶ୍ରେଷ୍ଠ ଭାରତର ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଅଗଣିତ ସଂଗ୍ରାମୀ ମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଏବେ ଦେଶ ସ୍ୱାଧୀନ ହେବାର ୭୭ବର୍ଷ ପୂରି ୭୮ ବର୍ଷରେ ପଦାର୍ପଣ କରିଛି। ଏହି ସାତ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏହା ଅମ ପାଇଁ ଗୌରବର ବିଷୟ । ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନକରି ଚାଲିଛୁ । ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଆମେ ଆମର ଇପ୍‌ସିତ ଲକ୍ଷ୍ୟକୁ ଅନେକାଂଶରେ ପୂରଣକରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛୁ। ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି। ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି। ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକି ନୁହେଁ , ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି। ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା, ସଫ୍ଟଓୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯାଦା ଦେଇଛି। ଶିକ୍ଷ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୯ କୋଟିରେ ପହଞ୍ଚିଲାଣି। ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୫ବର୍ଷକୁ ବୃଦ୍ଧି ପାଇଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହାହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ। ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୂଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲା ଯେ ଏହି ଦୁର୍ନୀତିର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟାବିସ୍ତାର କରି ଚାଲିଛି। ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁ ଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି। ଖାଲିସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଲୋକମାନେ। ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୯ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି। ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଦିଲ୍ଲୀର ନିର୍ଭୟା ଘଟଣାର ୧୨ବର୍ଷପରେ ପୁଣି ଏକ ଦୁଷ୍କର୍ମ ଘଟଣା କୋଲକାତାରେ ଘଟିଛି। ଏହା ସଭ୍ୟ ସମାଜ ପ୍ରତି ଏକ ପରିହାସ କହିଲେ ଭୁଲ ହେବନାହିଁ । ଏହା ଦେଶର ଆଉ ଏକ କଳଙ୍କିତ ଅଧ୍ୟାୟ। ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି। ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଢିପିଣ୍ଡା ହେଉଛନ୍ତି । ଜାତି ଧର୍ମନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି। ଏହାହିଁ କ୍ଷୋଭର ବିଷୟ ।

ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ଦେଶପାଇଁ ୭୮ ବର୍ଷ କିଛିକମ୍ ନୁହେଁ। ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟେଛୋଟ ଦେଶ ଆଜି ସବୁ କ୍ଷେତ୍ରରେ ଆମ ଠାରୁ ବହୁ ଆଗରେ କିନ୍ତୁ ଆମେ ବହୁ ପଛରେ ପଡିଛୁ। ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷି ପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପ ପ୍ରଧାନ । ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ। ଏପରିକି ସେମାଙ୍କର ଜୀବନ ଧାରଣର ମାନ ଆମଠାରୁ ବହୁତ ଉନ୍ନତ। ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ । ଏଥିପାଇଁ ସବୁକ୍ଷେତ୍ରରେ ଦ୍ରୁତଗତିଶୀଳ ଅଭିବୃଦ୍ଧି ଆବଶ୍ୟକ । ଖାଲି ସେତିକି ନୁହେଁ ଏହି ବିକଶକୁ ଦୀର୍ଘସ୍ଥାୟୀ ଓ ଚିରସ୍ଥାୟୀ କରିବା ଦରକାର । ଏଥି ସହିତ ବିକାଶ ପାଇଁ ଯେଉଁ ରଣନୀତି ଅନୁସରଣ କରାଯାଇଛି ତାହାକୁ ବଜାୟ ରଖିବାକୁ ହେବ । ଭାରତର ବିକାଶ ପ୍ରକ୍ରିୟାରେ ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ବିକଶିତ ରାଷ୍ଟ୍ର ଗଠନ କରିବାକୁ ହେଲେ ମୁଣ୍ଡପିଛା ଆୟକୁ ବଢାଇବାକୁ ହେବ । ବିକଶିତ ରାଷ୍ଟ୍ରରେ ଦୁର୍ନୀତି ଓ ଭ୍ରଷ୍ଟାଚାରର ନିରାକରଣ ହେବା ଦରକାର । ଏତଦ୍ ବ୍ୟତୀତ ବିକାଶର ସୁଫଳ ଯେପରି ସମାଜର ସର୍ବନିମ୍ନ ସ୍ତରରେ ଥିବା ଲୋକଟି ପାଖରେ ପହଞ୍ଚି ପାରିବ ସେଥିପାଇଁ ଉଦ୍ୟମ ହେବା ଜରୁରୀ । ତାହାଲେ ଯାଇ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**



# ୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ୟୁପିଆଇ ନେଣଦେଣ ଜିଏସ୍‌ଟି ମୁକ୍ତ

**ନୂଆଦିଲ୍ଲୀ**

୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ୟୁନାଇଟେଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ନେଣଦେଣ ଉପରେ କୌଣସି ଟିକସ ଲାଗିବନି । ୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ୟୁପିଆଇ ନେଣଦେଣ ଜିଏସ୍‌ଟି ଲାଗୁ ହେବା ଖବର ଗୁଜବ । ଏହା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଆଧାର ନାହିଁ ବୋଲି କହିଛି ଅର୍ଥ ମନ୍ତ୍ରଣାଳୟ । ଜାନୁଆରୀ ୨୦୨୦ରୁ ୟୁପିଆଇ ପ୍ଲାଟଫର୍ମରେ ବ୍ୟକ୍ତି ବିଶେଷଙ୍କ ଠାରୁ ମର୍ଚ୍ଚାଣ୍ଟ (ପିଟୁଏମ୍) ନେଣଦେଣ କ୍ଷେତ୍ରରେ ମାର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଶୂନ ରହିଛି । ଫଳରେ ଏହା ଉପରେ ଜିଏସ୍‌ଟି ଲାଗୁ ହେଉନି । ୧୯ ମାର୍ଚ୍ଚରେ କେନ୍ଦ୍ର ସରକାର ୟୁପିଆଇକୁ ପ୍ରୋତ୍ସାହିତ କରିବା ଲାଗି ପ୍ରୋତ୍ସାହନ ସ୍କିମ୍‌କୁ ଗୋଟିଏ ବର୍ଷ ବୃଦ୍ଧି କରିଥିଲେ । ଏହି ସ୍କିମ୍ ୨୦୨୬ ମାର୍ଚ୍ଚ ୩୧ ଯାଏ ଚାରି ରହିବ । ଏଥିଲାଗି ପ୍ରାୟ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ । କେନ୍ଦ୍ର କ୍ୟାବିନେଟ୍ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ରୁପେ ଡେବିଟ କାର୍ଡ ଏବଂ ଭୀମ ୟୁପିଆଇ ଜରିଆରେ ୨ ହଜାର ଟଙ୍କା ଯାଏ ପର୍ସନ୍ ଟୁ ମର୍ଚ୍ଚାଣ୍ଟ ନେଣଦେଣ କ୍ଷେତ୍ରରେ କ୍ଷୁଦ୍ର ବ୍ୟବସାୟୀଙ୍କ ୦.୧୫% ଇନ୍‌ସେଣ୍ଟିଭ୍ ମିଳିବ । ସରଳ ଭାଷାରେ କହିଲେ,




ପର୍ସନ୍ ଟୁ ମର୍ଚ୍ଚାଣ୍ଟ ନେଣଦେଣ ହେଉଛି ବ୍ୟବସାୟୀ ଏବଂ ଗ୍ରାହକଙ୍କ ମଧ୍ୟରେ ହେଉଥିବା ନେଣଦେଣ । ଏହି ସ୍କିମ୍ ୨୦୨୧ ଏପ୍ରିଲ୍ ପହିଲାରୁ ଲାଗୁ ହୋଇଛି । ରୁପେ ଡେବିଟ୍ କାର୍ଡକୁ ପ୍ରୋତ୍ସାହିତ କରିବା ଯୋଗୁ ଗ୍ଲୋବାଲ୍ ପେମେଣ୍ଟସ୍ କମ୍ପାନୀ ଭିସା ଏବଂ ମାଷ୍ଟରକାର୍ଡ ଉପରେ ପ୍ରଭାବ ପଡ଼ିବ । ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଏବେ କାମ କରୁଛନ୍ତି । ଆର୍ଥିକ ବର୍ଷ ୨୦୨୫-୨୬ରେ ୨୦ ହଜାର କୋଟି ନେଣଦେଣ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରହିଛି । ସେହିଭଳି ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ମଧ୍ୟ ୟୁପିଆଇକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଲକ୍ଷ୍ୟ ରଖିଛନ୍ତି । ପୂର୍ବରୁ ରୁପେ ଡେବିଟ୍ କାର୍ଡ ଏବଂ ଭୀମ ୟୁପିଆଇ ନେଣଦେଣ ଉପରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ଜିରୋ କରାଯାଇଥିଲା । ଏବେ ଏହି ଇନସେଣ୍ଟିଭ ସ୍କିମ୍ ଜରିଆରେ ଦୋକାନୀଙ୍କୁ ୟୁପିଆଇ ପେମେଣ୍ଟ ନେବା ଲାଗି ପ୍ରୋତ୍ସାହିତ କରାଯିବ । ଶ୍ରୀ ବୈଷ୍ଣବ ପୁଣି କହିଛନ୍ତି, ୟୁପିଆଇ ପେମେଣ୍ଟ ଦୋକାନୀଙ୍କ ଲାଗି ସହଜ, ସୁରକ୍ଷିତ ତ୍ୱରୀତ ସେବା ଯୋଗାଣ କରୁଛି ।

## ଦ୍ୱନ୍ଦ୍ୱରେ ଧନ୍ଦାମୂଳକ ପ୍ରଶିକ୍ଷକ:୧୦୮୦ ସ୍କୁଲ୍‌ର ଧନ୍ଦାମୂଳକ ଶିକ୍ଷାଦାନ ନେଇ ଆଶଙ୍କା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୨୦୧୬ରୁ ଓଡ଼ିଶାର ପ୍ରାୟ ୧୦୮୦ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଧନ୍ଦାମୂଳକ ଶିକ୍ଷାର ଭବିଷ୍ୟତ ଏବେ ଅନ୍ଧାରରେ । ସରକାର ଏହି ଧନ୍ଦାମୂଳକ ପାଠ୍ୟକ୍ରମକୁ ପରିଚାଳନା ପାଇଁ କେତୋଟି ଭୋକେସ୍‌ନାଲ୍ ଟ୍ରେନିଂ ପାର୍ଟନର (ଘରୋଇ କମ୍ପାନୀ)ଙ୍କୁ ଦାୟିତ୍ୱ ଅର୍ପଣ କରିଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖରେ କମ୍ପାନୀ ଗୁଡ଼ିକର ଚୁକ୍ତି ଓସେପା ସହ ଶେଷ ହୋଇଯାଇଛି । ଏହାପରେ ଧନ୍ଦାମୂଳକ ପ୍ରଶିକ୍ଷକମାନେ ସ୍କୁଲ ଯିବେ କି ନାହିଁ ଦ୍ୱନ୍ଦ୍ୱରେ ରହିଛନ୍ତି । ଏପରିକି ସେମାନଙ୍କ ଚାକିରି ଅଛି କି ନାହିଁ ସେନେଇ ମଧ୍ୟ ଚିନ୍ତିତ । ଅନ୍ୟପକ୍ଷରେ ଏହାର ସିଧାସଳଖ ପ୍ରଭାବ ପଡ଼ିଛି ତୃତୀୟ ଅପ୍ସନାଲ୍ (ବିକଳ୍ପ) ଭାବେ ଧନ୍ଦାମୂଳକ ଶିକ୍ଷା ମନୋନୟନ କରିଥିବା ପିଲାଙ୍କ ଉପରେ । ଉକ୍ତ କମ୍ପାନୀଗୁଡ଼ିକ ମନମାନି କରୁଥିବା ଦେଖିବାକୁ ମିଳିଛି । ପ୍ରାୟ ୪ରୁ ୫ ମାସ ଦରମା ନ ଦେଇ ଚୁପ୍ ବସିଛନ୍ତି । ସବୁ ଜାଣି ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ଗୋଟିଏ ବିଦ୍ୟାଳୟରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ପାଇଁ ଦୁଇଟି ଟ୍ରେଡ୍‌ରେ ଏହି ଶିକ୍ଷା ବ୍ୟବସ୍ଥା ଚାଲିଛି । ଯେଉଁଥିରେ ପ୍ରତ୍ୟେକ ଶ୍ରେଣୀରେ ପ୍ରାୟ ୮୦ ଜଣ ହିସାବରେ ପ୍ରତ୍ୟେକ ବିଦ୍ୟାଳୟରେ ୧୬୦ ଛାତ୍ରଛାତ୍ରୀ ଅଛନ୍ତି । ହେଲେ ଚୁକ୍ତି ଅବଧି ସରିବା ପରେ ଏପ୍ରିଲ୍ ୧ରୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ଶିକ୍ଷାବର୍ଷ ୨୦୨୫-୨୬ ଆରମ୍ଭ ହୋଇ ୧୪ ଦିନ ଅତିକ୍ରମ କଲାଣି; କିନ୍ତୁ ବର୍ତ୍ତମାନ ତୃତୀୟ ବିକଳ୍ପ ଧନ୍ଦାମୂଳକ ପାଠପଢ଼ା ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ହେଉନାହିଁ । ପିଲାମାନେ ବସି ବସି ଘରକୁ ଫେରୁଛନ୍ତି । କୌଣସି ଧନ୍ଦାମୂଳକ ପ୍ରଶିକ୍ଷକ ବିଦ୍ୟାଳୟକୁ ଆସୁନାହାନ୍ତି । ତୃତୀୟ ବିକଳ୍ପ ଧନ୍ଦାମୂଳକ ଶିକ୍ଷାରୁ ପ୍ରାୟ ୧୭୨୮୦୦ ଛାତ୍ରଛାତ୍ରୀ ବଞ୍ଚିତ । କେନ୍ଦ୍ର ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଉଥିବାବେଳେ ଓଡ଼ିଶାରେ କାହିଁକି ଧନ୍ଦାମୂଳକ ଶିକ୍ଷାକୁ ଏତେ ଅବହେଳା କରାଯାଉଛି ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରଶ୍ନ କରିଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ ନହେଲେ ଅଭିଭାବକଙ୍କ ସହ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି ।



## ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ଶାସନ ସଚିବଙ୍କୁ ନିବେଦନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶସନ ସଚିବଙ୍କୁ ଏକ ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ୩ ଖୋଲିଛନ୍ତି । ଶିକ୍ଷା ଅଧିକାରୀ ଆଇନ୍ ୨୦୧୦ ମସିହାରେ ଅଷ୍ଟମ ଶ୍ରେଣୀ ଉଚ୍ଚ ବିଦ୍ୟାଳୟରୁ ଆଣିବା ପରେ ଓ ଶିଶୁ ବାଟିକା ୩ ଖୋଲିବା ପରେ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ୨ଟି ଶ୍ରେଣୀ ବୃଦ୍ଧି ପାଇଛି । ଅପରପକ୍ଷରେ ପ୍ରତି ମାସରେ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକମାନେ ଅବସର ନେଉଛନ୍ତି । ଫଳରେ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକଙ୍କ ସଂଖ୍ୟା କମି ଶିକ୍ଷକ ପଦବୀ ଖାଲିପଡିଛି । ଏଥିସହିତ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ନାହିଁ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସରକାର ୟୁନିଫାଏଡ ଅଟୋମେସନ ସିଷ୍ଟମ୍ ପାଇଁ ମୋବାଇଲ୍ କିମ୍ବା ଇଣ୍ଟର୍‌ନେଟ୍ ସୁବିଧା ଯୋଗାଇନାହାଁନ୍ତି । ତୁରନ୍ତ ଏହି ଅସୁବିଧା ଗୁଡିକୁ ପୁରଣ କରିବା ସହିତ ଖାଲିପଡିଥିବା ଶିକ୍ଷକ ପଦବୀ ପୁରଣ କରିବା ପାଇଁ ସଂଘର ସଭାପତି ଦିବାକର ବାରିକ, ସଂପାଦକ ଅଜୟ କୁମାର ପୋଥାଳଙ୍କ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଦାବି କରିଛନ୍ତି ।

# ଆଦିବାସୀ ଅଞ୍ଚଳରେ ବିକାଶର ନଗ୍ନ ଚିତ୍ର:ବିବାହ ପାଇଁ ଗାଁକୁ ରାସ୍ତା ତିଆରିକଲେ ଯୁବକ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ କାଙ୍କୁବାଡ଼ି ପଞ୍ଚାୟତର ଜାମ୍ବୁଗୁଡ଼ା ଗ୍ରାମକୁ ଯାତାୟାତ ପାଇଁ ନାହିଁ ପକ୍କା ରାସ୍ତା । ଫଳରେ ଉକ୍ତ ଗାଁର ଯୁବକ ଧୀରେନ୍ କାଡ୍ରକା ନିଜ ଖର୍ଚ୍ଚରେ ଗାଁକୁ ରାସ୍ତା ନିର୍ମାଣ କରିଛନ୍ତି । ଏପ୍ରିଲ୍ ୧୬ରେ ଧୀରେନଙ୍କ ବିବାହ ଥିବାରୁ ସେ ଏପରି ପଦକ୍ଷେପ ନେଇଛନ୍ତି । ଆଦିବାସୀ ଇଲାକାରେ ବିକାଶ ପାଇଁ ଯୋଜନା ଓ ଅନୁଦାନର ଅଭାବ ନଥିବା ବେଳେ ଆଦିବାସୀ ଯୁବକ ନିଜ ବିବାହ ପାଇଁ ରାସ୍ତା ନିର୍ମାଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ବିଷମକଟକ ସଦର ମହକୁମାରୁ ୧୧କିମି ଦୂରରେ ରହିଛି ଜାମ୍ବୁଗୁଡ଼ା ଗାଁ । ଗାଁରେ ବସବାସ କରୁଛନ୍ତି ୬୦ରୁ ଉର୍ଦ୍ଧ୍ୱ ପରିବାର । ବହୁବର୍ଷ ତଳେ ସରକାର ଏହି ଗାଁକୁ ମନରେଗା ଯୋଜନାରେ ମାଟି ରାସ୍ତା ନିର୍ମାଣ କରିଥିଲେ । ଗୁଣପୁର-ବିଷମକଟକ ରାସ୍ତାର କିରିବିରି ଛକରୁ ଜାମ୍ବୁଗୁଡ଼ାର ଦୂରତା ୩ କିମି । ମରାମତି ଅଭାବରୁ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି । ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଛନ୍ତି । କିନ୍ତୁ କେବଳ ପ୍ରତିଶ୍ରୁତିରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଛି । ପଞ୍ଚାୟତ କିମ୍ବା ବ୍ଲକ କର୍ତ୍ତୃପକ୍ଷ ଏହି ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନନେବା ପରେ ରାସ୍ତା ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଥିଲେ ଆଦିବାସୀ ଯୁବକ ଧୀରେନ । ଏପ୍ରିଲ୍ ୧୬ରେ ଧୀରେନ୍ ରାୟଗଡ଼ାରେ ବିବାହ କରିଥିବା ବେଳେ ୧୮ ତାରିଖରେ ନିଜ ଗ୍ରାମରେ ବିବାହ ଭୋଜି ରଖିଥିଲେ । ସେଥିନିମନ୍ତେ ସେ ଏକ ସପ୍ତାହ ଧରି ଜେସିବି ଲଗାଇ ୩ କିମି ରାସ୍ତାକୁ ସମତୁଲ କରିବା ସହ ମାଟି ପକାଇ ଯାତାୟାତ ଉପଯୋଗୀ କରିଥିଲେ । ଏଥି ପାଇଁ ଲକ୍ଷାଧିକ ଟଙ୍କା ନିଜେ ବ୍ୟୟ କରିଥିଲେ ମଧ୍ୟ ଖର୍ଚ୍ଚ ପରିମାଣ ବାହାରେ ପ୍ରକାଶ କରିବାକୁ ଇଚ୍ଛା କରିନାହାନ୍ତି । ପୂର୍ବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ରାସ୍ତାରେ ଆମ୍ବୁଲାନସ୍ ତ ଦୂରର କଥା ସାଇକଲ୍ ଓ ବାଇକ୍ ଚଳାଚଳ କରିବାରେ ଅସୁବିଧା ହେଉଥିଲା । ଧୀରେନଙ୍କ ଉଦ୍ୟମରେ ରାସ୍ତା ନିର୍ମାଣ ପରେ ଏବେ ଗାଁକୁ ଚାରିଚକିଆ ଗାଡ଼ି ଯାତାୟାତ ସମ୍ଭବପର ହୋଇଛି । ଧୀରେନଙ୍କ ଏପରି ମହତ କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି । ବୁଧବାର ଧୀରେନଙ୍କ ବିବାହ ଥିବାରୁ ବସ୍‌ରେ ଜାମ୍ବୁଗୁଡ଼ା ଗାଁରୁ ରାୟଗଡ଼ା ଅଭିମୁଖେ ଯାଇଥିଲେ । ଏ ସମ୍ପର୍କରେ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ କହିଛନ୍ତି, ଆଗାମୀ ଦିନରେ ରାସ୍ତାର ଉନ୍ନତୀକରଣ ଦିଗରେ ପଦକ୍ଷେପ ନିଆଯିବ ।



## ଶିକ୍ଷାଗତ ଯୋଗ୍ୟତା ନଥାଇ ଜାଲ୍ ପ୍ରମାଣପତ୍ରରେ ଚାକିରି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷାଗତ ଯୋଗ୍ୟତା ନଥାଇ ଜଣେ ବ୍ୟକ୍ତି କିଭଳି ଚାକିରି କରିଥିଲେ ତାର ଗୁମର ଫିଟିଛି । ଏପରିକି ଏହି ବ୍ୟକ୍ତି ଚାକିରି କାଳ ସାରିଦେଲେ ସିନା ହେଲେ କେହି ଏହାର ଟେର୍ ପାଇଲେନି । ଏବେ ସେ ପେନ୍‌ସନ୍ ପାଉଛନ୍ତି । ସୂଚନା ଅନୁସାରେ, ନୟାଗଡ଼ ଭାପୁର ବ୍ଲକ ମାଧପୁର ହାଇସ୍କୁଲ୍‌ରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଦୁର୍ଯ୍ୟୋଧନ ସାମଲ ଚାକିରି କରିଥିଲେ । ସେ ଅବସର ଗ୍ରହଣ କରିଥିଲା ବେଳେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଜାଲ୍ ସାର୍ଟିଫିକେଟ୍ ଧରାପଡ଼ିବା ନେଇ ଅଭିଯୋଗ ପରେ ଆରମ୍ଭ ହୋଇଛି ତନାଘନା । ଏ ସମ୍ପର୍କରେ ସୂଚନା ଅଧିକାରରେ ଅବଗତ ହୋଇ ବାସୁଦେବ ଦାସ ଭାପୁର ମଣ୍ଡଳ ଶିକ୍ଷା ଅଧିକାରୀ ଏବଂ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାସୁଦେବ ଦାବି କରିଛନ୍ତି । ସୂଚନା ଅନୁସାରେ ୧୯୭୭ ମସିହାରେ ମାଧପୁର ହାଇସ୍କୁଲ୍ ପ୍ରତିଷ୍ଠା ହୋଇଥିଲା ବେଳେ ଏହା ରାଜ୍ୟ ସରକାରଙ୍କ ଅଧିନକୁ ଆସିଥିଲା । ଦୁର୍ଯ୍ୟୋଧନର ଏଠାରେ ନିଯୁକ୍ତି ପାଇ ଦୀର୍ଘ ବର୍ଷ ଚାକିରି ସାରି ଅବସର ଗ୍ରହଣ କରିଛନ୍ତି । ସେ ମାଧପୁର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରୁ ସପ୍ତମ ଶ୍ରେଣୀ ପାସ୍ କରିଥିବା ସାର୍ଟିଫିକେଟ୍ ପ୍ରଦାନ କରି ନିଯୁକ୍ତି ପାଇଥିଲେ । ମାତ୍ର ସୂଚନା ଅଧିକାରରେ ସେଇ ସ୍କୁଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ସ୍କୁଲରେ ଏ ନାମରେ କୌଣସି ଛାତ୍ର ପାଠ ପଢୁନଥିଲେ । ମାତ୍ର ଶ୍ରୀ ସାମଲ ଜାଲ ପ୍ରମାଣପତ୍ର ଦେଇ ଚାକିରି କାଳ ସାରି ଏବେ ସରକାରୀ ତହବିଲରୁ ପେନ୍‌ସନ୍ ମଧ୍ୟ ପାଉଛନ୍ତି । ଏ ଦିଗରେ ଗଣଶିକ୍ଷା ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାସୁଦେବ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ୧୭ରୁ ୧୦ ବିଶ୍ୱବିଦ୍ୟାଳୟରେ ନାହାନ୍ତି କୁଳପତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ରାଜ୍ୟପାଳ ତଥା କୁଳାଧିପତିଙ୍କ ଅନୁମୋଦନ ଲାଭ କରିଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଲକ୍ଷ୍ୟରେ ନିଆଯାଇଥିବା ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ଉଚ୍ଚଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଛି । ନୂଆ ଅଧିନିୟମ ଅନୁମୋଦନ ପାଇବାର ଦୁଇ ଦିନ ପରେ ବିଭାଗ ପକ୍ଷରୁ କୁଳପତିମାନଙ୍କ ସମ୍ମିଳନୀ ଡକାଯାଇଛି । ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ହଲ୍‌ରେ ହେବାକୁ ଥିବା ସମ୍ମିଳନୀରେ ଅଧିନିୟମ ଉପରେ ବ୍ୟାପକ ଆଲୋଚନା ନିଯୁକ୍ତି ପ୍ରକ୍ରିୟା ପାଇଁ ଥିବା ନିୟମ, ପ୍ରଫେସର ଓ କର୍ମଚାରୀ ନିଯୁକ୍ତି ଯୋଜନା, ପାଠ୍ୟକ୍ରମରେ ସମାନତା, ବିଭିନ୍ନ ପିଜି ବିଭାଗଗୁଡ଼ିକୁ ମିଶାଇବା, ଅଣଶିକ୍ଷକ ପଦବିଗୁଡ଼ିକରେ ସମାନତା, ଭିତ୍ତିଭୂମି ପ୍ରକଳ୍ପ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ଏହି ବୈଠକରେ ଆଲୋଚନା କରାଯିବ । ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଧରଣୀଧର ବିଶ୍ୱବିଦ୍ୟାଳୟ ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ବୈଠକରେ ଯୋଗଦେବେ । ଏମାନଙ୍କ ବ୍ୟତୀତ ବିଶ୍ୱବିଦ୍ୟାଳୟ କୁଳସଚିବ, ଉପ କୁଳସଚିବ, ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ମଧ୍ୟ ଏହି ସମ୍ମିଳନୀରେ ସାମିଲ୍ ହେବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଉଚ୍ଚ ଶିକ୍ଷା ବିଭାଗ ଅଧୀନ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୮ଟିରେ ସ୍ଥାୟୀ କୁଳପତି ନାହାନ୍ତି । ଭାରପ୍ରାପ୍ତରେ ଚାଲିଛି ୮ଟି ବିଶ୍ୱବିଦ୍ୟାଳୟ । ଦୁଇଟି ବିଶ୍ୱବିଦ୍ୟାଳୟ ଓଏସ୍‌ଡିରେ ଚାଲିଛି । ଅର୍ଥାତ୍ ୧୦ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନଥିବା ବେଳେ ସମ୍ମିଳନୀ ଡକାଯିବାକୁ ନେଇ ଏବେ ପ୍ରଶ୍ନ ଉଠିଛି । କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ନ କରି ସମ୍ମିଳନୀ ଡାକିବା ଦ୍ୱାରା କ'ଣ ଲାଭ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି । ଜଣେ ପୂର୍ବତନ କୁଳପତି କହିଛନ୍ତି ଯେ ଅଧିନିୟମ ସଂଶୋଧନ ହୋଇଥିବାରୁ ପ୍ରଥମେ କୁଳପତି ଚୟନ କରିବାର ଆବଶ୍ୟକତା ରହିଛି । କାରଣ ଯେଉଁମାନେ ଦାୟିତ୍ୱରେ ରହିବେ ସେମାନେ ନୂତନ ଅଧିନିୟମ ବୁଝିବା ସହ ତାହାକୁ କାର୍ଯ୍ୟକାରୀ କରାଇବେ । ଏବେ ଯେଉଁମାନେ ଅଛନ୍ତି ସେମାନେ ଆସନ୍ତା ୪ରୁ ୫ ମାସ ମଧ୍ୟରେ ପଦବିରୁ ହଟିବେ । ତେଣୁ ସେମାନଙ୍କ ପାଇଁ ପୁଣି ଥରେ କୁଳପତି ସମ୍ମିଳନୀ ଡାକି ବୁଝାଇବାକୁ ପଡ଼ିବ । ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳକୁ ୬ ମାସ ପର୍ଯ୍ୟନ୍ତ ବଢ଼ାଯାଇଛି, ଯାହାକି ଆସନ୍ତା ଦୁଇ ମାସ ମଧ୍ୟରେ ସରିବ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପଦବୀରେ ବରିଷ୍ଠ ପ୍ରଫେସର ରହିଛନ୍ତି । ନୂଆ ନିଯୁକ୍ତି ହେବା ପରେ ସେମାନେ ଭାରପ୍ରାପ୍ତ ଦାୟିତ୍ୱରୁ ହଟିବେ । ସେହିପରି ଭାରପ୍ରାପ୍ତ ଦାୟିତ୍ୱରେ ରହିଥିବାରୁ ଅଧିକାଂଶ କୁଳପତିଙ୍କର ନିଯୁକ୍ତି ପ୍ରଦାନ କରିବାର କ୍ଷମତା ହିଁ ନାହିଁ । ତେଣୁ ସମ୍ମିଳନୀ ଡାକିବା ଅପେକ୍ଷା ସ୍ଥାୟୀ କୁଳପତି ନିଯୁକ୍ତି କରିବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି ।

## ୯୮ ବର୍ଷରେ ବି କର୍ମଠ ମୃଦଙ୍ଗ ଗୁରୁ ଦଣ୍ଡାସି:କଳାକାର ଭତ୍ତାରୁ ବଞ୍ଚିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କଥାରେ ଅଛି ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଆଗରେ ବୟସ ବି ହାର୍ ମାନିଥାଏ । ଏମିତି ଜଣେ ନିଆରା ବ୍ୟକ୍ତିତ୍ୱ ହେଉଛନ୍ତି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ କଲ୍ୟାଣପୁର ଅଞ୍ଚଳର ପ୍ରସିଦ୍ଧ ମୃଦଙ୍ଗବାଦକ ଓ ଗୁରୁ ଦଣ୍ଡାସି ଗୌଡ଼ । ତାଙ୍କୁ ଏବେ ବୟସ ୯୮ ବର୍ଷ । ଏବେ ମଧ୍ୟ ସେ ବେଶ୍ କର୍ମଠ ଓ ପରିଶ୍ରମୀ । ବୟସର ସାୟାହ୍ନରେ ବି ସେ ଦୋଳପୂର୍ଣ୍ଣିମା, ରାମନବମୀ ଓ ଠାକୁରାଣୀ ଯାତ୍ରା ସମେତ ବିଭିନ୍ନ ଯାନିଯାତ୍ରା ଏବଂ ପର୍ବପର୍ବାଣୀରେ ମୃଦଙ୍ଗ ବଜାଇ ଲୋକଙ୍କ ପ୍ରଶଂସା ପାଉଁଟିଛନ୍ତି । କିନ୍ତୁ ପରିତାପର ବିଷୟ ହେଉଛି ଜଣେ ବୟୋଜ୍ୟେଷ୍ଠ କଳାକାର ହୋଇଥିବା ସହ ସବୁ ପ୍ରମାଣପତ୍ର ଥିବା ସତ୍ତ୍ୱେ ରାଜ୍ୟ ସରକାର କଳାକାର ଭତ୍ତାରୁ ଦଣ୍ଡାସି ବାଦ୍ ପଡ଼ିଛନ୍ତି । କନ୍ତାରୁ ଗୌଡ଼ ଓ ମା' ରାସଙ୍କ ପୁଅ ଦଣ୍ଡାସି ପିଲାଟି ଦିନରୁ ବାପାଙ୍କ ସହ ମିଶି ଗାଈ ଚରାଉଥିଲେ । ଘରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସେ ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ ନକରି ଲୋକକଳା ପ୍ରତି ମନ ବଳାଇଲେ । ୧୨ ବର୍ଷ ବୟସରୁ ହିଁ ବିଭିନ୍ନ ପୌରାଣିକ ନାଟକରେ ସେ କୃଷ୍ଣ ଓ ଯଶୋଦା ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ । ୨୦ ବର୍ଷ ବୟସରେ ସେ ଗୁରୁ ନରସିଂହ ପ୍ରଧାନଙ୍କଠୁ ମୃଦଙ୍ଗ ବଜାଇବା ଶିକ୍ଷା ଗ୍ରହଣ କରିଥିଲେ । ନିଜ ଗାଁରେ ହେଉଥିବା ବିଭିନ୍ନ ଯାନିଯାତ୍ରାରେ ମୃଦଙ୍ଗ ବଜାଇବା ଆରମ୍ଭ କରି ଏହାପରଠୁ ପଛକୁ ଫେରିନଥିଲେ । ଏବେବି ଦଣ୍ଡାସି ନିଜ ମୃଦଙ୍ଗ ବାଦନ ନିଶା ଛାଡ଼ିପାରି ନାହାନ୍ତି । ଦିଗପହଣ୍ଡି, ନରେନ୍ଦ୍ରପୁର, ଲକ୍ଷ୍ମୀନାରାୟଣପୁର, ଗୁଣ୍ଡବନ୍ଧ, ପାଣ୍ଡିଆଝୋଳି ଓ ଖମାରିଗାଁ ଗ୍ରାମରେ ଅନୁଷ୍ଠାନ ଗଢ଼ି ପିଲାମାନଙ୍କୁ ମୃଦଙ୍ଗ ଶିକ୍ଷା ଦେଇଛନ୍ତି । କେବଳ ଏତିକି ନୁହେଁ, ରାଜସ୍ଥାନ, ମଥୁରା, ବୃନ୍ଦାବନ ଓ ପୁରୀ ସମେତ ବିଭିନ୍ନ ସହରରେ ନିଜ କଳା ପ୍ରଦର୍ଶନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନୀତ ହୋଇଛନ୍ତି । କିନ୍ତୁ ପରିତାପର ବିଷୟ ହେଉଛି, କଳାକାରଙ୍କୁ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର ମାଳ ମାଳ ଯୋଜନା ହାତକୁ ନେଉଥିବା ବେଳେ ଦଣ୍ଡାସି ଭତ୍ତା ଯୋଜନାରେ ସାମିଲ୍ ହୋଇପାରିନାହାନ୍ତି । କଳାକାର ଭତ୍ତା ପାଇଁ ବହୁବାର ଆବେଦନ କରିଥିଲେ ହେଁ କୌଣସି ସୁଫଳ ମିଳିନଥିବା ସେ କହିଛନ୍ତି । ଏବେ ସେ ପୁଅ ବୋହୂଙ୍କ ସହ ରହୁଛନ୍ତି । ତେବେ ଦଣ୍ଡାସିଙ୍କ ଉପରେ ପ୍ରଶାସନର କୃପାଦୃଷ୍ଟି କେବେ ପଡ଼ିବ ଏହା ଦେଖିବାକୁ ବାକି ରହିଛି ।



## ୧୫ ବର୍ଷ ପରେ ବିଧବା ଭତ୍ତା ପାଉଥିବା ମହିଳାଙ୍କ ସ୍ୱାମୀ ଘରକୁ ଫେରିଲେ

**ବଡ଼ଗାଁ, ନ୍ୟୁଜ୍ ବ୍ୟୁରୋ**

ଦାଦନ ଯାଇ ନିଖୋଜ ହୋଇଗଲେ । ପରିବାର ସଦସ୍ୟ ଭାବିଲେ ମରିଯାଇଛନ୍ତି । ଶୁଦ୍ଧି ହୋଇଗଲେ । ମଥାରୁ ସିନ୍ଦୂର ପୋଛିଦେଲେ ସ୍ତ୍ରୀ । ହେଲେ ଯେଉଁ ମଣିଷକୁ ମୃତ ବୋଲି ଭାବିଥିଲେ ସେ ଘରକୁ ବାହୁଡ଼ିଛନ୍ତି । ତାହା ପୁଣି ଦୀର୍ଘ ୧୫ ବର୍ଷ ପରେ । ନିଖୋଜ ଶ୍ରୀକର ଖଡ଼ିଆଙ୍କ ଘରବାହୁଡ଼ାରେ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ ବୀରପାଲିରେ ଖେଳିଯାଇଛି ଖୁସିର ଲହରି । ଦୀର୍ଘ ବର୍ଷ ପରେ ପୁଅକୁ ପାଇ ପରିବାର ଲୋକେ ଖୁସିରେ ଆତ୍ମହରା ହୋଇପଡ଼ିଥିବା ବେଳେ ଶ୍ରୀକରଙ୍କ ସ୍ତ୍ରୀ ପୁଣି ସଧବା ସାଜିଛନ୍ତି । ଅଧିକ ରୋଜଗାର ଆଶାରେ ୨୦୧୦ରେ ଶ୍ରୀକର ଗାଁର କେତେଜଣ ଯୁବକଙ୍କ ସହ ଗୋଆ ଯାଇଥିଲେ । ସମୁଦ୍ରରେ ମାଛଧରା କାର୍ଯ୍ୟରେ ନିୟୋଜିତ ଥିଲେ । ଯିବାର ୨ବର୍ଷ ପର୍ଯ୍ୟନ୍ତ ପରିବାର ସହ ଯୋଗାଯୋଗରେ ଥିଲେ । ନିୟମିତ ଟଙ୍କା ବି ପଠାଉଥିଲେ । ହେଲେ ହଠାତ୍ ସେ ନିଖୋଜ ହୋଇଗଲେ । ଶ୍ରୀକର ସମୁଦ୍ରରେ ବୁଡ଼ି ଯାଇଥିବା ସହକର୍ମୀଙ୍କ ଠାରୁ ସୂଚନା ପାଇଥିଲା ପରିବାର । ମୃତଦେହ ମିଳିନଥିବାରୁ ପରିବାର ଲୋକେ କିଛି ବର୍ଷ ଅପେକ୍ଷା କଲେ । ହେଲେ ଶ୍ରୀକର ବାହୁଡ଼ିଲେନି । ତାଙ୍କର ମୃତ୍ୟୁ ହୋଇଯାଇଥିବା ଭାବି ପରିବାର ଲୋକେ ଶୁଦ୍ଧି ହୋଇଗଲେ । ସ୍ତ୍ରୀ ବିଧବା ସାଜିଲେ । ଏପରିକି ତାଙ୍କୁ ବିଧବା ଭତ୍ତା ମଧ୍ୟ ମିଳୁଛି । ଶ୍ରୀକର ଦୀର୍ଘ ବର୍ଷ ପରେ ଗାଁକୁ ଫେରିଛନ୍ତି । ହେଲେ ସେ ମାତୃଭାଷା ଭୁଲିଯାଇଛନ୍ତି । ମରାଠୀ-କୋଙ୍କଣୀ ଭାଷା କହୁଛନ୍ତି । ନିଖୋଜ ସମୟର ଯନ୍ତ୍ରଣାମୟ କାହାଣୀ ବଖାଣି କହିଛନ୍ତି, କଷ୍ଟ ହେବାରୁ କାମ କରୁଥିବା ସ୍ଥାନରୁ ଅନ୍ୟତ୍ର ଚାଲିଯାଇଥିଲେ । ଫଳରେ ପରିବାର ସହ ଯୋଗାଯୋଗ ହୋଇପାରି ନଥିଲା । ଅନ୍ୟଜଣେ ମାଲିକ ତାଙ୍କୁ ନଜରବନ୍ଦୀ କରି ରଖି କାମ କରାଉଥିଲେ । ମହାରାଷ୍ଟ୍ରର ପ୍ରବୀଣ ସଦାଶିବ ସାଧୁଆ ନାମକ ଜଣେ ବ୍ୟକ୍ତି ତାଙ୍କ ସମ୍ପର୍କରେ ଆସିଥିଲେ । ତାଙ୍କ ଦୁର୍ଦ୍ଦଶା ଜାଣିବା ପରେ ଠିକଣା ପଚାରି ବରପାଲିକୁ ଆଣିଛନ୍ତି । ଦୀର୍ଘ ୧୫ ବର୍ଷ ପରେ ଶ୍ରୀକରଙ୍କ ଘରବାହୁଡ଼ା ଚର୍ଚ୍ଚାର ବିଷୟ ପାଲଟିଛି ।

## ସମସ୍ୟା ଘେରରେ ଖଜୁରୀପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ:୮ ଶ୍ରେଣୀ ପାଇଁ ୩ଟି କୋଠରୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ଉଚ୍ଚ ବିଦ୍ୟାଳୟ ଗୁଡିକ ୫ଟିରେ ରୂପାନ୍ତରିତ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ଗୁଡିକ ସରକାରଙ୍କ ସାବତ ପୁଅ ହୋଇଛି । ବୌଦ୍ଧ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଖଜୁରୀପଡା ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଜୁରୀପଡାକୁ ଦେଖିଲେ ଏଥିରୁ ସ୍ପଷ୍ଟ ଜଣାପଡେ । ଶିକ୍ଷାର ବିକାଶ ପାଇଁ ୧୯୬୨ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା । ତେବେ ବର୍ତ୍ତମାନ ଏହା ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଶ୍ରେଣୀଗୃହ ନିର୍ମାଣ ହେବା ଦିନରୁ କାନ୍ଥରେ ଯେଉଁ ରଙ୍ଗ କରାଯାଇଥିଲା ଆଜିପର୍ଯ୍ୟନ୍ତ ଆଉ ରଙ୍ଗ ହୋଇନଥିବା ଅଭିଯୋଗ ହୋଇଛି । ଦେଖିଲେ ଲାଗୁଛି ବିଦ୍ୟାଳୟଟି ଆଉ ବ୍ୟବହାର ହେଉନାହିଁ । ସତେକି ଲାଗୁଛି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି । ତିନୋଟି କୋଠରି ଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏଥିପାଇଁ ୪ ଜଣ ଶିକ୍ଷକ ଅଛନ୍ତି । ସ୍କୁଲ୍ ନିର୍ମାଣ ଦିନଠୁଁ ଆଜ୍‌ବେଷ୍ଟ ଗୁଡିକ ବଦଳା ଯାଉନାହିଁ । ଭିତରେ ଲାଗିଥିବା କାଠ କଡିଗୁଡିକ ନଷ୍ଟ ହୋଇ ଝୁଲି ରହିଛି । କେତେବେଳେ ଛିଣ୍ଡି ପଡି ଛାତ୍ର ଛାତ୍ରୀ ଉପରେ ନପଡିବ ତାହା କିଏ କହିବ । ଆଜ୍‌ବେଷ୍ଟ ଗୁଡିକ ବିଭିନ୍ନ ସ୍ଥାନରେ ଛୋଟ କଣା ଯୋଗୁଁ ବର୍ଷା ହେଲେ ପାଣି ଗଳୁଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୁଏ । ଶ୍ରେଣୀ କୋଠରୀ ଅଭାବ ଯୋଗୁଁ କାର୍ଯ୍ୟାଳୟ ଚାଲିବା ସହିତ ମଧ୍ୟାହ୍ନ ଭୋଜନ ସାମଗ୍ରୀ ରହିବା ସହିତ ପାଠପଢା ହୁଏ । ୫୦ ପ୍ରତିଶତ ପାଚେରୀ ଥିବାରୁ ଶୈକ୍ଷିକ ପରିବେଶ ନଷ୍ଟ ହେଉଛି । ଏବଂ ବୁଲା ଗାଈ ଗୋରୁଙ୍କ ଚାରଣ ଭୂଇଁ ପାଲଟିଛି । କେବଳ ଫାଟକ ନିର୍ମାଣ ହୋଇ ଗେଟ୍ ଲାଗିଛି । ପାଚେରୀ ସମ୍ପୂର୍ଣ୍ଣ ହୋଇନଥିବା ଫଳରେ ସନ୍ଧ୍ୟାହେଲେ ବିଦ୍ୟାଳୟ ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ଼ାସ୍ଥଳୀ ପାଲଟିଛି । ବିଦ୍ୟାଳୟ ପରିସରରେ କୌଣସି ସୌନ୍ଦର୍ଯ୍ୟକରଣ କରାଯାଇପାରୁନାହି । ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟରେ ଶୌଚାଳୟ ନାହିଁ । ଫଳରେ ଛାତ୍ରଛାତ୍ରୀମାନେ ବିପଦକୁ ଆମନ୍ତ୍ରଣ କରି ବାହାରକୁ ଶୌଚ ଓ ପରିସ୍ରା କରିବାକୁ ଯାଉଛନ୍ତି । ଖେଳ ପଡିଆ ନଥିବାରୁ ଛାତ୍ର ଛାତ୍ରୀମାନେ ଖେଳ ଅଭ୍ୟାସ କରିପାରୁନ ଥିବାରୁ ଖେଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରୁ ନାହାନ୍ତି । ବର୍ତ୍ତମାନ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ସଜାଡିବାକୁ ପଞ୍ଚାୟତକୁ ଦାୟିତ୍ୱ ଦେଇଛନ୍ତି । ପଞ୍ଚାୟତ ପ୍ରତିନିଧି ମାନେ ଯେଉଁଠି ଅଧିକ ଲାଭ ପାଇବେ ସେଇଠି ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ପକାଇ ଅର୍ଥ ହରିଲୁଟ୍ ହେଉଥିବା ବେଳେ ବିଦ୍ୟାଳୟ ଅବହେଳିତ ହୋଇ ପଡ଼ିରହିଛି । ଏନେଇ ଗ୍ରାମବାସୀ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ପାଇ ନାହାନ୍ତି । ତୁରନ୍ତ ଏହି ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ଜିଲ୍ଲା ଅବକାରୀ ବିଭାଗ ଚେଇଁ ଶୋଇଛି:କାନ୍ତକବି ପୀଠରେ ମଦର ବନ୍ୟା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଏବେ ଚୋରା ମଦ, ଦେଶୀ ମଦ, ଗଞ୍ଜେଇ ଓ ବ୍ରାଉନ୍ ସୁଗାର ଭଳି ବିଭିନ୍ନ ମାଦକଦ୍ରବ୍ୟର ବିପୁଳ ପ୍ରସାର ଚାଲିଥିବାବେଳେ ଜିଲ୍ଲା ଅବକାରୀ ବିଭାଗ ନିଦାବିଷ୍ଟ ସାଜିଛି । ଉଦାହରଣ ସ୍ୱରୂପ ଏହି ଜିଲ୍ଲାର ତିହିଡି ଥାନା ଅଧୀନସ୍ଥ ତାଳପଦା ପଞ୍ଚାୟତରେ ଏହିଭଳି ଚୋରା ମଦ ବନ୍ୟାର ସୁଅ ଛୁଟୁଛି । ଚମାରସାହିରେ ୩ଟି, ଗୋପ ମଝିସାହିରେ ୨ଟି, ଜେନାସାହିରେ ଗୋଟିଏ, ଆଗିରିଆ ଚମାରସାହିରେ ୪ଟା ଭଳି ଏହି ପଞ୍ଚାୟତରେ ୧୦ରୁ ଉର୍ଦ୍ଧ୍ୱ ଦେଶୀ ମଦଭାଟିର କାରବାର ଚାଲିଛି । ଏହି ମଦ ମାଫିଆମାନେ ଆଖପାଖ ପଞ୍ଚାୟତ ଗୁଡିକୁ ଏହି ଚୋରା ଦେଶୀମଦ ଚାଲାଣ କରି ମାଲେ ମାଲେ ହେଉଛନ୍ତି । କେବଳ ମଦ ନୁହେଁ ବ୍ରାଉନ୍‌ସୁଗାର ଭଳି ମାଦକ ଦ୍ରବ୍ୟର ପ୍ରସାର ଏଠାରେ ତାର ଚେର ଲମ୍ବାଇଲାଣି । ମା' ବଡମ୍ବା ଠାକୁଣାଣୀ ପୀଠଟି ଏବେ ଏହି ବ୍ରାଉନ୍‌ସୁଗାରର ଆଡ୍ଡାସ୍ଥଳୀ ପାଲଟିଛି । ଏହି ପଞ୍ଚାୟତରେ ନକଲି ଦେଶୀ ଓ ବିଦେଶୀ ମଦ ବିକ୍ରି ହେବା ଯୋଗୁଁ ଚୋରି, ରାହାଜାନୀ ଭଳି ବହୁ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ପାଉଛି । ପରିବାରରେ ଅଶାନ୍ତି ଲାଗି ରହିବା ଫଳରେ ବହୁ ପିଲାମାନେ ପାଠପଢାରୁ ବଞ୍ଚିତ ହେଉଛନ୍ତି । କେବଳ ଜିଲ୍ଲା ଅବକାରୀ ବିଭାଗ ନୁହେଁ ପୋଲିସ ମଧ୍ୟ ଏଠାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାର ଅଭିଯୋଗ କରିଛନ୍ତି କାନ୍ତକବି ପ୍ରଗତିଶୀଳ ମହିଳା ସଂଗଠନର ସଦସ୍ୟାମାନେ । ଏ ସଂପର୍କରେ ଏହି ମହିଳା ଗ୍ରୁପ୍ ସମେତ ଗ୍ରାମବାସୀମାନେ ତିହିଡି ଥାନା ଠାରୁ ଆରମ୍ଭ କରି ଜିଲ୍ଲା ଅବକାରୀ ବିଭାଗ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହିଁ । ତେଣୁ ଏହି ପ୍ରଗତିଶୀଳ ମହିଳା ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ପକ୍ଷରୁ ଦେଶୀ ମଦ ଭାଟି ଓ ଦେଶୀ ମଦ ବିକ୍ରିକୁ ବନ୍ଦ କରିବା ଦାବିରେ ଜିଲ୍ଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ନରୋତ୍ତମ ମିଶ୍ର ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାଡକର ସନ୍ଦୀପ ସମ୍ପତଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୧୫ଦିନ ମଧ୍ୟରେ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ମହିଳା ସଂଗଠନ ବାଧହୋଇ ରାଜରାସ୍ତା ଅବରୋଧ କରିବ ବୋଲି ଚେତାବନୀ ଦେଇଛନ୍ତି ।

# ଚେନ୍ନାଇକୁ ୯ ୱିକେଟରେ ହରାଇଲା ମୁମ୍ବାଇ




**ମୁମ୍ବାଇ**

ଫର୍ମକୁ ଫେରିଲେ ହିଟ୍‌ମ୍ୟାନ୍। ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରହାରରେ ଧରାଶାୟୀ ଚେନ୍ନାଇ ସୁପର କିଙ୍ଗ୍ସ। ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲ୍ ୨୦୨୫ର ୩୮ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୯ ୱିକେଟ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇଛି। ସହଜ ବିଜୟ ସହ ଚଳିତ ସିଜିନରେ ଚେପକ ପରାଜୟର ପ୍ରତିଶୋଧ ନେବା ସହ ହାର୍ଦ୍ଦିକ ପାଣ୍ଡିଆନଙ୍କ ମୁମ୍ବାଇ ଇଣ୍ଡିଆନ୍ସ ହ୍ୟାଟ୍ରିକ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ରବୀନ୍ଦ୍ର ଜାଡ଼େଜାଙ୍କ ୫୩ ରନ ଓ ଶିବମ ଦୁବେଙ୍କ ୫୦ ରନ ବଳରେ ନିର୍ଦ୍ଧାରିତ ଓଭରରେ ୫ ୱିକେଟ୍ ହରାଇ ୧୭୬ ରନ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କ ଅପରାଜିତ ୭୬ ରନ ଓ ସୂର୍ଯ୍ୟକୁମାର ଯାଦବଙ୍କ ୬୮ ରନ ବଳରେ ଏକ ୱିକେଟ୍ ହରାଇ ୧୫.୪ ଓଭରରେ ମ୍ୟାଚ୍‌କୁ ଜିତି ନେଇଛି। ୮ ମ୍ୟାଚ୍‌ରୁ ୪ ବିଜୟ ସହ ମୁମ୍ବାଇ ପଏଣ୍ଟ ଟେବୁଲର ଷଷ୍ଠକୁ ଉଠିଛି। ଚେନ୍ନାଇ ଷଷ୍ଠ ପରାଜୟ ସହ ଦଶମ ସ୍ଥାନକୁ ଖସି ଆସିଛି।

# ପଞ୍ଜାବକୁ ୭ ୱିକେଟରେ ହରାଇ ପ୍ରତିଶୋଧ ନେଲା ବେଙ୍ଗାଲୁରୁ

**ଚଣ୍ଡିଗଡ଼**

ବୋଲରଙ୍କ ଶାଣିତ ବୋଲିଂ ପରେ ବିରାଟ କୋହଲି ଓ ଦେବଦତ୍ତ ପାଡ଼ିକଲଙ୍କ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗ୍‌ସକୁ ୭ ୱିକେଟ୍‌ରେ ହରାଇଛି। ଏଥିସହ ଦଳ ଦୁଇ ଦିନ ତଳେ ପଞ୍ଜାବଠୁ ହାରିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୬ ୱିକେଟ୍ ହରାଇ ୧୫୭ ରନ କରିଥିଲା। ଦଳର କୌଣସି ବ୍ୟାଟର ବଡ଼ ସ୍କୋର କରି ପାରି ନ ଥିଲେ। ଜବାବରେ ବେଙ୍ଗାଲୁରୁ ବିରାଟ କୋହଲିଙ୍କ ଅପରାଜିତ ୭୩ ରନ ଓ ପାଡ଼ିକଲଙ୍କ ୬୧ ରନ ବଳରେ ମ୍ୟାଚ୍‌କୁ ୧୮.୫ ଓଭରରେ ୩ ୱିକେଟ୍ ହରାଇ ଜିତି ନେଇଛି। ବେଙ୍ଗାଲୁରୁ ଅଷ୍ଟମ ମ୍ୟାଚ୍‌ରୁ ପଞ୍ଚମ ବିଜୟ ସହ ପଏଣ୍ଟ ତାଲିକାରେ ତୃତୀୟକୁ ଉଠିଛି। ଅନ୍ୟପଟେ ପଞ୍ଜାବ ତୃତୀୟ ପରାଜୟ ଭୋଗିଛି।

୧୫୮ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ବେଙ୍ଗାଲୁରୁକୁ ପ୍ରଥମ ଓଭରରେ ହିଁ ଫିଲିପ ସଲ୍ଟ(୧)ଙ୍କ ରୂପେ ଝଟକା ଲାଗିଥିଲା। ଏହା ପରେ



ବିରାଟ କୋହଲି ଓ ଦେବଦତ୍ତ ପାଡିକଲ ଇନିଂସ ସମ୍ଭାଳିଥିଲେ। ଉଭୟ ଦମ୍‌ଦାର ବ୍ୟାଟିଂ କରି ଆବଶ୍ୟକ ହାରରେ ରନ ସଂଗ୍ରହ କରିଥିଲେ। ଉଭୟ ଦ୍ୱିତୀୟ ୱିକେଟ୍‌ରେ ୧୦୩ ରନ ଯୋଡ଼ି ବେଙ୍ଗାଲୁରୁର ବିଜୟ ନିଶ୍ଚିତ କରିଥିଲେ। ପାଡ଼ିକଲ ୩୫ ବଲରୁ ୫ ଚୌକା ଓ ୪ ଛକା ସହ ୬୧ ରନ କରିଥିଲେ। ଏହା ପରେ ଅଧିନାୟକ ରଜତ ପାଟିଦାର ୧୨ ରନ କରି ଆଉଟ୍ ହୋଇଥିଲେ। ଦଳ ବିଜୟରେ ବାକି ଔପଚାରିକତା ପୂରା କରିଥିଲେ ବିରାଟ କୋହଲି। କୋହଲି ୫୪ ବଲରୁ ୭ ଚୌକା ଓ ୧ ଛକା ସହ ୭୩ ରନରେ ଅପରାଜିତ ଥିଲେ। ଜିତେଶ ଶର୍ମା ଦଳ ପାଇଁ ବିଜୟ ସୂଚକ ଛକା ମାରିଛନ୍ତି। ଉଲ୍ଲେଖନୀୟ ବେଙ୍ଗାଲୁରୁ ଏ ପର୍ଯ୍ୟନ୍ତ ଜିତିଥିବା ୫ଟି ମ୍ୟାଚ୍ ଅନ୍ୟ ଗ୍ରାଉଣ୍ଡରେ ଜିତିଥିବା ବେଳେ ନିଜ ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ୩ଟି ମ୍ୟାଚ୍ ହାରିଛି।

ପ୍ରଥମ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ଆରସିବିକୁ ୧୫୮ ରନର ଟାର୍ଗେଟ ଦେଇଥିଲ। ତେବେ ଖେଳ ଆରମ୍ଭରୁ ଦୁଇ ଓପନର ପ୍ରଭସିମରନ୍ ଓ ପ୍ରିୟାଂଶ ଆର୍ଯ୍ୟ ପ୍ରହାର ଆରମ୍ଭ କରିଥିଲେ। ପାଞ୍ଚମ ଓଭରରେ ଦଳ ୪୨ ରନ୍ କରିଥିଲା। ହେଲେ କୃଣାଲ ପାଣ୍ଡ୍ୟା ଘାତକ ବୋଲିଂ କରି ଆରସିବିକୁ ପ୍ରଥମ ବ୍ରେକ୍ ଦେଇଥିଲେ। ସେ ପ୍ରିୟାଂଶ ଆର୍ଯ୍ୟଙ୍କୁ ୨୨ ରନ୍‌ରେ ଆଉଟ୍ କରିଥିଲେ। ପରେ ପ୍ରଭସିମରନଙ୍କୁ ୩୩ ରନରେ ଶିକାର କରିନେଇଥିଲେ। ଏହାପରେ ପଞ୍ଜାବର ବ୍ୟାଟିଂ ଲାଇନ-ଅପ୍ ତାସ୍‌ର ଘର ପରି ଭୁଶୁଡ଼ି ପଡ଼ିଥିଲା। ଫଳରେ ନିର୍ଦ୍ଧାରିତ କୋଡିଏ ଓଭରରେ ଦଳ ୧୫୭ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା।

# ଫାଓର ନୂଆ ସଭାପତି ଦାୟିତ୍ୱ ନେଲେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ

**କଟକ**



ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶାର ନୂଆ ସଭାପତି ଭାବେ ଦାୟିତ୍ୱ ନେଲେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ। ଦାୟିତ୍ୱ ବୋ ସହ ପୂର୍ବରୁ ଯେଉଁମାନେ ଫୁଟବଲ ଆସୋସିଏସନ୍‌ର ଦାୟିତ୍ୱରେ ଥିଲେ ସେମାନଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ ଅନୁଭବି ମାନଙ୍କ ଅନୁଭବକୁ ନେଇ ଓଡ଼ିଶା ଫୁଟ୍‌ବଲକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚବାର ପ୍ରୟାସ କରିବେ ବୋଲି କହିଛନ୍ତି ଟଙ୍କଧର। ସେପଟେ ଏବେ ସବୁ କ୍ରୀଡ଼ା ସଙ୍ଗଠନରୁ ବିଜେଡି ହଟି ବିଜେପି ନେତାମାନେ ଦାୟିତ୍ୱ ନେଉଥିବା ସମ୍ପର୍କରେ ପ୍ରତିକ୍ରିୟା ରଖି ଫାଓ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି କ୍ରୀଡ଼ା ସଙ୍ଗଠନ ସରକାରଙ୍କ ସହ ରହିଲେ ହିଁ କ୍ରୀଡ଼ାର ଉନ୍ନତି ହେବ। ବାରବାଟୀକୁ ଆସି ବିଧିବଦ୍ଧ ଭାବେ ଟଙ୍କଧର ଫାଓ ସଭାପତି ପଦ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ସହ ଟଙ୍କଧର ପୂର୍ବରୁ ଫାଓ ଦାୟିତ୍ୱରେ ଯେଉଁମାନେ ଥିଲେ, ସେମାନେ ଓଡ଼ିଶା ଫୁଟବଲର ଉନ୍ନତି ପାଇଁ ଅନେକ କିଛି କରିଛନ୍ତି ବୋଲି ମତ ରଖିଛନ୍ତି ଟଙ୍କଧର। ପୂର୍ବ କର୍ମକର୍ତ୍ତାମାନେ ଯେଉଁ କାମ ଅଧୁରା ଛାଡ଼ି ଯାଇଛନ୍ତି, ତାକୁ ଆଗକୁ ବଢାଇବା ତାଙ୍କର ଦାୟିତ୍ୱ ବୋଲି କହିଛନ୍ତି ଟଙ୍କଧର। ଫୁଟବଲ ସମ୍ପର୍କରେ ଯେଉଁମାନଙ୍କର ଅନୁଭବ ରହିଛି ବା ଅଭିଜ୍ଞତା ରହିଛି, ସେମାନଙ୍କ ପରାମର୍ଶ ଅନୁସାରେ ଓଡ଼ିଶା ଫୁଟବଲକୁ ଅନ୍ତର୍ଜାତୀୟ ସ୍ତରର କରିବା ପାଇଁ ସବୁ ପ୍ରକାର ପ୍ରୟାସ ହେବ ବୋଲି କହିଛନ୍ତି ଟଙ୍କଧର। ଓଡ଼ିଶାରେ ଶାସନ ପରିବର୍ତ୍ତନ ପରେ ସବୁ କ୍ରୀଡ଼ା ସଙ୍ଗଠନରେ ବିଜେପିର ପ୍ରତିନିଧିତ୍ୱ ବଢୁଥିବା ଦେଖାଯାଇଛି। ଫୁଟବଲ ସହ ଅଲିମ୍ପିକ ଆସୋସିଏସନ୍ ଓ ଓସିଏରେ ବିଜେପି ନେତାମାନେ ପ୍ରମୁଖ ପଦ ପଦବୀରେ ରହିଲେଣି। ଏଭଳି ପରିବର୍ତ୍ତନ କିନ୍ତୁ ଆବଶ୍ୟକ ବୋଲି କହିଛନ୍ତି ଫାଓ ସମ୍ପାଦକ ତଥା ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା। ଆଶୀର୍ବାଦଙ୍କ କହିବା ଅନୁସାରେ କ୍ରୀଡ଼ା ସଙ୍ଗଠନରେ ସରକାରୀ ଦଳର ପ୍ରତିନିଧିତ୍ୱ ରହିଲେ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି କରିବା ସହଜ ହୋଇଥାଏ। ପୂର୍ବରୁ ଓଡ଼ିଶା ଅଲିମ୍ପିକ ଆସୋସିଏସନ୍ ସଭାପତି ଭାବେ ବିଜେପି ନେତା ସମୀର ମହାନ୍ତି ଦାୟିତ୍ୱ ନେଇଥିବା ବେଳେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ବିଭିନ୍ନ ପଦବୀ ପାଇଁ କିଛି ବିଜେପି ନେତାଙ୍କ ନାଁ ଚର୍ଚ୍ଚା ଚାଲିଛି।

# ରାଜ୍ୟରେ ଖୋଲିଲା ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟର



**ଭୁବନେଶ୍ୱର**

ରାଜ୍ୟରେ ଖୋଲିଲା ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟର। ୩୦ଟି ଜିଲାର ୩୦ ବିଦ୍ୟାଳୟରେ ଖେଲୋ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ ହୋଇଛି। ରବିବାର ଏନେଇ ସୂଚନା ଦେଇଛନ୍ତି କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ।

ମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ଜିଲ୍ଲାର କ୍ରୀଡ଼ା ଓ ସଂସ୍କୃତିକୁ ଗୁରୁତ୍ୱ ଦିଆଯିବ। ସେଣ୍ଟରଗୁଡ଼ିକରେ ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ରାଜ୍ୟ ସ୍ତରୀୟ, ସର୍ବଭାରତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ପୂର୍ବତନ ଖେଳାଳିମାନେ ପ୍ରଶିକ୍ଷକ ରହିବେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସହଯୋଗରେ ଏହି ୩୦ଟି ସେଣ୍ଟର ଖୋଲାଯାଇଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଭଲିବଲରେ ପୁରୁଷ ଦଳ ଚାମ୍ପିଅନ୍

**ବାଲେଶ୍ୱର, ନ୍ୟୁଜ୍**

ଚଳିତ ମାସ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଧରଣୀଧର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ (ପୁରୁଷ ଓ ମହିଳା) ଦଳଗତ ଓ ବ୍ୟକ୍ତିଗତ ଭାବେ ଅଂଶଗ୍ରହଣ କରିଥିଲେ। ଏଥିରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୁରୁଷ ଭଲିବଲ୍ ଦଳ ଚାମ୍ପିଅନ୍ ହୋଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟର ପୁରୁଷ ଭଲିବଲ ଦଳ କ୍ୱାର୍ଟର ଫାଇନାଲ୍‌ରେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଏବଂ ସେମି ଫାଇନାଲ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ହରାଇଥିଲେ। ଏଥିସହ ଫାଇନାଲ୍ ମ୍ୟାଚ୍‌ରେ ୩-୧ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ଦଳ ଭାବେ ଘୋଷିତ ହୋଇଥିଲା। ଏହି ଆନ୍ତଃ ବିଶ୍ୱ ବିଦ୍ୟାଳୟ ପ୍ରତିଯୋଗିତାର ଅନ୍ୟାନ୍ୟ ଖେଳ ଓ କ୍ରୀଡ଼ାରେ ମଧ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି।

ଚେସ୍ (ମହିଳା)ରେ ପ୍ରଥମ ସ୍ଥାନ ଓ (ପୁରୁଷ )ରେ ଦ୍ୱିତୀୟ ସ୍ଥାନ, ଫୁଟବଲ (ପୁରୁଷ ଓ ମହିଳା) ଉଭୟରେ ତୃତୀୟ ସ୍ଥାନ, କ୍ରିକେଟ (ପୁରୁଷ) ତୃତୀୟ ସ୍ଥାନ ଓ (ମହିଳା) ଦ୍ୱିତୀୟ ସ୍ଥାନ, ଭଲିବଲ ( ମହିଳା) ତୃତୀୟ ସ୍ଥାନ, କବାଡ଼ି (ମହିଳା) ତୃତୀୟ ସ୍ଥାନ, ହକି (ପୁରୁଷ ଓ ମହିଳା) ଉଭୟରେ ତୃତୀୟ ସ୍ଥାନ, ବ୍ୟାଡ଼ମିଣ୍ଟନ (ମହିଳା) ତୃତୀୟ ସ୍ଥାନ, ଟେବୁଲଟେନିସ୍ (ପୁରୁଷ ଓ ମହିଳା)



ଉଭୟରେ ତୃତୀୟ ସ୍ଥାନ, କ୍ୟାରମ୍ (ପୁରୁଷ ଓ ମହିଳା) ଉଭୟରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି।

ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଏହି ଗୌରବମୟ ସଫଳତା ପାଇଁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଖେଳ ଓ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟକୁ ଅନେକ ସଫଳତା ଅର୍ଜନ କରିବା ନେଇ ଆଶାବ୍ୟକ୍ତ କରିଛନ୍ତି।

ଏଥିସହିତ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡକ୍ଟର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡକ୍ଟର ଅମିତ କୁମାର ଶର୍ମା ଓ ପିଇଓ ସଂଗ୍ରାମ ବିଶୋଇଙ୍କ ସହଯୋଗ ଓ ନିରନ୍ତର ଉଦ୍ୟମକୁ କୁଳପତି ପ୍ରଫେସର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପ୍ରଶଂସିତ କରିବାସହ ଶୁଭେଚ୍ଛା ଜଣାଇଛନ୍ତି।

# ଅନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦୁଝର, ନ୍ୟୁଜ୍**

ଧରଣୀଧର ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ଅନୁଷ୍ଠିତ ଅନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ପୁରସ୍କାର ବିତରଣ ସଭାକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଖେଳର ଏହି ସଫଳତା ପାଇଁ କେନ୍ଦୁଝର ବାସୀଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ଖେଳ ଜୀବନର ସାଫଲ୍ୟ କାମନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଏହି ଉତ୍ସବରେ ଉପସ୍ଥିତ ଥିଲେ ଅନ୍ତର୍ଜାତୀୟ ଖେଳାଳି ଦ୍ୟୁତି ଚାନ୍ଦ। ସେ ଖେଳାଳିମାନଙ୍କୁ ନିଷ୍ଠା ଓ ଏକାଗ୍ରତା ରଖି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ନୋଡାଲ ଅଫିସର




ଡକ୍ଟର ଦାମୋଦରୀ ସାହୁ ଓ କ୍ରୀଡ଼ା ପରିଷଦ ସମ୍ପାଦକ ବିଜୟ ଦାସ। ଅତିଥି ପରିଚୟ ପ୍ରଦାନ କରିଥିଲେ ଡକ୍ଟର ସଂଗୀତା ସୁଶ୍ରୀ ନାୟକ।

ଏହାପୂର୍ବରୁ ରବିବାର ସକାଳେ ପାଞ୍ଚୋଟି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପୁରୁଷ କ୍ରିକେଟ୍ ଫାଇନାଲ ମ୍ୟାଚ୍ ଉତ୍କଳ ବିଶ୍ୱ-ବିଦ୍ୟାଳୟ ସହିତ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟ ମଧ୍ୟରେ ହୋଇଥିଲା ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ମହିଳା କ୍ରିକେଟ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

ଖୋଖୋ ପୁରୁଷ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ମହିଳା ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସବୁଠାରୁ ଚିତ୍ତାକର୍ଷକ ମ୍ୟାଚ୍ ଥିଲା ପୁରୁଷ ହକି ଫାଇନାଲ ମ୍ୟାଚ୍। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟକୁ ବିଜୟୀ ଘୋଷଣା କରାଯାଇଛି। ଏହିମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ରେଫରି ସହିତ ବିଶୃଙ୍ଖଳିତ ଆଚରଣ କରିଥିବାରୁ ଟିମ୍ କୁଦଣ୍ଡିତ କରାଯାଇଛି। ସମଗ୍ର କ୍ରୀଡ଼ା ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା। ସମସ୍ତ ବିଜୟୀ ପ୍ରତିଯୋଗୀମାନଙ୍କୁ ଟ୍ରଫି, ମେଡାଲ ସହିତ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ଶଶିକାନ୍ତ ଜେନା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ରବିବାର ସଭାକୁ ପରିଚାଳନା କରିଥିଲେ ଡକ୍ଟର ଜୟଲକ୍ଷ୍ମୀ ମହାପାତ୍ର।

# ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଚାମ୍ପିଅନସିପ୍ : ଡ୍ରାଗନ ଯୁବକ ସଂଘ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡ଼ିଆରେ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତଥା ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଆସୋସିଏସନ, ଓଡ଼ିଶାର ସହଯୋଗରେ ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ 'ମୁଖ୍ୟମନ୍ତ୍ରୀ କପ୍'ର ଫାଇନାଲ ମ୍ୟାଚ୍‌ରେ ଫିଉଚର ଷ୍ଟାର ସ୍ପୋର୍ଟସକୁ ଡ୍ରାଗନ ଯୁବକ ସଂଘ ୨-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଡ୍ରାଗନ ଦଳ ତରଫରୁ ହେମଓନୟାଲ ବାସ୍କେ ଓ ବଙ୍କିମ ବାସ୍କେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ଫିଉଚର ଷ୍ଟାରର ଧିରେନ ହାଁସଦା ଏକ ମାତ୍ର ଗୋଲ କରିଥିଲେ। ଉତ୍କଳମଣୀ ବେହେରା ମ୍ୟାଚ୍ ରେଫେରି ଏବଂ ବାପୁନ କୁମାର ମହାନ୍ତ, ରବୀନ୍ଦ୍ର ନାଥ




ଟୁଡୁ, ସମ୍ରାଟ ହେମ୍ବ୍ରମ, ରତ୍ନାକର ସୋରେନ, ଶାନ୍ତନୁ କୁମାର ନାୟକ ଓ ଯୁଗ ସେଙ୍ଗେଲ ସୋରେନ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରକାଶ ସୋରେନ, ସ୍ୱତନ୍ତ୍ର ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଯୋଗ ଦେଇ ଯୁବ ପ୍ରତିଭାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ଅସିତ ପତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ଅମ୍ବିକା ରାଉତ ଓ ପ୍ରସନ୍ନଜିତ ମହାନ୍ତି ଉପସ୍ଥିତ ଥିଲେ। ଉଭୟ ଦଳକୁ ମୁଖ୍ୟମନ୍ତ୍ରୀ କପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶ-ଥାଉକି ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା ପାଇଁ ଖେଳାଳି ଚୟନ କରାଯାଇଛି। ଚୟନକର୍ତ୍ତା ଭାବେ ଯୋଗ ଦେଇ ପୂର୍ବତନ ଫାଓ ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି ଓ ଫୁଟବଲ କୋଚ୍ ଅବନୀ ମୋହନ ମହାନ୍ତି ଖେଳାଳି ଚୟନ କରୁଥିଲେ।

# ଏଫଏମୟୁ ଛାତ୍ରଛାତ୍ରୀଙ୍କ କୁମ୍ଭକ୍ଷେତ୍ର ପରିଭ୍ରମଣ




**ବାଲେଶ୍ୱର, ନ୍ୟୁଜ୍**

ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଗବେଷଣାରତ ଛାତ୍ରଛାତ୍ରୀମାନେ ନୀଳଗିରି ଅଞ୍ଚଳରେ ପ୍ରକୃତି ଓ ସଂସ୍କୃତିର ମିଳନ ସ୍ଥଳୀ ଭାବେ ପରିଚିତ କୁମ୍ଭକ୍ଷେତ୍ର ପରିଭ୍ରମଣ କରି ସେଠାକାର କୁମ୍ଭକାରମାନଙ୍କୁ ଭେଟିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି ଐତିହ୍ୟ ସ୍ଥଳ ସଂପର୍କରେ ସବିଶେଷ ଅବଗତ କରାଇବାର ଲକ୍ଷ୍ୟ ନେଇ, ଐତିହ୍ୟ ଦିବସରେ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶିଖାଶ୍ରୀ ରାୟ ଓ ଶାନ୍ତି ଗୋପାଳ ଜେନାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ କୁମ୍ଭକ୍ଷେତ୍ର ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

ଏଥିସହିତ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା କୁମ୍ଭକାର ତଥା ଅନ୍ୟାନ୍ୟ ବୃତ୍ତିଗତ ଜୀବନ ଆପଣେଇଥିବା ଜନସାଧାରଣଙ୍କୁ ଭେଟି ସେମାନଙ୍କ କଳାସଂସ୍କୃତି, ଭାଷା, ପର୍ବପର୍ବାଣୀ, ବୃତ୍ତିଗତ ଜୀବନ ଇତିହାସକୁ ଅବଲୋକନ କରିଥିଲେ। ୨୦୦ ବର୍ଷ ପୁରାତନ କୁମ୍ଭାର ଭାଟିକୁ ଦେଖିବା ସହ ମାଟିରେ ତିଆରି ଅନେକ ଐତିହାସିକ ସାମଗ୍ରୀକୁ ମଧ ଅନୁଧ୍ୟାନ କରିଥିଲେ।

ଡକ୍ଟର ଶିଖାଶ୍ରୀ ରାୟ ଏହି ଅଭିଯାନରେ ଅଂଶଗ୍ରହଣକାରୀ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ଐତିହ୍ୟର ଗୁରୁତ୍ୱ ସଂପର୍କରେ ବୁଝେଇଥିଲେ, ଯେପରିକି ମୃତ୍ତିକା ଶିଳ୍ପ ପ୍ରଥା ଓ ପ୍ରଚଳିତ ପ୍ରଣାଳୀ। ଏହାସହିତ ଛାତ୍ରଛାତ୍ରୀମାନେ ଶିଳ୍ପୀ କେଶୁ ଦାସଙ୍କ ତିଆରି କରାଯାଇଥିବା କୁମ୍ଭକ୍ଷେତ୍ର କଟେଜ୍‌କୁ ଦେଖିବାର ସୁଯୋଗ ଲାଭ କରିଥିଲେ।

ଶିଳ୍ପୀ କେଶୁ ଦାସଙ୍କ ଚିତ୍ରକଳା ବିଶେଷକରି ନୀଳଗିରି ସ୍ଥାନୀତ ଐତିହ୍ୟର ସଂରକ୍ଷଣ ଓ ଜୈବ ବିବିଧତା ରକ୍ଷା ପାଇଁ ବାର୍ତ୍ତା ପ୍ରେରଣ କରିଥିଲା। ଶ୍ରୀ ଜେନା ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନର ଗୁରୁତ୍ୱକୁ ବୁଝାଇ ଥିଲେ। ପ୍ରକଳ୍ପ ସହଯୋଗୀ ପର୍ଶୁରାମ ମହାନ୍ତି କୁମ୍ଭକ୍ଷେତ୍ରର ସମସ୍ତଙ୍କ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଥିଲେ।

# ଉଦ୍‌ଘାଟିତ ହେଲା ଖେଲୋ ଇଣ୍ଡିଆ କେନ୍ଦ୍ର

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ମଣି ଚରଣ ଶାରଳା ଏକାଡେମୀ, ତିର୍ତ୍ତୋଲ ଜଗତସିଂହପୁର ଠାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଖୋ-ଖୋକୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆଭାସି ମାଧ୍ୟମରେ ଶୁଭ ଉନ୍ମୋଚନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ଭିଡ଼ିଓ କନ୍‌ଫରେନ୍ସ ହଲ୍‌ରେ ଆଭାସି ମାଧ୍ୟମରେ ରବିବାର ଏହି କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଖୋ-ଖୋ ପ୍ରଶିକ୍ଷକ ଦେବେନ୍ଦ୍ର ନାଥ, ବିଦ୍ୟାଳୟର ଖୋ-ଖୋ ଛାତ୍ରଛାତ୍ରୀ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।



## ଏମ୍‌କେସିଜି ରୋଗୀଙ୍କୁ ଖାଦ୍ୟ ଯୋଗାଣରେ ଅବ୍ୟବସ୍ଥା

# ଦିନ ୩ଟାରେ ମିଳୁଛି ପଲିଥିନ୍‌ରେ ବନ୍ଧା ରନ୍ଧା ଖାଦ୍ୟ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ସୁଷମ ଖାଦ୍ୟ ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହୋଇଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ରୋଗୀଙ୍କ ଇଚ୍ଛା ମୁତାବକ ରନ୍ଧା କିମ୍ବା ଶୁଖିଲା ଖାଦ୍ୟ ସ୍ୱଚ୍ଛତାର ସହ ପରଷିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ ଏମ୍‌କେସିଜି ମେଡ଼ିକାଲ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ବଡ଼ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ପଲିଥିନ୍ ପୁଡ଼ାରେ ରନ୍ଧା ଖାଦ୍ୟ ଯୋଗାଣ ହେଉଛି। ଖାଦ୍ୟ ଯୋଗାଣ ବେଳେ ସ୍ୱଚ୍ଛତା ବଜାୟ ରଖାଯାଉନାହିଁ। ଏପରିକି କିଛି ରୋଗୀଙ୍କୁ ଦିନ ୩ଟା ପରେ ଖାଦ୍ୟ ପ୍ରଦାନ କରାଯାଉଛି। ତେଣୁ ଏମ୍‌କେସିଜିରେ ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଏହି ଖାଦ୍ୟ କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟଯେ, ଏମ୍‌କେସିଜି ମେଡ଼ିକାଲ୍‌ର ବିଭିନ୍ନ ବିଭାଗରେ ପ୍ରାୟ ୧୦୦୦ ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହି ରୋଗୀଙ୍କୁ ଦୈନିକ ଡାଏଟ୍



ବା ଖାଦ୍ୟ ଯୋଗାଣ ପାଇଁ ନିଶ୍ଚିନ୍ତ ମଲ୍‌ଟି ସର୍ଭିସେସ୍ ନାମକ ଏକ ଘରୋଇ ସଂସ୍ଥା ଦାୟିତ୍ୱ ନେଇଛି। ଯେଉଁ ରୋଗୀ ରନ୍ଧା ଖାଦ୍ୟ ଖାଇବାକୁ ଚାହୁଁଛନ୍ତି, ତାଙ୍କୁ ସଂସ୍ଥା ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଥିବା ବେଳେ ଯେଉଁ ରୋଗୀ ଶୁଖିଲା ଖାଦ୍ୟ ଚାହୁଁଛନ୍ତି ତାଙ୍କୁ ପାଉଁରୁଟି, କଦଳୀ, ସିଝା ଅଣ୍ଡା ଓ ବିସ୍କୁଟ ପ୍ରଦାନ କରାଯାଉଛି। ହେଲେ ରୋଗୀଙ୍କୁ ଖାଦ୍ୟ କିଭଳି ଯୋଗାଣ କରାଯିବ ତାହାର ଏକ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି। ହେଲେ ଏହି ସଂସ୍ଥା ପକ୍ଷରୁ କୌଣସି ପ୍ରକାର ନିୟମ ପାଳନ କରାଯାଉ ନଥିବା ଅଭିଯୋଗ ହୋଇଛି। ଯେଉଁ ରୋଗୀ ରନ୍ଧା ଖାଦ୍ୟ ଚାହୁଁଛନ୍ତି ତାଙ୍କୁ ଶଯ୍ୟା ନିକଟରେ ଷ୍ଟିଲ୍ ଥାଳିରେ ଖାଦ୍ୟ ପରଷା ଯିବା କଥା। ହେଲେ ଉକ୍ତ ସଂସ୍ଥା ପକ୍ଷରୁ ରୋଗୀଙ୍କୁ ପଲିଥିନ୍ ପୁଡ଼ିଆରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳୁଛି। ଭାତ, ଡ଼ାଲି, ତରକାରୀ ଓ ଭଜାକୁ ଭିନ୍ନ ଭିନ୍ନ ଅଲୁମିନିୟମ ଫଏଲ୍ ପ୍ୟାକେଟ୍ ଭିତରେ ଭର୍ତ୍ତି କରାଯିବା ପରେ ତାହାକୁ ଏକ ପଲିଥିନ୍‌ରେ ରଖି ରୋଗୀଙ୍କୁ ଧରାଇ ଦିଆଯାଉଛି। ରୋଗୀମାନେ ଖାଦ୍ୟକୁ ଖାଇବା ପାଇଁ ନିଜେ ନିଜେ ଥାଳିର ବ୍ୟବସ୍ଥା କରୁଛନ୍ତି। କିଛି ରୋଗୀ ବାହାରେ ବିକ୍ରି ହେଉଥିବା କାଗଜ ଓ ପ୍ଲାଷ୍ଟିକ ପ୍ଲେଟ କିଣି ଉକ୍ତ ଖାଦ୍ୟ ଖାଉଛନ୍ତି। ଖାଦ୍ୟ ଯୋଗାଉଥିବା କର୍ମଚାରୀମାନେ ହାତରେ ଗ୍ଲୋବସ୍ କିମ୍ବା ମୁଣ୍ଡରେ କ୍ୟାପକ ପିନ୍ଧୁନାହାନ୍ତି। ଯାହା ରୋଗୀଙ୍କ ଠାରେ ସଂକ୍ରମଣର ସମ୍ଭାବନା ସୃଷ୍ଟି କରୁଛି। ଏପଟେ ଏହି ସଂସ୍ଥା ରୋଗୀଙ୍କ ନିକଟରେ ଠିକ୍ ସମୟରେ ଖାଦ୍ୟ ପହଞ୍ଚାଇ ପାରୁନାହିଁ। କେବେବେଳେ ଦିନ ୧ଟାରେ ରୋଗୀଙ୍କ ଶଯ୍ୟା ନିକଟରେ ଖାଦ୍ୟ ପ୍ରଦାନ କରାଯାଉଥିବା ବେଳେ ଆଉ କେତେବେଳେ ୩ଟା ରୁ ସାଢ଼େ ୩ଟା ରେ ଖାଦ୍ୟ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଛି। ଫଳରେ ଡାକ୍ତରଖାନା ପକ୍ଷରୁ ମିଳୁଥିବା ଖାଦ୍ୟକୁ ଚାହିଁ ବସିଥିବା ଅନେକ ରୋଗୀଙ୍କୁ ଦିନ ୩ଟା ଯାଏଁ ଭୋକରେ ରହିବାକୁ ପଡୁଛି। ଏମ୍‌କେସିଜିରେ ଏଭଳି ଅବ୍ୟବସ୍ଥା ଅତ୍ୟନ୍ତ ଗରୀବ ଓ ଅସହାୟ ରୋଗୀଙ୍କ ପାଇଁ କଷ୍ଟଦାୟକ ହୋଇପଡୁଛି। ଆଉ କିଛି ରୋଗୀ ମଧ୍ୟାହ୍ନ ଭୋଜନ ସମୟରେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଏମ୍‌କେସିଜି କ୍ୟାଣ୍ଟିନ୍ ନତୁବା ଆହାର କେନ୍ଦ୍ରରୁ ଖାଦ୍ୟ କିଣି ଖାଉଛନ୍ତି। ମଧ୍ୟାହ୍ନ ଭୋଜନ ସମୟ ଗଡ଼ିଯିବାର ଅନେକ ସମୟ ପରେ ସଂସ୍ଥା ପକ୍ଷରୁ ମିଳୁଥିବା ରୁଟି, ଅଣ୍ଡା ଓ ବିସ୍କୁଟକୁ ରୋଗୀଙ୍କ ସମ୍ପର୍କୀୟମାନେ ଖାଉଥିବା ମଧ ନଜରକୁ ଆସୁଛି। ତେଣୁ ରୋଗୀଙ୍କୁ ସ୍ୱଚ୍ଛତାର ସହ ଠିକ୍ ସମୟରେ ଖାଦ୍ୟ ପ୍ରଦାନ ଦିଗରେ ଏମ୍‌କେସିଜି କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଶତାଧିକ କର୍ମୀ ବିଜେପିରେ ମିଶିଲେ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନ୍‌ହଲ୍‌ଠାରେ ସକ୍ରିୟ ସଦସ୍ୟତା ସମ୍ମିଳନୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେପିର ଏକ ମିଶ୍ରଣ ପର୍ବ ଗୀତାଞ୍ଜଳି ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ସାଧାରଣ ସମ୍ପାଦକ ଅମିତାଭ ସୁଆର, ଉପିନ ରାଉତ ପ୍ରମୁଖ ଉପସ୍ଥିତ ରହି



ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷ ଶୁଶାନ୍ତ କୁମାର ଦାସ, ଗାଙ୍ଗପଡ଼ା ପଞ୍ଚାୟତର ପୂର୍ବତନ ଯୁବ ସଭାପତି ଅସିତ୍ ବନ୍ଧୁ ଧଳ, ସୁରେଶ ପରିଡ଼ା, ପ୍ରଶାନ୍ତ ପରିଡ଼ା, ରୁଦ୍ର ପ୍ରତାପ ରାଉତ, ପ୍ରତାପ ମଣ୍ଡଳ, ସଙ୍ଗଭୁବନ ବେହେରା, ଅନୁପ କୁମାର ବିଶ୍ୱାଳଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ନେତା ଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି।





# ସିଭିଲ ସୋସାଇଟି କର୍ମକର୍ତ୍ତାଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା



**ପୁରୀ,ନ୍ୟୁଜ ବ୍ୟୁରୋ**
ରାଜ୍ୟପାଳଙ୍କ ପୁରୀ ଜିଲ୍ଲା ଉନ୍ନୟନମୂଳକ ଯୋଜନାର ସମୀକ୍ଷା ସମୟରେ ରାଜ୍ୟପାଳ ଡଃ. ହରି ବାବୁ କମ୍ଭମପାଟି ସିଭିଲ ସୋସାଇଟିର କର୍ମକର୍ତାଙ୍କ ସହ ଆଲୋଚନା କରିଥିଲେ। ସାମାଜିକ ଅନୁଷ୍ଠାନ ଦି ବେଲର ଅଧ୍ୟକ୍ଷ ତଥା ପୁରୀ ଜିଲ୍ଲା ଦିବ୍ୟାଙ୍ଗ ସଂଘର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲଫେୟାର ଅର୍ଗାନାଇଜେସନର ସମ୍ପାଦକ ଗଗନ ବିହାରୀ ଦାସ ଓ ପିପୁଲସ ଫୋରମର ପ୍ରୋଗ୍ରାମ ଡାଇରେକ୍ଟର ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟପାଳଙ୍କୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଗଙ୍ଗୁଆ ନଦୀର ପ୍ରଦୂଷିତ ଜଳ ଦୟା ନଦୀରେ ଯେପରି ନ ମିଶେ ଏବଂ କଣାସ ବାସୀ ସ୍ୱଚ୍ଛଜଳ କିପରି ପାଇବେ ସେଥି ପାଇଁ ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ସୁବିଧା ପାଇଁ ତୁରନ୍ତ ବାହାରକୁ ରୋଗୀ ନେବା ପାଇଁ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର ବ୍ୟବସ୍ଥା, ଏବଂ ବର୍ଣ୍ଣ ୟୁନିଟ ବ୍ୟବସ୍ଥା, ପୁରୀର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୁରୀ ଜିଲ୍ଲାକୁ ଦୁଇରୁ ତିନୋଟି ସବ ଡିଭିଜନରେ ବିଭକ୍ତ କରିବା, ସ୍ୱର୍ଗଦ୍ୱାର ସମ୍ପ୍ରସାରଣ ଓ କର୍ପସ ଫଣ୍ଡ ବ୍ୟବସ୍ଥା। ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପାଇଁ ଆଧୁନିକ ପ୍ରଶିକ୍ଷଣ ଓ ଯନ୍ତ୍ରପାତି ତଥା ଜେଟି ଓ ଏଫ୍ ଏଲ୍ ସି ବ୍ୟବସ୍ଥା, ପୁରୀର ବାକି ରହିଥିବା ଐତିହ୍ୟ ସ୍ଥଳର ସୁରକ୍ଷା ସହିତ ଏହାର ଚିହ୍ନଟ, ପିଲିଗ୍ରୀମ ଟୁରିଜିମ୍‌କୁ ବଢ଼ାଇବା, ବିଶାଳ ମୁକ୍ତ ସମୁଦ୍ର ତଟର ସୁରକ୍ଷା ପାଇଁ ବ୍ୟବସ୍ଥା, ପୁରୀ ଜିଲ୍ଲାର ସମସ୍ତ ଜଳମାର୍ଗରେ ପର୍ଯ୍ୟଟନ କ୍ରୀଡା ବା ସ୍ପୋର୍ଟ୍ସ ଟୁରିଜିମ ପାଇଁ ସରକାରୀ ପ୍ରୋତ୍ସାହନ, ଟ୍ରାନସ ଜେଣ୍ଡର ମାନଙ୍କ ଥଇଥାନ ବ୍ୟବସ୍ଥା, ଜରାନିବାସ ବ୍ୟବସ୍ଥା ଇତ୍ୟାଦି ପାଇଁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
ଏହି କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଲ୍ଲୀ ହାଉଜଖାସ ମନ୍ଦିରରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଆୟୋଜନ



**ନୂଆଦିଲ୍ଲୀ, ୨୦/୪**
ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜଗନ୍ନାଥ ମନ୍ଦିରଠାରେ ମହାସମାରୋହରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ରର ଶୁଭାରମ୍ଭ ହୋଇଛି। ଏପ୍ରିଲ ୧୮ ତାରିଖ ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ ମହୋତ୍ସବ ଏପ୍ରିଲ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏହି ପବିତ୍ର ପାର୍ବଣ ଉପଲକ୍ଷେ ଉତ୍ସବସ୍ଥଳ ମନ୍ଦିରର ବେସମେଣ୍ଟକୁ ଖୁବ ସୁନ୍ଦର ଭାବରେ ସଜା ଯାଇଥିବା ଦେଖାଯାଇଥିଲା। ପ୍ରଖ୍ୟାତ ଆଧ୍ୟାତ୍ମିକ ପ୍ରବଚକ ବାବା ସତ୍ୟାନନ୍ଦ ଦାସ ମହାରାଜ ଏହି ପଞ୍ଚରାତ୍ରରେ ସ୍କନ୍ଦପୁରାଣକୁ ଆଧାର କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି, ଦର୍ଶନ, ମହିମା ଏବଂ ଅଲୌକିକ ଲୀଳା ସମ୍ପର୍କରେ ବହୁ ସାରଗର୍ଭକ ତଥ୍ୟ ଉପରେ ଆଲୋକପାତ କରିବେ ବୋଲି ଜଣାଯାଇଛି। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବାସଙ୍ଘର ଆନୁକୁଲ୍ୟରେ ଆୟୋଜିତ ଏହି ଧାର୍ମିକ ଅନୁଷ୍ଠାନକୁ ସୁରଖୁରରେ ସମ୍ପନ୍ନ କରାଯିବାରେ ସଙ୍ଘର ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ରବୀନ୍ଦ୍ରନାଥ ପ୍ରଧାନ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ପଞ୍ଚରାତ୍ରର ପ୍ରଥମ ଦିବସରେ ସ୍ଥାନୀୟ ବିଧାୟକ ସତୀଶ ଉପାଧ୍ୟାୟ ଏବଂ ଦ୍ୱିତୀୟ ଦିବସରେ କସ୍ତୁରବା ନଗରର ବିଧାୟକ ନୀରଜ ବସୋୟା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ ଏହି ପ୍ରବଚନ ପର୍ଯ୍ୟାୟକୁ ଉଦଘାଟନ କରିଥିଲେ। ଉଭୟ ସନ୍ଧ୍ୟାରେ ଉପସ୍ଥିତ ଥିବା ଅନ୍ୟ ସମ୍ମାନିତ ଅତିଥିବୃନ୍ଦଙ୍କ ମଧ୍ୟରେ ବେଙ୍ଗାଲୁରୁ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଶ୍ୱବିଦ୍ୟାଳୟର କୁଳାଧିପତି ଡ଼ଃ ଏଚ୍. ଆର. ନଗେନ୍ଦ୍ର, ଓ୍ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଉଦୟ ଇଣ୍ଡିଆ ଗ୍ରୁପର ସମ୍ପାଦକ ଦୀପକ ରଥ ଓ ପଣ୍ଡିତ ଅଶୋକ ଆଚାର୍ଯ୍ୟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରାତ୍ରରେ ବାବା ସତ୍ୟାନନ୍ଦ ଦାସ ମହାରାଜ ତାଙ୍କର ପ୍ରବଚନରେ ବେଦବ୍ୟାସଙ୍କ ଦ୍ୱାରା ରଚିତ ସ୍କନ୍ଦପୁରାଣକୁ ଉଦ୍ଧାର କରି ପୁରୁଷୋତ୍ତମ କ୍ଷେତ୍ରର ମହାତ୍ମ୍ୟ, ଶ୍ରୀଜଗନ୍ନାଥଙ୍କର ଦାରୁ କଳେବର ଧାରଣର ରହସ୍ୟ, ମାଳବ ଦେଶର ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ବ୍ରହ୍ମ ଜିଜ୍ଞାସା ଏବଂ ଚତୁର୍ଦ୍ଧାମୂର୍ତ୍ତି ନୀଳାଚଳ ଧାମରେ ବିରାଜମାନ କରୁଥିବାର ସୂଚନା ଜଟିଳ ସନ୍ୟାସୀ ବେଶରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରଦାନ କରିବା ଆଦି ଉପାଖ୍ୟାନଗୁଡ଼ିକୁ ବେଶ ପ୍ରାଞ୍ଜଳ ଏବଂ ନିଖୁଣ ଭାବରେ ବର୍ଣ୍ଣନା କରିଥିଲେ। ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର କୁଳ ପୁରୋହିତ ବିଦ୍ୟାପତିଙ୍କର ନୀଳାଚଳ ଆଗମନ, ବିଶ୍ୱାବସୁଙ୍କ ସହିତ ମିତ୍ରତା ସ୍ଥାପନ ଏବଂ ନୀଳ ମାଧବଙ୍କର ଦିବ୍ୟ ଦର୍ଶନ ସାରି ମହାପ୍ରଭୁଙ୍କର ଆଜ୍ଞାମାଳକୁ ଧାରଣ କରି ମାଳବକୁ ପ୍ରତ୍ୟାବର୍ତ୍ତନ ଆଦି ଘଟଣାବଳୀର ଉପସ୍ଥାପନା ଅତ୍ୟନ୍ତ ଭାବୋଦ୍ଦୀପକ ଥିଲା। ପରେପରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଉତ୍କଳ ପ୍ରାନ୍ତରେ ପଦାର୍ପଣ କରି ସହସ୍ର ଅଶ୍ୱମେଧ ଯଜ୍ଞ ସମାପନ କରିବା ପରେ ଭଗବାନ ଦାରୁବ୍ରହ୍ମଙ୍କର ଆବିର୍ଭାବ ଘଟିବାର ବିଷୟବସ୍ତୁକୁ ଶତାଧିକ ଭକ୍ତଙ୍କର ସମ୍ମୁଖରେ ବାବା ସତ୍ୟାନନ୍ଦ ଖୁବ ସରଳ ଓ ସୁନ୍ଦର ଭାବରେ ବ୍ୟାଖ୍ୟାନ କରିଥିଲେ। ଶ୍ରୀ ଜଗନ୍ନାଥ ପଞ୍ଚରାତ୍ରକୁ ସଫଳତାର ସହିତ ଆୟୋଜନ କରିବାରେ ଅଶୋକ ପ୍ରଧାନ, ବାଳକୃଷ୍ଣ ପଣ୍ଡା, ନିର୍ମଳ ଧଳ, ଗୋବର୍ଦ୍ଧନ ଧଳ, ବିଭୁ ସାହୁ, ମନ୍ଦିରର ପରିଚାଳକ ରଶ୍ମି ରଞ୍ଜନ ବେହେରା ଏବଂ ସହ ପରିଚାଳକ ଶଶିକାନ୍ତ ସାହୁ ପ୍ରମୁଖ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲେ। ବିଭିନ୍ନ ରାତ୍ରରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଫେସର ସତ୍ୟ ଦାଶ, ଲକ୍ଷ୍ମୀନାରାୟଣ ବେବର୍ତ୍ତା, ଅସିତ କର, ପ୍ରିୟତମା କର, ଚକ୍ରପାଣି ପରିଡ଼ା, ଅର୍ଚ୍ଚନା ପରିଡ଼ା, ବିପିନ ଦଳେଇ, ସଞ୍ଜୟ ମିଶ୍ର ଏବଂ ପ୍ରସନ୍ନ ପରିଡ଼ା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

# ନିଜ ଶରୀର ପାଇଁ ଦୁଇ ଘଣ୍ଟା ବ୍ୟାୟାମ ଏବଂ ମସ୍ତିଷ୍କ ପାଇଁ ଛଅ ଘଣ୍ଟା ଶୋଇବାକୁ ପରାମର୍ଶ



**ନୂଆଦିଲ୍ଲୀ :**
ଆହାର ହିଁ ଔଷଧ । ନୂଆଦିଲ୍ଲୀରେ ବିଶ୍ୱ ଲିଭର ଡେ' କାର୍ଯ୍ୟକ୍ରମରେ ଯୋଗଦେଇ ବେଦବାଣୀକୁ ସ୍ମରଣ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ପ୍ରାଚୀନ ଭାରତର ସ୍ୱାସ୍ଥ୍ୟ ବିଜ୍ଞାନ ଆୟୁର୍ବେଦର ମୂଳସିଦ୍ଧାନ୍ତକୁ ଏବେ ବିଶ୍ୱ ଆପଣାଇବାକୁ ବାଧ ହେଉଛି ବୋଲି କହିଛନ୍ତି ଶାହ । ନୂଆଦିଲ୍ଲୀରେ ବିଶ୍ୱ ଲିଭର ଡେ' କାର୍ଯ୍ୟକ୍ରମରେ ଯୋଗଦେଇ ଇନଷ୍ଟିଚ୍ୟୁଟ ଅଫ ଲିଭର ଆଣ୍ଡ ବାଇନାରୀ ସାଇନ୍ସର ପ୍ରୟାସକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ମୋଦି ସରକାର ଗତ ୧୦ ବର୍ଷ ମଧ୍ୟରେ ଦେଶର ହୋଲିଷ୍ଟିକ ହେଲ୍ଥକେୟାର ସିଷ୍ଟମକୁ ଦୃଢ଼ କରିଥିବା କହିଛନ୍ତି ଗୃହମନ୍ତ୍ରୀ । ଆୟୋଜିତ ହେଲ୍ଥି ଲିଭର ହେଲ୍ଥି ଇଣ୍ଡିଆ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ଅନୁଷ୍ଠାନର ମୁଖ୍ୟ ଡାକ୍ତର ଏସ.କେ.ସାରିନଙ୍କୁ ଧନ୍ୟବାଦ ଦେଇଛନ୍ତି ଶାହ । ସୁସ୍ଥ ଯକୃତ ସୁସ୍ଥ ଶରୀର ପାଇଁ ଏଣ୍ଟ୍ରି ପାସ୍ ବୋଲି କହିଛନ୍ତି ଶାହ । ଭାରତ ସମେତ ବିଶ୍ୱରେ ଯକୃତ ଜନିତ ରୋଗ ବୃଦ୍ଧି ପାଉଛି । ଜୀବନଶୈଳି ଓ ଖାଦ୍ୟ ପ୍ରତି ସଚେତନ ରହିଲେ ଯକୃତ ଜନିତ ସମସ୍ୟାରୁ ମୁକ୍ତି ମିଳିପାରିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । କାର୍ଯ୍ୟକ୍ରମରେ ଶାହଙ୍କ ସମେତ ଯୋଗଦେଇଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । ଚଳିତ ବର୍ଷର ବିଶ୍ୱ ଲିଭର ଡେ' ବିଷୟବସ୍ତୁ, 'ଆହାର ହିଁ ଔଷଧ', ଆମେ ଖାଉଥିବା ଜିନିଷର ଗୁରୁତ୍ୱ ଏବଂ ବିଭିନ୍ନ ଅଙ୍ଗକୁ ସୁସ୍ଥ ରଖିବାରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରେ। କେନ୍ଦ୍ର ସରକାର ଗତ ବର୍ଷ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭରକୁ ଏକ ପ୍ରମୁଖ ଅଣ-ସଂକ୍ରମିତ ରୋଗ ଭାବରେ ମାନ୍ୟତା ଦେଇଥିଲେ। ଏକ ବିବୃତ୍ତିରେ କୁହାଯାଇଛି, 'ଏହାକୁ ଏକ ନୀରବ ମହାମାରୀ ଭାବରେ ବିବେଚନା କରାଯାଇପାରିବ, ୧୦ ଜଣଙ୍କ ମଧ୍ୟରୁ ଜଣେରୁ ତିନି ଜଣ ଲୋକ ଫ୍ୟାଟି ଲିଭର କିମ୍ବା ଏହା ସମ୍ପର୍କିତ ରୋଗରେ ପୀଡିତ ହେବେ।' ସହରର ହେପାଟୋଲୋଜିଷ୍ଟ ଏବଂ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟମାନେ ମଧ୍ୟ ରାଜ୍ୟରେ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ମାମଲା ବୃଦ୍ଧି ପାଇବାକୁ ଇଙ୍ଗିତ କରିଛନ୍ତି, ଯାହାର କାରଣ ବିଗିଡିଯାଇଥିବା ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ଅଭ୍ୟାସ ବୋଲି କୁହାଯାଇଛି । ଶାହ ଆହୁରି କହିଛନ୍ତି ଯେ, 'ମଇ ୨୦୨୦ ଠାରୁ ଆଜି ପର୍ଯ୍ୟନ୍ତ, ମୁଁ ମୋ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଛି। ପର୍ଯ୍ୟାପ୍ତ ପରିମାଣର ନିଦ୍ରା, ପାଣି ଏବଂ ଖାଦ୍ୟ ଏବଂ ନିୟମିତ ବ୍ୟାୟାମ ମୋତେ ବହୁତ କିଛି ଦେଇଛି । ଆଜି ମୁଁ ଆପଣଙ୍କ ସମ୍ମୁଖରେ ଯେକୌଣସି ପ୍ରକାରର ଆଲୋପାଥିକ୍ ଔଷଧ ଏବଂ ଇନସୁଲିନ୍ ମୁକ୍ତ ଭାବରେ ଠିଆ ହୋଇଛି । ଦେଶର ଯୁବପିଢ଼ିଙ୍କୁ ଆହୁରି ୪୦-୫୦ ବର୍ଷ ବଞ୍ଚିବାକୁ ପଡିବ ଏବଂ ଦେଶର ପ୍ରଗତିରେ ଯୋଗଦାନ ଦେବାକୁ ପଡିବ। ମୁଁ ସେମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ନିଜ ଶରୀର ପାଇଁ ଦୁଇ ଘଣ୍ଟା ବ୍ୟାୟାମ ଏବଂ ମସ୍ତିଷ୍କ ପାଇଁ ଛଅ ଘଣ୍ଟା ଶୁଅନ୍ତୁ। ଏହା ଅତ୍ୟନ୍ତ ଉପଯୋଗୀ ହେବ। ଏହା ମୋର ନିଜସ୍ୱ ଅଭିଜ୍ଞତା।

# ଖୋର୍ଦ୍ଧାରେ ୩କୋଟି ୬୫ଲକ୍ଷ ବ୍ୟୟରେ ଖୋଲିଲା ଅବକାରୀ କାର୍ଯ୍ୟାଳୟ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**
ରବିବାର ଅପରାହ୍ନରେ ଜିଲ୍ଲା ସଦର ମହକୁମାସ୍ଥ ଟି ଏଲ ସି ରୋଡ ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖ ୩କୋଟି ୬୫ଲକ୍ଷ ବ୍ୟୟରେ ୩ମହଲା ବିଶିଷ୍ଟ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ କଲ୍ୟାଣ ନିଗମ ଲିଃ ଦ୍ୱାରା ନବନିର୍ମିତ ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ ଓଡ଼ିଶାର ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସେହିପରି ଅବକାରୀ ନିୟମ ଓ ଅଧିନିୟମ ପ୍ରଣୟନ ଦ୍ୱାରା ଚୋରା ମଦ କାରବାର ବିକ୍ରି ବନ୍ଦ କରିବା, ଚୋରା ବେପାରୀଙ୍କୁ ପ୍ରତିହତ କରିବା ଓ ଏକ ନିଶାମୁକ୍ତ ସଶକ୍ତ ସମାଜ ଗଠନରେ କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ମନ୍ତ୍ରୀ କହିଥିଲେ। ସେ ଅହୁରି ମଧ କହିଲେ ଯେ ଅବକାରୀ କର୍ମଚାରୀମାନଙ୍କୁ ଆର୍ମ -୩ ଅସ୍ତ୍ର ଦିଆଯାଇ ଚୋରା ବେପାରୀଙ୍କୁ ଦୃଢ଼ ମୁକାବିଲା କରି ସାରା ରାଜ୍ୟକୁ ସଶକ୍ତ କରାଯିବ । ସମ୍ମାନିତ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ସାଂସଦଙ୍କ ପ୍ରତିନିଧି, ରାଜ୍ୟ ଅବକାରୀ ବିଭାଗ ଶାସନ ସଚିବ ଗୁହା ପୁନମ ତାପସ କୁମାର, ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା, ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

# ଓଡ଼ିଶାର ଆଦିବାସୀ କଳା, ଐତିହ୍ୟକୁ ବେଦାନ୍ତ ଆଲୁମିନିୟମର ପ୍ରୋତ୍ସାହନ



**ଭବାନୀପାଟଣା, ନ୍ୟୁଜ ବ୍ୟୁରୋ**
ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଭାବନୀପାଟଣାର ଥୁଆମୂଳ ରାମପୁରସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଓଡିଶାର ସମୃଦ୍ଧ କଳାତ୍ମକ ଐତିହ୍ୟକୁ ପାଳନ କରିଛି। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାକୁ ପ୍ରୋତ୍ସାହିତ କରବା ଏବଂ ପାରମ୍ପରିକ କଳାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବେଦାନ୍ତର ସିଜିମାଳି ବକ୍ସାଇଟ୍ ଟିମ୍ ଦ୍ୱାରା ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା କଳାହାଣ୍ଡି କଳା ଓ ଗବେଷଣା ମହାବିଦ୍ୟାଳୟର ଅଧ୍ୟାପକମାନଙ୍କ ଦ୍ୱାରା ପରିଚାଳିତ ଓଡ଼ିଶାର ସର୍ବ ପୁରାତନ ଆଦବାସୀ କଳା ମଧ୍ୟରୁ ଅନ୍ୟତମ ସଉରା କଳା ଉପରେ ଏକ କର୍ମଶାଳା। ସଉରା କଳାର ଉତ୍ପତି, ପ୍ରତୀକବାଦ ଏବଂ କୌଶଳ ବିଷୟରେ ୧୨୦ରୁ ଅଧିକ ଅଂଶଗ୍ରହଣକାରୀ ଛାତ୍ର ଏହି ଅଞ୍ଚଳର ଦେଶୀୟ ସଂସ୍କୃତି ଏବଂ ଆଜିର ବିଶ୍ୱରେ ଏହାର ପ୍ରାସଙ୍ଗିକତା ବିଷୟରେ ସେମାନଙ୍କର ବୁଝାମଣାକୁ ଅଧିକ ଗଭୀର କରିଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କ କଳା ମାଧ୍ୟମରେ ଲୋକକଥା ଏବଂ ଦୈନନ୍ଦିନ ଜୀବନର ଜୀବନ୍ତ ଚିତ୍ରଣକୁ ଦର୍ଶାଇ ଅପାର ଉତ୍ସାହ ଏବଂ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ଥାନୀୟ କଳା ବିଷୟରେ ଗର୍ବ ଏବଂ ସଚେତନତା ସୃଷ୍ଟି କରିବାପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଏହି ପଦକ୍ଷେପ ସମ୍ପର୍କରେ ବଦୋନ୍ତର ବକ୍ସାଇଟ୍ ମାଇନ୍ସ ସିଇଓ ନିତିନ ତିୱାରୀ କହିଛନ୍ତି ଯେ ଆମର ଗୋଷ୍ଠି ବିକାଶ ପ୍ରୟାସ ଆମେ କାର୍ଯ୍ୟ କରୁଥିବା ଅଞ୍ଚଳର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନରେ ଗଭୀର ଭାବରେ ରହିଛି। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଯୁବ ପୀଢିକୁ ସୋମନଙ୍କ ସୃଜନଶୀଳ ସାମର୍ଥ୍ୟ ଅନ୍ୱେଷଣ କରିବା ସହିତ ସେମାନଙ୍କ ମୂଳ ସହିତ ପରିଚିତି କରିବାକୁ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖିଛୁ। ବେଦାନ୍ତର ଉଦ୍ୟମକୁ ପ୍ରଶଂସା କରି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟ ପ୍ରକାଶ ସତ୍ୟ କହିଥିଲେ ଯେ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଆମେ ବେଦାନ୍ତ ଆଲୁମିନିୟମ ପ୍ରତି କୃତଜ୍ଞ, ଯାହା ଆମ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସାଂସ୍କୃତିକ ମୂଳ ସହିତ ଯୋଡିଥାଏ। ସଉରା କଳା କର୍ମଶାଳା କେବଳ ସୋମନଙ୍କର କଳାତ୍ମକ ଦକ୍ଷତାକୁ ସମୃଦ୍ଧ କରିନଥିଲା ବରଂ ଓଡିଶାର ଆଦିବାସୀ ଐତିହ୍ୟ ପ୍ରତି ସେମାନଙ୍କର ସମର୍ପଣ ଭାବକୁ ମଧ୍ୟ ମଜବୁତ କରିଥିଲା। ଏହି ପଦକ୍ଷେପ ସୃଜନଶୀଳତା ଏବଂ ସାଂସ୍କୃତିକ ଗର୍ବକୁ ପୋଷଣ କରିବାରେ ଏକ ଦୀର୍ଘ ପଦରେ ସହାୟକ ହେବ। ବେଦାନ୍ତ ଆଲୁମିନିୟମ ତୃଣମୂଳକ ସ୍ତରରେ କ୍ରୀଡା ଏବଂ ସଂସ୍କୃତି, ଶିକ୍ଷା, ଭିତ୍ତିଭୂମି, ସ୍ୱାସ୍ଥ୍ୟ ପଦକ୍ଷେପ ଏବଂ ସାମଗ୍ରିକ ବିକାଶପାଇଁ ସୁଯୋଗକୁ ପ୍ରୋତ୍ସାହିତ କରି ସ୍ଥାନୀୟ ଗୋଷ୍ଠିକୁ ସଶକ୍ତ କରିବାପାଇଁ ଉତ୍ସର୍ଗୀକୃତ। ଏହି ପ୍ରୟାସ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ରମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା, ଓଡିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ଦିଗରେ ଗୋଷ୍ଠି ଯୋଗଦାର ଭାବନାକୁ ପ୍ରୋତ୍ସାହିତ କରିବାପାଇଁ ପ୍ରତିବଦ୍ଧତାକୁ ରେଖାଙ୍କିତ କରେ। ଯତ୍ନ ଏବଂ ଭାଗିଦାରିର ନୈତିକତା ଉପରେ ଆଧାରିତ ବେଦାନ୍ତର ସାମାଜିକ ପ୍ରଭାବ ପଦକ୍ଷେପଗୁଡିକ କଳାହାଣ୍ଡି ଜିଲ୍ଲାର ୬୭ଟିଗାଁର ଦେଢ ଲୋକଙ୍କ ଏବଂ ଓଡିଶାର ୫ଲକ୍ଷ ଲୋକଙ୍କ ଜୀବନ ଧାରଣରେ ଉନ୍ନତି ଆଣିପାରିଛି।

# ସାଇବର ତଦନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ପଦକ୍ଷେପ ନେଉଛନ୍ତି : ଆଇନ ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଅନଲାଇନ ଗେମିଂ ଯୋଗୁଁ ଆତ୍ମହତ୍ୟା ପ୍ରସଙ୍ଗ ସାଇବର ତଦନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ପଦକ୍ଷେପ ନେଉଛନ୍ତି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ସାଇବର ଠକେଇ ମାମଲାରେ ଗମ୍ଭୀରତାର ସହ ଚିନ୍ତା କରିବାର ଆବଶ୍ୟକତା ରହିଛି । ୨୦୨୪ରେ ପାଖାପାଖି ସାଇବର ଠକେଇରେ ୧୫୩ କୋଟି ଟଙ୍କା ଚୋରୀ ହୋଇଛି । କିନ୍ତୁ ରିକଭରି ପରିମାଣ ବହୁତ କମ । ସାଇବର ଠକେଇରେ ପ୍ରଥମ ଗୋଟିଏ ଘଂଟା ବା ଗୋଲଡ୍ରେନ ଆଓ୍ୱାର ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ଭିତରେ ପୋଲିସ ପାଖରେ ସମ୍ଭାବନା ରହିଛି ରିକଭର କରିପାରିବ। ଲୋକଙ୍କ ଭିତରେ ସଚେତନତା ହେଲେ ଲୋକ ସହାୟତା ମାଗିବେ ଓ ଲୋକ ଠକେଇରୁ ବଞ୍ଚିବେ । ସେ କହିଛନ୍ତି ଯେ ଅନ ଲାଇନ ଗେମ୍ ଆଉ ଗ୍ୟାମ୍ବଲିଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଧିରେ ଧିରେ ଏହା ଚିନ୍ତାଜନକ ସ୍ଥିତିକୁ ଗଲାଣି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇଛନ୍ତି। ସାଇବର ତଦନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ପଦକ୍ଷେପ ନେଉଛନ୍ତି ।

# ସିପିଆଇର ବରିଷ୍ଠ ନେତା ଦିବାକର ନାୟକଙ୍କ ୭୨ ବର୍ଷ ବୟସରେ ପରଲୋକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ଦିବାକର ନାୟକ ଆଜି ଭୁବନେଶ୍ୱରରେ ୭୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଦିବାକର ନାୟକ ଓଡ଼ିଶାର ରାଜନୈତିକ ମଞ୍ଚରେ ଜଣେ ପ୍ରମୁଖ ବାମପନ୍ଥୀ ନେତା ଥିଲେ। ସେ ଦୀର୍ଘ ସମୟଧରି ସିପିଆଇର ରାଜ୍ୟ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ ଏବଂ ଦଳର ଜାତୀୟ କାର୍ଯ୍ୟନିର୍ବାହୀ ସଭ୍ୟ ଥିଲେ। ବାମପନ୍ଥୀ ବିଚାରଧାରା ପ୍ରତି ତାଙ୍କର ଗଭୀର ନିଷ୍ଠା ଥିଲା। ସେ ତାଙ୍କର ରାଜନୈତିକ ଯାତ୍ରାର ଆରମ୍ଭ ଛାତ୍ର ଆନ୍ଦୋଳନ ମାଧ୍ୟମରେ କରିଥିଲେ ଏବଂ ଭଦ୍ରକ କଲେଜର ଛାତ୍ର ସଂଘର ଅଧ୍ୟକ୍ଷ ଭାବରେ ଖ୍ୟାତି ଅର୍ଜନ କରିଥିଲେ। ଭଦ୍ରକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଦିବାକର ନାୟକ ତାଙ୍କ ସମ୍ପୂର୍ଣ୍ଣ ଜୀବନ ଶ୍ରମିକ ବର୍ଗ ଓ ବଞ୍ଚିତ ସମୁଦାୟର ଅଧିକାର ପାଇଁ ସମର୍ପିତ କରିଥିଲେ। ତାଙ୍କ ଦେହାବସାନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଭୀର ଶୋକ ପ୍ରକାଶ କରିଛି। ଶେଷ ଦର୍ଶନ ପାଇଁ ତାଙ୍କର ପାର୍ଥିବ ଦେହକୁ ଆଜି ସକାଳ ୧୧ଟା ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଦଳର ମୁଖ୍ୟାଳୟରେ ରଖାଯାଇଥିଲା, ଯେଉଁଠାରେ ଦଳର କାର୍ଯ୍ୟକର୍ତ୍ତାମାନେ ଓ ସାଧାରଣ ଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏପରେ ତାଙ୍କ ପାର୍ଥିବ ଶରୀରକୁ ତାଙ୍କର ପୈତୃକ ଗ୍ରାମକୁ ନିଆଯାଇଛି ଯେଉଁଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ।

## ଓମ ପ୍ରକାଶ ବେହେରାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜେଇଇ ମେନ୍ ୨୦୨୫ (ସେସନ୍-୨) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ କୃତକାର୍ଯ୍ୟ ହୋଇଥିବା ଓମ ପ୍ରକାଶ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି. ଜେଇଇ ମେନ୍ ୨୦୨୫ (ସେସନ୍-୨) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୦୦ ପରସେଂଟାଇଲ (ପରଫେକ୍ଟ ସ୍କୋର) ସହ କୃତକାର୍ଯ୍ୟ ହୋଇଥିବା ଓମ ପ୍ରକାଶ ବେହେରାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ତାଙ୍କର ଏହି ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ଆଗାମୀ ଦିନରେ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି।

## ଭାରତ ନିର୍ବାଚନ ଆୟୋଗ ଭୋଟର ତାଲିକା ଅନିୟମିତତା ଦାବି ପ୍ରତ୍ୟାଖ୍ୟାନ

# ସର୍ବମୋଟ ୯୦ ଆବେଦନ ଦାଖଲ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତ ନିର୍ବାଚନ ଆୟୋଗ ଏକ ସ୍ୱଷ୍ଟ ବିବୃତିରେ କହିଛି ଯେ ଭୋଟର ତାଲିକା ସଂପର୍କିତ ଅନିୟମିତତା ଦାବି ସତ୍ୟ ନୁହେଁ। ମହାରାଷ୍ଟ୍ରରେ ୯ କୋଟି ୭୦ ଲକ୍ଷ ପଞ୍ଜିକୃତ ଭୋଟର ମଧ୍ୟରୁ, ତାଲିକା ସଂଶୋଧନ ପାଇଁ କେବଳ ୮୯ଟି ପ୍ରଥମ ଆବେଦନ ଏବଂ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଗୋଟିଏ ଦ୍ୱିତୀୟ ଆବେଦନ ଦାଖଲ ହୋଇଛି। ବିରୋଧୀ ଦଳଙ୍କ ତରଫରୁ ଶୀତକାଳୀନ ଅଧିବେଶନରେ ଉଠାଯାଇଥିବା ଭୋଟର ତାଲିକା ଅନିୟମିତତା ଅଭିଯୋଗକୁ ନିର୍ବାଚନ କମିଶନ ସଂଖ୍ୟାତ୍ମକ ତଥ୍ୟ ସହିତ ଖଣ୍ଡନ କରିଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ଦାବି - '୨୦୧୪ ରୁ ୨୦୧୯ ମଧ୍ୟରେ ୩୦ ଲକ୍ଷରୁ ଅଧିକ ଭୋଟର ଅନୁଚିତ ଭାବେ ତାଳିକାରେ ଯୋଡ଼ାଯାଇଛନ୍ତି' - ପ୍ରତି ନିର୍ବାଚନ କମିଶନ ପ୍ରମାଣ ଅଭାବ ଉଲ୍ଲେଖ କରି ଏହାକୁ ଅସ୍ୱୀକାର କରିଛି। ନିର୍ବାଚନ କମିଶନ ସଂକ୍ଷିପ୍ତ ସଂଶୋଧନ ଅଭିଯାନ ଅନୁସାରେ, ଭୋଟର ତାଲିକା ସୁଦୃଢ଼ ଓ ସଠିକ୍ ରହିବା ନିମନ୍ତେ ବାର୍ଷିକ ଅପଡେଟ୍ କାର୍ଯ୍ୟ ସାଂଘିକ ଭାବେ ଚାଲିଥାଏ। ଅଧୀନରେ ନୂତନ ଯୋଗ୍ୟ ଭୋଟର ଯୋଗ, ନିର୍ବାଚନମଣ୍ଡଳୀ ପରିବର୍ତ୍ତନ, ଏବଂ ଡୁପ୍ଲିକେଟ୍/ଅନୁଚିତ ଭୋଟର ନାମ ବାଦ କରାଯାଏ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଭାରତରେ ମୋଟ ପଞ୍ଜିକୃତ ଭୋଟର ୯୨କୋଟି ୨୦ ଲକ୍ଷ ହୋଇଥିବାବେଳେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ସଂଖ୍ୟା ୧୦ ଲକ୍ଷ ୫୦ ହଜାର, ବୁଥ୍ ସ୍ତରୀୟ ଏଜେଣ୍ଟଙ୍କ ସଂଖ୍ୟା ୧୩ ଲକ୍ଷ ୯୦ ହଜାର ଏବଂ ମହାରାଷ୍ଟ୍ରରେ ଜାନୁଆରୀ ୨୦୨୫ରେ ପରେ ୮୯ଟି ପ୍ରଥମ ଏବଂ ଗୋଟିଏ ଦ୍ୱିତୀୟ ପରିବର୍ତ୍ତନ ଆବେଦନ ଆସିଛି। ନିର୍ବାଚନ ଆୟୋଗ ପୁଣିଥରେ ଜଣାଇଛି ଯେ ଭୋଟର ତାଲିକାରେ ସ୍ୱଚ୍ଛତା ଓ ଶୁଦ୍ଧତା ବଜାୟ ରଖିବା ପାଇଁ ପ୍ରାଥମିକତା ଅତୁଟ ଅଛି, ଏବଂ ସମସ୍ତ ଭାଗୀଦାରଙ୍କ ସହଯୋଗରେ ଏହି ଲକ୍ଷ୍ୟକୁ ପୂରଣ କରାଯିବ।

## ରାଜଧାନୀ ଉପକଣ୍ଠରେ ଫୁଟିଲା ଗୁଳି : ଯୁବକ ଗୁରୁତର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ରାତିରେ ଫୁଟିଲା ଗୁଳି। ବିଳମ୍ବିତ ରାତିରେ ବାଲିପାଟଣା ଅଞ୍ଚଳରେ ଘଟିଛି ଗୁଳିକାଣ୍ଡ । ଦୁଇ ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସି ଗୁଳିମାଡ଼ କରିଛନ୍ତି। ଏଥିରେ ଦୀପ୍ତିରଞ୍ଜନ ମହାପାତ୍ର ନାମକ ଜଣେ ଯୁବକଙ୍କ କାନ୍ଧ ପାଖରେ ଗୁଳି ବାଜିଛି। ଗୁଳିବିଦ୍ଧ ଅବସ୍ଥାରେ ଦୀପ୍ତିରଞ୍ଜନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବାଲିପାଟଣା ପୋଲିସ୍ ହିଁ ଆହତଙ୍କୁ ହସ୍ପିଟାଲକୁ ଆଣିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳିକାଣ୍ଡ ଘଟିଥିବା ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି । ଦୀପ୍ତିରଞ୍ଜନ ବାଲିପାଟଣାସ୍ଥିତ ନିଜ ଭଉଣୀ ଘରକୁ ଯାଇଥିଲେ । ରାତିରେ ସେ ପିଣ୍ଡାରେ ବସିଥିବା ବେଳେ ଦୁଇ ଜଣ ଆସି ତାଙ୍କ ଉପରକୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ । ଗୁଳିମାଡ଼ର ଶିକାର ହୋଇଥିବା ବ୍ୟକ୍ତିଜଣକ ନିକଟରେ ଏକ ମାମଲାରେ ଜେଲ୍ ଯାଇ ଜାମିନରେ ଆସିଥିବା ବେଳେ ଏହି ଘଟଣା ସହ ଗୁଳିକାଣ୍ଡର କିଛି ସମ୍ପର୍କ ଥାଇପାରେ ବୋଲି ସନ୍ଦେହ କରାଯାଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୁଆପଥର...

ହୋଇଥିଲା। ଏହି ବନ୍ୟାରେ ଦଶଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ୨୫ ରୁ ୩୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ସବୁଠାରୁ ବଡ଼ ଚିନ୍ତାର ବିଷୟ ଥିଲା ଯେ ଏହି ଅଞ୍ଚଳରେ ପ୍ରାୟ ୯୦ ରୁ ୧୦୦ ଲୋକ ଫସି ରହିଥିଲେ, କିନ୍ତୁ ଧରମକୁଣ୍ଡ ପୋଲିସର ତତ୍ପରତା ଯୋଗୁଁ ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା।

ଏ ସମ୍ପର୍କରେ ସାଂସଦ ସୂଚନା ଦେଇଛନ୍ତି ଯେ ସେ ଡେପୁଟି କମିଶନର ବସିର-ଉଲ-ହକ ଚୌଧୁରୀଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ଜିଲ୍ଲା ପ୍ରଶାସନର ତୁରନ୍ତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସେ କହିଥିଲେ ଯେ ଆର୍ଥିକ ହେଉ କିମ୍ବା ଅନ୍ୟାନ୍ୟ, ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି । ଆବଶ୍ୟକ ହେଲେ, ସାଂସଦ ପାଣ୍ଠିରୁ ମଧ୍ୟ ସହାୟତା ଯୋଗାଇ ଦିଆଯିବ । ଗୁଜବରେ ଧ୍ୟାନ ନଦେବା ଏବଂ ପ୍ରଶାସନ ସହିତ ମିଶି ପରିସ୍ଥିତିର ସାମ୍ନା କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

ଭୁବନେଶ୍ୱର
୨୧ ଅପ୍ରେଲ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଐତିହ୍ୟ ସ୍ମାରକୀ ଅଠରନଳାକୁ ସୌନ୍ଦର୍ଯ୍ୟକରଣ କରାଯାଉ

**ପୁରୀ, ୨୦/୦୪**
**ନ୍ୟୁଜ ବ୍ୟୁରୋ**

ପୁରୀର ପ୍ରବେଶ ପଥ ଅଠରନଳା । ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି । ଅଠରନଳା ପୋଲଟି ବିପଦସଙ୍କୁଳ ସ୍ଥିତିକୁ ଆସିବା ପରେ ଏହା ଉପରେ ଯାନବାହନ ଚଳାଚଳ ବନ୍ଦ କରାଯାଇଛି । ଐତିହ୍ୟ ସ୍ମାରକୀ ଭାବେ ଏବେ ସଂରକ୍ଷିତ । ପ୍ରାୟ ୧୩୦୦ ମସିହାରେ ଏହା ନିର୍ମାଣ ହୋଇଥିବା ଅନୁମାନ କରାଯାଏ । ଅଠରନଳା ଦେଖିଲେ ଭକ୍ତ ଭାବବିହ୍ୱଳ ହୋଇଯାଏ। ବିଶ୍ୱସ୍ତରୀୟ ସହର ହେବ ପୁରୀ ସହର । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅଠରନଳା ମୂଷାନଈରୁ ଦଳ ଓ ପଙ୍କ ସଫା କରାଯାଇଥିଲା । ପଙ୍କ କଢା ମେସିନ ପ୍ରାୟ ଦୁଇ ବର୍ଷ ନଦୀ ଭିତରେ ପଡି ରହିଥିଲା । ପ୍ରାୟ ୨୦ ଜଣ ଦଳକଢା ଶ୍ରମିକଙ୍କୁ ନିୟୋଜିତ କରାଯାଇ ଦଳ ସଫା କରାଯାଇଥିଲା । ଡ୍ରେନେଜ୍ ବିଭାଗ ଏବଂ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକସନ କର୍ପୋରେସନ (ଓବିସିସି) କେବଳ ଫାଇଲ୍ ପତ୍ରରେ ହିସାବ କରି ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି କାମ ହୋଇନାହିଁ । ନିଘୋଡ଼ ନିଦ୍ରାରେ ଶୋଇଛି ଡ୍ରେନେଜ୍ ବିଭାଗ। ଏ ସମ୍ପର୍କରେ ଡ୍ରେନେଜ୍ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ମୂଷାନଈ କାମର ଦାୟିତ୍ୱ ଓବିସିସି ନେଇଛି । ଅନ୍ୟପକ୍ଷରେ ଓବିସିସି ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରିବାରୁ ସେ କହିଛନ୍ତି ଯେ, ଆମର ଯନ୍ତ୍ରୀ ବଦଳି ହୋଇଛନ୍ତି । ନୂଆ ଯନ୍ତ୍ରୀ ଆସିଲେ କାମ ହେବ । ସେପଟେ ମୂଷାନଈର କଳିକତି ଦଳ କିଛି ଶୁଣୁନାହିଁ, ମାଡି ଚାଲିଛି ବୋଲି ସହରରେ ଚର୍ଚ୍ଚା ହେଉଛି । ଜାତୀୟ ସ୍ମାରକୀ ଅଠରନଳାର ଉପର ସୌନ୍ଦର୍ଯ୍ୟକରଣ କରିବା ପାଇଁ ଅଫଳନ୍ତି କିଛି ଗଛ ପ୍ଲାଷ୍ଟିକ କୁଣ୍ଡରେ ରଖାଯାଇଛି । ସିକ୍ୟୁରିଟି ଗାର୍ଡ ଜଗି ରହିଛି । ପ୍ରବାସୀ ଓଡ଼ିଆ ଆଗମନ, ନୂଆବର୍ଷ ଓ ରଥଯାତ୍ରା ସମୟରେ ସ୍ୱତନ୍ତ୍ର ଭାବେ ଅଠରନଳାକୁ ସଜାଯାଇ ନେଳି ନାଳି ଆଲୋକରେ ଆଲୋକିତ କରାଯାଉଛି । ତେବେ ଅଠରନଳା ମୂଷା ନଈ ଭିତରେ ଥିବା ଦଳର ସ୍ଥିତି ଅତି ସାଂଘାତିକ । ଏହା ମୂଷା ମାନଙ୍କର ଏକୁଡିଶାଳ ପାଲଟିଛି । ଡ୍ରେନେଜ ନାଳରେ ସହରର ପାଣି ନୂଆ ବ୍ରିଜ ତଳେ ଭସ ଭସ ହୋଇ ନିଷ୍କାସିତ ହେଉଛି । ସ୍ୱରେଜ ପାଇପ ମଧ୍ୟ ବ୍ରିଜ ତଳେ ଯାଇଥିବାରୁ ମ୍ୟାନହୋଲରେ ଦୁର୍ଗନ୍ଧ ବାହାରୁଛି । ପଲିଥିନ, ମଦ ବୋତଲ, ପ୍ଲାଷ୍ଟିକ ବୋତଲ, ମଲା କୁକୁର ଓ ବିଲେଇ ତଳେ ସଢୁଛନ୍ତି । ପଙ୍କ ପ୍ରବଳ ପାଣି କମ ଯୋଗୁ ଦୁର୍ଗନ୍ଧମୟ ସ୍ଥିତି ଉପୁଜିଛି । ବ୍ରିଜ ଉପରେ ପୌରସଂସ୍ଥା ଗାଡିରେ ପବିତ୍ର ପୁରୀ ଗର୍ବ ଆମରି ବାଜୁଛି । ସେହିପରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀର ପ୍ରବେଶପଥ ଅଠରନଳା ଓ ମୂଷାନଈର ସୌନ୍ଦର୍ଯ୍ୟକରଣ ଯୋଜନା ହୋଇଥିଲା। ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଗୋଟିଏ ପର୍ଯ୍ୟଟକ ସେଠାରେ ଦେଖିବାକୁ ମିଳୁନାହାନ୍ତି । ହୁଳହୁଳିଆ ପୋଲ ଠାରୁ ଆଖଣ୍ଡଳମଣି ପଛପଟ ଦେଇ ଗରୁଡ଼ ଛକ ପର୍ଯ୍ୟନ୍ତ ଚଲାପଥ ନିର୍ମାଣ ହୋଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଷ୍ଟିଲ ବାଡ ହୋଇଛି । କେତେକ ସ୍ଥାନରେ ଷ୍ଟିଲ ବାଡକୁ ଦୁର୍ବୃତ୍ତ ଉପାଡି ଦେଇଥିବା ଦେଖିବାକୁ ମିଳିଛି । ଅଠରନଳା ପୁରୁଣା ବ୍ରିଜ ଓ ନୂଆ ବ୍ରିଜ ମଝିରେ ଧର୍ମକୁ ଆଖିଠାର ପରି ଗୋଟିଏ ଡଙ୍ଗା ଶିକୁଳିରେ ବନ୍ଧା ହୋଇ ନଷ୍ଟ ହେବାକୁ ବସିଲାଣି ।

ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅଠରନଳାର ମୂଷାନଈ ଚିରସ୍ରୋତା ଥିଲା। ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଘାଟ ଡଙ୍ଗା ଓ ଘାଟ ପଢିଆରୀ ବ୍ୟବସ୍ଥା ଥିଲା । ତୀର୍ଥଯାତ୍ରୀ ମାନେ ତୀର୍ଥକର (ପିଲଗ୍ରିମ ଟ୍ୟାକ୍ସ) ଦେଇ ପୁରୀକୁ ପ୍ରବେଶ କରୁଥିଲେ । କାଳକ୍ରମେ ନଦୀ ପୋତି ହୋଇଯିବାରୁ ଓ ଦଳ ପ୍ରବଳ ଯୋଗୁଁ ପାଣି ଯାଉନାହିଁ । ଅପରପକ୍ଷରେ ହୁଳୁହୁଳିଆ ପୋଲ ଦେଇ ହରେକୃଷ୍ଣପୁର, ସମଗରା, ଗୋପାଳପୁର ଆଦି ମୌଜାରୁ ବର୍ଷା ଦିନେ ପାଣି ହୁଳୁହୁଳିଆ ପୋଲ ଦେଇ ମୂଷାନଈକୁ ଆସୁଥିଲା । ଏବେ ଜୋର, ଜଳାଶୟ ଓ ଜଳ ନିଷ୍କାସନ ସ୍ଥାନରେ ଜନବସତି ଓ ଘର ନିର୍ମାଣ ଯୋଗୁଁ ଗହୀର ବିଲ ପାଣି ହୁଳୁହୁଳିଆ ପୋଲ ପାଖକୁ ଆସିବା ପାଇଁ ବାଟ ପାଉନାହିଁ । ନୂଆ ସରକାର ପୁରୀର ପ୍ରବେଶ ପଥକୁ ସୌନ୍ଦର୍ଯ୍ୟକରଣ ଓ ମୂଷାନଦୀର ପୁନରୁଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ, ସହରବାସୀ ଓ ବୁଦ୍ଧିଜୀବୀମାନେ ଦାବି ଉଠାଇଛନ୍ତି।

# ବୋତ୍ସ୍ୱାନା, ଦକ୍ଷିଣ ଆଫ୍ରିକା ଓ କେନିଆରୁ ଭାରତ ଆସିବେ ଚିତାବାଘ

**ନୂଆଦିଲ୍ଲୀ, ୨୦/୪**

ଆଫ୍ରିକୀୟ ରାଷ୍ଟ୍ର ବୋତ୍ସ୍ୱାନାରୁ ଭାରତ ଆସିବ ଆଉ ୮ ଟି ଚିତାବାଘ। କେନ୍ଦ୍ର ଜଙ୍ଗଲ, ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ନେଇ ଭୋପାଳରେ ହୋଇଥିବା ଚିତା ପ୍ରକଳ୍ପ ସମୀକ୍ଷା ବୈଠକରେ ଏହି ସୂଚନା ମିଳିଛି। ମେ'ରେ ପ୍ରଥମ ପର୍ଯ୍ୟାୟରେ ୪ଟି ଚିତାବାଘ ଆସିବେ। ବୋତ୍ସ୍ୱାନା, ଦକ୍ଷିଣ ଆଫ୍ରିକା ଓ କେନିଆରୁ ଚିତା ବାଘ ଆଣିବା ପାଇଁ ଯୋଜନା କରୁଛି ଭାରତ। ୨୦୨୨ ସେପ୍ଟେମ୍ବର ପ୍ରଥମ ଦଫାରେ ଆଫ୍ରିକୀୟ ରାଷ୍ଟ୍ର ନାମ୍ବିଆରୁ ୮ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ (୨୦୨୩ ଫେବୃୟାରୀ) ଦକ୍ଷିଣ ଆଫ୍ରିକାରୁ ୧୨ଟି ଚିତା ଅଣାଯାଇଥିଲା। ସେମାନଙ୍କୁ ମଧ୍ୟପ୍ରଦେଶର କୁନୋ ଜାତୀୟ ପାର୍କରେ ଛଡାଯାଇଥିଲା। ଦେଶରେ ଚିତା ପ୍ରକଳ୍ପ ପାଇଁ ଏପର୍ଯ୍ୟନ୍ତ ୧୧୨ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ସେଥିମଧ୍ୟରୁ ୬୭ ପ୍ରତିଶତ କେବଳ ମଧ୍ୟପ୍ରଦେଶ ପାଇଁ ଖର୍ଚ୍ଚ କରାଯାଇଛି। କୁନୋରେ ଚିତା ସଫାରି ଆରମ୍ଭ କରିବାକୁ ମଧ୍ୟପ୍ରଦେଶ ସରକାର ସୁପ୍ରିମକୋର୍ଟରେ ଏକ ପିଟିସନ ଦାଏର କରିଛନ୍ତି। କେବଳ ଚିତା ବାଘ ନୁହେଁ ମହାବଳ ବାଘଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି କରିବାକୁ ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି କେନ୍ଦ୍ର ସରକାର।

# ସମସ୍ତଙ୍କ ପ୍ରୟାସରେ ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହୋଇପାରିବ

**ଭୁବନେଶ୍ୱର, ୨୦।୪**
**ନ୍ୟୁଜ ବ୍ୟୁରୋ**



ପାଞ୍ଚ ଟ୍ରିଲୟନ ଅର୍ଥ ବ୍ୟବସ୍ଥା କେବଳ ଏକ ଡିଜିପି ସଂଖ୍ୟା ନୁହେଁ ବରଂ ଏହାର ଅର୍ଥ ହେଉଛି ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା, ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବା, ଶକ୍ତି ସୁରକ୍ଷା ଏବଂ ଡିଜିଟାଲ ସଶକ୍ତିକରଣ ସୁନିଶ୍ଚିତ କରିବା। ଆଇଆଇଏମ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଏହା କହିଛନ୍ତି। ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ ଦେଇ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ ଜରିଆରେ ଦେଶକୁ ଶୀର୍ଷ ସ୍ତରକୁ ନେଇଯିବା ଲାଗି ଚାହୁଁଛନ୍ତି। ସମସ୍ତଙ୍କ ପ୍ରୟାସ ବଳରେ ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ। ସାମ୍ପ୍ରତିକ ଭୂ-ରାଜନୈତିକ ଓ ଆର୍ଥିକ ପରିଦୃଶ୍ୟରେ ସୁଯୋଗ ଓ ଆହ୍ୱାନ ଶୀର୍ଷକ ବିଷୟବସ୍ତୁ ଉପରେ ମତ ରଖି ଡକ୍ଟର ମିଶ୍ର କହିଥିଲେ ବିଶ୍ୱ ଅର୍ଥବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ମୋଡରେ ପହଞ୍ଚିଥିବାରୁ ଆମେ ସମସ୍ତେ ଏକ ଉତ୍ସାହଜନକ ଏବଂ ଆହ୍ୱାନପୂର୍ଣ୍ଣ ସମୟରେ କାଳତିପାତ କରୁଛୁ। ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ଉତ୍ପନ୍ନ ହେବା ସହିତ ଭୂ-ରାଜନୈତିକ ଉତ୍ତେଜନା ଏବଂ ପରିବର୍ତ୍ତିତ ବିଶ୍ୱ ବାଣିଜ୍ୟ ସ୍ଥିତି ସମେତ ଅନେକ ଜଟିଳ ଆହ୍ୱାନ ବିଶ୍ୱ ଅର୍ଥବ୍ୟବସ୍ଥା ଆଗରେ ଛିଡା ହୋଇଛି। ଭାରତର ଡିଜିଟାଲ ଅର୍ଥ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମତ ରଖି ଡକ୍ଟର ମିଶ୍ର କହିଥିଲେ, ଦେଶରେ ଏବେ ୮୦ କୋଟିରୁ ଅଧିକ ଇଣ୍ଟରନେଟ ଉପଭୋକ୍ତା ରହିଛନ୍ତି। ଏଆଇ, ମସିନ ଲର୍ଣ୍ଣିଂ, ବ୍ଲକ ଚେନ ଓ ଇଣ୍ଡଷ୍ଟ୍ରୀ ୪.୦ ଏବେ ବାସ୍ତବତାରେ ପରିଣତ ହୋଇଛି। ଏହି ଅନୁଷ୍ଠାନର ଡିଜାଇନ ସମସାମୟିକ ସମ୍ବଲପୁରୀ କଳା ସହିତ ଅତ୍ୟାଧୁନିକ ଭିତ୍ତିଭୂମି ସହିତ ନିର୍ମିତ ହୋଇଛି। ଆଇଆଇଏମ ସମ୍ବଲପୁର ମ୍ୟାନେଜମେଣ୍ଟ ବା ପ୍ରବନ୍ଧନ ଶିକ୍ଷାରେ ଉତ୍କର୍ଷତା ହାସଲ କରିବାରେ ଖ୍ୟାତି ଅର୍ଜନ କରିଛି। ଏହାର ମୂଳ ଆଦର୍ଶନ ହେଉଛି ନବସୃଜନ, ବିଶ୍ୱସନୀୟତା ଓ ସମାବେଶୀତା। ଛାତ୍ରଛାତ୍ରୀଙ୍କୁ ପ୍ରତିକୂଳ ପରିସ୍ଥିତିରେ ସାହସୀ ଏବଂ ସହନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟବସାୟ ଏବଂ ଦୃଢ ସଂକଳ୍ପ ଭଳି ଗୁଣକୁ ନେଇ ସମସ୍ତଙ୍କୁ ବିଫଳତାକୁ ଶିଖିବାର ଏବଂ ଆଗକୁ ବଢିବାର ଏକ ସୁଯୋଗ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ।

# ଯେକୌଣସି ଆଇନର ସାମ୍ବିଧାନିକତା ଯାଞ୍ଚ କରିବା ପାଇଁ ସମ୍ବିଧାନରେ ସୁପ୍ରିମକୋର୍ଟଙ୍କୁ ଦାୟିତ୍ୱ ଦିଆଯାଇଛି

**ନୂଆଦିଲ୍ଲୀ, ୨୦।୪**
**ନ୍ୟୁଜ ବ୍ୟୁରୋ**



ସୁପ୍ରିମକୋର୍ଟ ଏବଂ ମୁଖ୍ୟ ବିଚାରପତିଙ୍କ ସମ୍ପର୍କରେ ସାଂସଦ ନିଶିକାନ୍ତ ଦୁବେଙ୍କ ବିବାଦୀୟ ବୟାନକୁ ନେଇ ଅବମାନନା ମାମଲା ରୁଜୁ ପାଇଁ ଦାବି ଆରମ୍ଭ ହୋଇଛି। ସୁପ୍ରିମକୋର୍ଟର ଜଣେ ଓକିଲ ଅନ୍ ରେକର୍ଡରେ ଆଟର୍ଣ୍ଣି ଜେନେରାଲଙ୍କୁ ଏକ ଚିଠି ଲେଖି ଅବମାନନା ମାମଲା ଦାୟର କରିବାକୁ ଅନୁମତି ମାଗିଛନ୍ତି। ଅଦାଲତ ଅବମାନନା ଆଇନର ଧାରା, ୧୯୭୧ ର ଧାରା ୧୫ (୧) (ବି) ଏବଂ ଅବମାନନା ମାମଲା ପାଇଁ ସୁପ୍ରିମକୋର୍ଟର ୧୯୭୫ରେ ତିଆରି ନିୟମ ୩ (ମ) ଅନୁଯାୟୀ, କେବଳ ଆଟର୍ଣ୍ଣି ଜେନେରାଲ କିମ୍ବା ସଲିସିଟର ଜେନେରାଲଙ୍କ ସମ୍ମତି ପରେ ସୁପ୍ରିମକୋର୍ଟ ଅବମାନନା ମାମଲା ଆରମ୍ଭ କରାଯାଇପାରିବ। ଏପରି ପରିସ୍ଥିତିରେ, ଓକିଲ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣିଙ୍କୁ ଏକ ଚିଠି ଲେଖି ନିଶିକାନ୍ତ ଦୁବେଙ୍କ ବୟାନ ବିଷୟରେ ଅବଗତ କରାଇଛନ୍ତି। ଚିଠିରେ ଉଲ୍ଲେଖ ଅଛି ଯେ ଦୁବେ ସୁପ୍ରିମକୋର୍ଟଙ୍କୁ ସଂସଦର କାର୍ଯ୍ୟରେ ହସ୍ତକ୍ଷେପ କରିବାର ଅଭିଯୋଗ କରିଛନ୍ତି। ସେ ସୁପ୍ରିମକୋର୍ଟ ଉପରେ ଅରାଜକତା ବିସ୍ତାର କରିବାର ଅଭିଯୋଗ ମଧ୍ୟ କରୁଛନ୍ତି। ଓକିଲ ଲେଖିଛନ୍ତି, 'ଯେକୌଣସି ଆଇନର ସାମ୍ବିଧାନିକତା ଯାଞ୍ଚ କରିବା ପାଇଁ ସମ୍ବିଧାନରେ ସୁପ୍ରିମକୋର୍ଟଙ୍କୁ ଦାୟିତ୍ୱ ଦିଆଯାଇଛି। ନିଶିକାନ୍ତ ଦୁବେ କଥାକୁ ଭୁଲ ଉପାୟରେ ଉପସ୍ଥାପିତ କରି ସୁପ୍ରିମକୋର୍ଟଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି।' କର୍ଣ୍ଣାଟକ ହିଜାବ ମାମଲା ଏବଂ ୱାକଫ ସଂଶୋଧନ ଆଇନ ମାମଲା ସମେତ ଅନେକ ବଡ଼ ବଡ଼ ମାମଲାର ସହ ଜଡିତ ଆଡଭକେଟ୍ ଅନ ରେକର୍ଡ କହିଛନ୍ତି ଯେ ନିଶିକାନ୍ତ ଦୁବେ ସୁପ୍ରିମକୋର୍ଟଙ୍କୁ ମନ୍ଦିର ମାମଲାରେ କାଗଜପତ୍ର ମାଗିବା ଏବଂ ମସଜିଦକୁ ଛାଡ ଦେବାର ଅଭିଯୋଗ କରିଛନ୍ତି। ଏହା କହି ସେ ସାମ୍ପ୍ରଦାୟିକ ଆଧାରରେ ସମାଜରେ ସୁପ୍ରିମକୋର୍ଟ ପ୍ରତି ଅବିଶ୍ୱାସ ସୃଷ୍ଟି କରୁଛନ୍ତି। ଚିଠିରେ ଏହା ମଧ୍ୟ କୁହାଯାଇଛି ଯେ ଦୁବେ ପ୍ରଧାନ ବିଚାରପତି ସଞ୍ଜିବ ଖାନ୍ନାଙ୍କ ନାଁ ନେଇଛନ୍ତି ଏବଂ ତାଙ୍କୁ ଦେଶରେ ଗୃହଯୁଦ୍ଧ ପାଇଁ ଦାୟୀ କରିଛନ୍ତି। ଏପରି ସମସ୍ତ ବକ୍ତବ୍ୟ କୋର୍ଟ ଅବମାନନା ଆଇନ୍‌ର ଧାରା ୨(ମ) (ସ) ଅନୁଯାୟୀ ସୁପ୍ରିମକୋର୍ଟଙ୍କ ଅବମାନନା ସହିତ ସମାନ। ତେଣୁ, ଆଟର୍ଣ୍ଣି ଜେନେରାଲ ନିଶିକାନ୍ତ ଦୁବେଙ୍କ ବିରୁଦ୍ଧରେ ଅବମାନନା ମାମଲା ଆରମ୍ଭ କରିବାକୁ ଅନୁମତି ଦିଅନ୍ତୁ। ଉଲ୍ଲେଖନୀୟ ଯେ, ପୂର୍ବତନ ୟୁପି ଆଇପିଏସ ଅମିତାଭ ଠାକୁର ମଧ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ସେ ଆଟର୍ଣ୍ଣି ଜେନେରାଲଙ୍କୁ ଅନୁମତି ପାଇଁ ଏକ ଚିଠି ମଧ୍ୟ ପଠାଇଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ ଅତିରିକ୍ତ ତହସିଲଦାର

**ସମ୍ବଲପୁର, ୨୦/୪ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର। ସମ୍ବଲପୁର ଜିଲ୍ଲା ମାନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁଙ୍କୁ ଲାଞ୍ଚ ନେବା ବେଳେ ଧରିଛି ଭିଜିଲାନ୍ସ। ଚାଷଜମିର କିସମ ପରିବର୍ତ୍ତନ କରିବାକୁ ୬ ହଜାର ଲାଞ୍ଚ ନେଉଥିଲେ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ। ମିଳିଥିବା ସୂଚନା ମୁତାବକ ମାନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ ଜଣେ ବ୍ୟକ୍ତିଙ୍କୁ ଚାଷଜମିର କିସମ ପରିବର୍ତ୍ତନ କରି ଘରବାରି ବ୍ୟବହାରରେ ପରିଣତ କରିବା ଏବଂ ସେମାନଙ୍କ ସପକ୍ଷରେ ଏକ ରେକର୍ଡ ଅଫ୍ ରାଇଟ୍ସ ପ୍ରଦାନ କରିବା ପାଇଁ ଲାଞ୍ଚ ମାଗିଥିଲେ। ପ୍ରଥମେ ୧୦,୦୦୦ ଟଙ୍କା ଦାବି କରିଥିଲେ କିନ୍ତୁ ପରେ ଏହି ପରିମାଣକୁ ୬,୦୦୦ ଟଙ୍କାକୁ ହ୍ରାସ କରିଥିଲେ। ଯେତେବେଳେ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ ଲାଞ୍ଚ ବିନା ଅଭିଯୋଗକାରୀଙ୍କ ଅନୁରୋଧକୁ ପ୍ରକ୍ରିୟାକରଣ କରିବାକୁ ମନା କରିଦେଲେ, ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଭିଜିଲାନ୍ସ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁଙ୍କୁ ଉକ୍ତ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବା ବେଳେ ଗିରଫ କରିଛି ଓ ଲାଞ୍ଚ ଟଙ୍କା ମଧ୍ୟ ଜବତ କରାଯାଇଛି।

# ଦୁଷ୍କର୍ମ ପରେ ନାବାଳିକାକୁ ବସ୍ତାରେ ପୁରାଇ ଫିଙ୍ଗିଦେଲେ

**ଢେଙ୍କାନାଳ, ୨୦/୪ ନ୍ୟୁଜ ବ୍ୟୁରୋ**

୭ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ କରିବା ପରେ ବସ୍ତାରେ ପୁରାଇ ତାଳ ବରଡ଼ା ପତ୍ରତଳେ ସଜ୍ଞାହୀନ ଅବସ୍ଥାରେ ଲୁଚାଇ ଦୁର୍ବୃତ୍ତ ଚମ୍ପଟ ମାରିଛି। ପରେ ଗୁରୁତର ଅବସ୍ଥାରେ ପରିବାର ଲୋକେ ତାକୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅନୁଗୁଳ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏପରି ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲାରେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଏତଲା ହୋଇ ନଥିଲେ ବି ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଭାଷା ବିବାଦ ମଧ୍ୟରେ ସରକାରଙ୍କ ବଡ଼ ନିଷ୍ପତ୍ତି : ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୨୦।୪**



ମହାରାଷ୍ଟ୍ର ସରକାର ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ଯୋଜନାର ରୂପରେଖା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ମରାଠୀ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀକୁ ବାଧ୍ୟତାମୂଳକ ତୃତୀୟ ଭାଷା ଭାବରେ ଅନ୍ତର୍ଭୁକ୍ତ କରିବା। ନୀତିକୁ ଧିରେ ଧିରେ ଲାଗୁ କରାଯିବ। ୨୦୨୫-୨୬ରେ ଗ୍ରେଡ୍ ୧ରୁ ଆରମ୍ଭ କରି ୨୦୨୮-୨୯ ପର୍ଯ୍ୟନ୍ତ ସବୁ ଗ୍ରେଡ୍ ପର୍ଯ୍ୟନ୍ତ ବିସ୍ତାରିତ କରାଯିବ। ମହାରାଷ୍ଟ୍ର ସ୍କ୍ରିଟ୍ ଓ ବାଲଭାରତୀ ଦ୍ୱାରା ସ୍ଥାନୀୟ ପାଠ୍ୟକ୍ରମ ବିକାଶ ସହ ୫+୩+୩+୪ ମଡେଲକୁ ଗ୍ରହଣ କରାଯିବ। ମରାଠି ଓ ଇଂରାଜୀ ମାଧ୍ୟମ ସ୍କୁଲରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ହିନ୍ଦୀ ବାଧ୍ୟତାମୂଳକ ତୃତୀୟ ଭାଷା ଭାବରେ ସାମିଲ କରାଯିବ। ସରକାରଙ୍କ ଲକ୍ଷ୍ୟ ୨୦୨୫ ପର୍ଯ୍ୟନ୍ତ ୮୦% ଶିକ୍ଷକଙ୍କୁ ନୂଆ ଶିକ୍ଷଣୀୟ ପ୍ରଣାଳି ଓ ଡିଜିଟାଲ ଉପକରଣରେ ପ୍ରଶିକ୍ଷିତ କରିବା। ମହାରାଷ୍ଟ୍ର ଭଳି ରାଜ୍ୟରେ, ଯେଉଁଠାରେ ମରାଠୀ ହେଉଛି ମୁଖ୍ୟ ଭାଷା ସେଠାରେ ହିନ୍ଦୀକୁ ବାଧ୍ୟତାମୂଳକ କରିବା ଏକ ରଣନୈତିକ ନିଷ୍ପତ୍ତି ବୋଲି ବିବେଚନା କରାଯାଉଛି। ଏହା ଛାତ୍ରଛାତ୍ରୀମାନଙ୍କୁ ବହୁଭାଷୀ କରିବା ଏବଂ ଜାତୀୟ ସ୍ତରରେ ଆଲୋଚନା ଓ ସୁଯୋଗ ପାଇଁ ଦ୍ୱାର ଖୋଲିବା ଲକ୍ଷ୍ୟ ରହିଛି। ହିନ୍ଦୀ ଭାଷୀ ରାଜ୍ୟର ଛାତ୍ରଛାତ୍ରୀମାନେ ମଧ୍ୟ ମହାରାଷ୍ଟ୍ରରେ ଶିକ୍ଷା ପାଇବାର ସୁବିଧା ପାଇବେ। ସ୍କୁଲ ଶିକ୍ଷା ବିଭାଗ କହିଛି ଯେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଭାଷା ବିକାଶ ଏବଂ ଯୋଗାଯୋଗ ଦକ୍ଷତାକୁ ଉନ୍ନତ କରିବା ପାଇଁ ଏହି ପରିବର୍ତ୍ତନ କରାଯାଉଛି। ସରକାର ବିଶ୍ୱାସ କରନ୍ତି ଯେ ଏହା ପିଲାମାନଙ୍କ ମଧ୍ୟରେ ଭାଷାଗତ ବିବିଧତା ପ୍ରତି ସମ୍ମାନ ବୃଦ୍ଧି କରିବ ଏବଂ ଦେଶର ଏକତାକୁ ମଧ୍ୟ ସୁଦୃଢ଼ କରିବ। ତଥାପି, ରାଜ୍ୟରେ ଆଞ୍ଚଳିକ ଭାଷାର ପ୍ରାଥମିକତା ବଜାୟ ରଖିବା ବିଷୟରେ କଥାବାର୍ତ୍ତା କରୁଥିବା କିଛି ଆଞ୍ଚଳିକ ଦଳ ଏବଂ ସଂଗଠନ ଏହି ନିଷ୍ପତ୍ତିର ବିରୋଧ କରିପାରନ୍ତି। କିନ୍ତୁ ବର୍ତ୍ତମାନ ସରକାର ତାଙ୍କ ନିଷ୍ପତ୍ତିରେ ଦୃଢ଼ ଥିବା ପରି ମନେ ହେଉଛି।

# ସାରା ଦେଶରେ ଏକକାଳୀନ ନିର୍ବାଚନ କରାଯିବା ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ, ୨୦/୪**




ରବିବାର ଦିଲ୍ଲୀ ବିଜେପି କାର୍ଯ୍ୟାଳୟରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଦିଲ୍ଲୀର ବିଧାୟକମାନଙ୍କ ସହିତ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ବିଷୟରେ ଆଲୋଚନା କରାଯାଇଛି। ଏହି ବୈଠକରେ ଉପସ୍ଥିତ ବିଶିଷ୍ଟ ନେତାଙ୍କ ମଧ୍ୟରେ ବିଜେପି ସଭାପତି ବିରେନ୍ଦ୍ର ସଚ୍ଚେଦେବା, ମନ୍ତ୍ରୀ ପଙ୍କଜ ସିଂ, ରବିନ୍ଦ୍ର ଇନ୍ଦ୍ରରାଜ, ସାଂସଦ ଯୋଗେନ୍ଦ୍ର ଚାନ୍ଦୋଲିଆ, ସାଂସଦ କମଲଜିତ ସହରାୱତ, ବିଧାୟକ ଗଜେନ୍ଦ୍ର ଯାଦବ, ବିଧାୟକ ସତୀଶ ଉପାଧ୍ୟାୟ, ହରିଶ ଖୁରାନା ଏବଂ ଅନ୍ୟ ବରିଷ୍ଠ ନେତାମାନେ ସାମିଲ ହୋଇଥିଲେ। ବାସ୍ତବରେ, ସୁନୀଲ ବଂଶଲ ସେହି ହାଇପାୱାର କମିଟିର ଅଂଶ, 'ଯାହା ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ଉପରେ ଜନମତ ପାଇଁ ଗଠିତ। ସୂଚନା ଅନୁଯାୟୀ, ସେ ଏହା ପୂର୍ବରୁ ଅନେକ ରାଜ୍ୟରେ ଏପରି ବୈଠକରେ ଅଂଶଗ୍ରହଣ କରିଛନ୍ତି ଏବଂ ଦିଲ୍ଲୀରେ ତାଙ୍କର ଉପସ୍ଥିତି ସମାନ ଶୃଙ୍ଖଳାର ଏକ ଅଂଶ ଥିଲା। କୁହାଯାଉଛି ଯେ ଏହି ବୈଠକ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଦେଶର ପ୍ରତ୍ୟେକ ରାଜ୍ୟରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ସମ୍ପର୍କରେ ଅନୁଷ୍ଠିତ ହେଉଥିବା ବୈଠକର ଏକ ଅଂଶ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ନୀତି ସମ୍ପର୍କରେ ଦଳର ରୂପରେଖ ଏବଂ ପ୍ରଚାର ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯିବ ବୋଲି କୁହାଯାଉଥିଲା। 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ'ର ଧାରଣା ହେଉଛି ସାରା ଦେଶରେ ଏକକାଳୀନ ନିର୍ବାଚନ କରାଇବା। ଏହାର ଅର୍ଥ ହେଉଛି ସାରା ଭାରତରେ ଲୋକସଭା ଏବଂ ସମସ୍ତ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ଏକକାଳୀନ ଅନୁଷ୍ଠିତ ହେବ। ପ୍ରାୟ ସମାନ ସମୟରେ ଭୋଟଦାନ ହେବ। ବର୍ତ୍ତମାନ, ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକର ନିର୍ବାଚନ ପୃଥକ ଭାବରେ ଅନୁଷ୍ଠିତ ହେଉଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ତ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରକ୍ତରଞ୍ଜିତ ରାଜଧାନୀ: ୪ମାସରେ ଗଡ଼ିଲାଣି ୮ମୁଣ୍ଡ

**ଭୁବନେଶ୍ୱର, ୨୦/୪ ନ୍ୟୁଜ ବ୍ୟୁରୋ**



ରାଜଧାନୀରେ ବଢ଼ିଚାଲିଛି ହତ୍ୟା ଅପରାଧ। ରକ୍ତରଞ୍ଜିତ ହେଉଛି ସହର। ଚଳିତ ବର୍ଷର ୪ମାସ ଭିତରେ ଗଡ଼ିଲାଣି ୮ମୁଣ୍ଡ। ପ୍ରାୟ ସବୁଗୁଡ଼ିକ ଯୋଜନାବଦ୍ଧ ହତ୍ୟାକାଣ୍ଡ। କିନ୍ତୁ କୌଣସି ଗୋଟିଏ ମାମଲା ଲୁଟାଚୋରାରେ ହୋଇନାହିଁ। ଗୋଟିଏ ଦି'ଟିକୁ ବାଦ୍‌ଦେଲେ, ପ୍ରାୟ ସବୁ ସଂଘବଦ୍ଧ ଆକ୍ରମଣ ଓ ଅପରାଧୀମାନେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରୁଛନ୍ତି। ହଠାତ୍ ଅପରାଧୀଙ୍କ ଭିତରେ ଏଭଳିଭାବେ ବଢୁଥିବା ଦୁଃସାହସକୁ ନେଇ ବିଭିନ୍ନ ମହଲରୁ ଚିନ୍ତା ପ୍ରକଟ ହେଲାଣି। ପୁଲିସ ପାଇଁ ଏହା ଯେତିକି ମୁଣ୍ଡବିନ୍ଧାର କାରଣ ହୋଇଛି, ସାଧାରଣରେ ସେତିକି ଭୟର ବାତାବରଣ ସୃଷ୍ଟି କଲାଣି। ତେଣୁ ସ୍ୱାଭାବିକ ଭାବେ ଆଇନ୍ ଶୃଙ୍ଖଳାକୁ ନେଇ ସବୁ ମହଲରୁ ପ୍ରଶ୍ନ ଉଠିଲାଣି। ସହରରେ ଆୟୋଜନ ହେଉଥାଏ ପ୍ରବାସୀ ଭାରତୀୟ ଦିବସ। ସହର ସାରା ପୁଲିସ ଛାଉଣୀ। ସକାଳ ପ୍ରାୟ ୯ଟା ବେଳେ ମଞ୍ଚେଶ୍ୱର ଓ ସହିଦନଗର ଥାନାର ମଧ୍ୟ ଭାଗରେ ୧୬ ନମ୍ବର ଜାତୀୟ ରାଜପଥରେ ଲୋକଙ୍କ ଆଖି ସାମ୍ନାରେ ଘଟିଲା ବୀଭତ୍ସ ହତ୍ୟାକାଣ୍ଡ। କେଦାରପଲ୍ଲୀ ବସ୍ତିର ସହଦେବ ନାୟକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଦେଲେ ହତ୍ୟାକାରୀମାନେ। ଖଣ୍ଡା ଚୋଟରେ ସହଦେବଙ୍କ ବେକରୁ ମୁଣ୍ଡକୁ ଝୁଲାଇଦେଲେ। ସେଦିନ ଏହି ଛାତିଥରା ହତ୍ୟାକାଣ୍ଡ ସାରା ସହରରେ ଚାଞ୍ଚଲ୍ୟ ଖେଳାଇଦେଲା। ପୁଲିସ ଏହି ମାମଲାରେ ଲକ୍ଷ୍ମୀଧର ନାୟକ, ତା' ପତ୍ନୀ ଲିପିକା ନାୟକ, ରାକେଶ ନାୟକ, ତା' ପତ୍ନୀ ଲକ୍ଷ୍ମୀ ନାୟକ, ରକି ନାୟକ, ପିଙ୍କି ନାଏକ, ରମା ବେହେରା ଓ ସୁଶାନ୍ତ ନାଏକକୁ ଗିରଫ କରିଛି। କିନ୍ତୁ ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡର ଆଉ କିଛି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିପାରିନି। ଘଟଣା ଦିନ ଧଉଳି ଥାନା ପୁଲିସ ଲିଙ୍ଗିପୁର ଦୟାନଦୀ ପଠାରୁ ଜଣେ ମହିଳାଙ୍କ ଗଳିତ ଶବ ଜବତ କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲେ ହେଁ ବିଭିନ୍ନ କାରଣରୁ ପୁଲିସ ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡର ସୁରାକ୍ ପାଇ ନଥିଲା। କିନ୍ତୁ ୩ମାସର କସରତ ପରେ ପୁଲିସ ଏହି ରହସ୍ୟମୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଥିଲା। କନ୍ଧମାଳର ସ୍ନେହା ବେହେରାଙ୍କୁ ତାଙ୍କ ପ୍ରେମିକ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା କଥକୋଟ ଗ୍ରାମର ଚନ୍ଦନ ପରିଡ଼ା ଓରଫ ମଙ୍ଗୁ ହତ୍ୟା କରି ଫୋପାଡ଼ିଦେଇଥିଲା। ଖଣ୍ଡଗିରି ଥାନାର ନିଖୋଜ ମାମଲାରୁ ମଙ୍ଗୁର କାରନାମା ଧରାପଡ଼ିଥିଲା।

ସନ୍ଧ୍ୟା ବେଳେ ବାଲିଅନ୍ତା ଥାନା ଅଣ୍ଡିଲୋ ଗାଁ ମୁଣ୍ଡରେ ତରୁଣ ଭୋଇ ଓରଫ ଟିମା ସେହି ସାହିର ମିଳନ୍ ଭୋଇଙ୍କୁ ଖଣ୍ଡାରେ ହାଣି ମାରିଦେଇଥିଲା। ଟିମାର ସାଇକେଲ ଚୋରି ହୋଇଥିଲା ଏବଂ ସେ ସନ୍ଦେହ କରି ମିଳନ୍‌କୁ ପଚାରିଥିଲା। ମିଳନ୍ ମନା କରିବାରୁ ରାଗରେ ଟିମା ଘରୁ ଖଣ୍ଡା ଆଣି ମିଳନ୍‌ଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ପକାଇଥିଲା। ହୋଲିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲା କମିସନରେଟ୍ ପୁଲିସ। ଏହା ସତ୍ତ୍ୱେ ଦୁଇ ଜଣଙ୍କ ମୁଣ୍ଡ ଗଡ଼ିଲା। ସହିଦନଗରର ଶାନ୍ତିପଲ୍ଲୀ ବସ୍ତିରେ ଗୋପୀ ଗୁଣିଙ୍କୁ ସେହି ବସ୍ତିର ଦୁର୍ବୃତ୍ତମାନେ ଛୁରି ଭୁସି ହତ୍ୟା କଲେ। ସେହିପରି ମଞ୍ଚେଶ୍ୱର ଥାନା ସମେଇଗାଡ଼ିଆ ଅଞ୍ଚଳରେ ଆୟୁଷ୍ମାନ ପତିଙ୍କୁ ଗୋଡ଼ାଇ ଗୋଡ଼ାଇ ଦୁର୍ବୃତ୍ତମାନେ ଛୁରାମାଡ଼ କରି ଜୀବନ ନେଲେ। ଏହି ୨ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

ସଂଜବୁଡ଼ଟାରେ ବାଲିପାଟଣା ନରଦା ବଜାରରେ ଘଟିଥିଲା ଏହି ବୀଭତ୍ସ ହତ୍ୟାକାଣ୍ଡ। ସାନ ଶଳା ମିରସୟଦ୍ ଖଣ୍ଡାରେ ହାଣି ଭିଣୋଇ ମୁସ୍ତାକିନ୍ ଅଲ୍ଲୀଙ୍କୁ ହତ୍ୟା କଲା। ଜମିଜମା ବିକ୍ରିବଟାକୁ ନେଇ ଭିଣୋଇ ମୁସ୍ତାକିନ୍ ଶଶୁରଘରେ ମୁଣ୍ଡ ଖେଳାଉଥିବାରୁ ଶଳା ମିର ସୟଦ ଗୋଡ଼ାଇ ଗୋଡ଼ାଇ ହାଣିପକାଇଲା। ଘଟଣା ଦିନ ରାତିରେ ଜଟଣୀ ବିକାଶନଗରର ମାନସ ଦଳେଇ ଓରଫ ରାକେଶକୁ ଖଣ୍ଡାରେ ହାଣି ହତ୍ୟା କରିଥିଲେ ଦୁର୍ବୃତ୍ତମାନେ। ଲଘୁ ଖଣିଜ ଚୋରା ଚାଲାଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣାରେ ପୁଲିସ ଉପରବସ୍ତର ଦୁଇ ଭାଇ ଅଭିରାମ ବାଘସିଂ ଓ ସପନା ବାଘସିଂକୁ ଗିରଫ କରିଥିଲେ ହେଁ ଆହୁରି ୬ଜଣ ଫେରାର ଅଛନ୍ତି। ଘଟଣା ଦିନ ୟୁନିଟ୍-୬ ଅଞ୍ଚଳର ବିଲ୍‌ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ତାଙ୍କୁ ଜାମୁକୋଳି ଗାଁ କାଜୁ ଜଙ୍ଗଲକୁ ଟେକି ନେଇ ମାରିଦେଇଥିଲେ। ଏହି ମାମଲାରେ ପୁଲିସ ମାଷ୍ଟରମାଇଣ୍ଡ୍ ତଥା ମୁଖ୍ୟ ଷଡ଼ଯନ୍ତ୍ରକାରୀ ହୋମ୍‌ଗାର୍ଡ ସୁକାନ୍ତ ବେହେରା, ଗୁଲୁ ମହାନ୍ତି, ମନୋଜ ବେହେରାକୁ ଗିରଫ କରିଛି। କିନ୍ତୁ ଆହୁରି ୫ ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଛି।